R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୧୪
ତିଥି : ଚତୁର୍ଦ୍ଦଶୀ
୨୨ ଅଗଷ୍ଟ ୨୦୨୫, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 314
22 Aug 2025, Friday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଜିଏସ୍‌ଟିର ହେବ ସରଳୀକରଣ

# ଦୁଇ ସ୍ଲାବ୍‌ରେ ରହିବ ଟିକସ

ନୂଆଦିଲ୍ଲୀ, ୨୧।୮ : ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି)ର ସରଳୀକରଣ କରାଯିବ। ବର୍ତ୍ତମାନ ଥିବା ଟିକସର ୪ଟି ସ୍ଲାବକୁ ହଟାଇ

- ୯୯% ସାମଗ୍ରୀ ୫% ସ୍ଲାବ୍‌କୁ ଆସିବ
- ୯୦% ସାମଗ୍ରୀ ୧୮%ରେ ରହିବ



ଦୁଇଟି ସ୍ଲାବ ରଖାଯିବ। ବର୍ତ୍ତମାନ ଥିବା ବ୍ୟବସ୍ଥାରେ ୫%, ୧୨%, ୧୮% ଓ ୨୮% ରହିଛି। ଏହାକୁ ଉଚ୍ଛେଦ କରାଯାଇ କେବଳ ୫% ଓ ୧୮% ରହିବ ବୋଲି ମନ୍ତ୍ରୀ ଗୋଷ୍ଠୀ ବୈଠକରେ ନିଷ୍ପତ୍ତି ହୋଇଛି।

ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ବସିଥିବା ୬ ସଦସ୍ୟ ବିଶିଷ୍ଟ ମନ୍ତ୍ରୀଙ୍କ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଅଧିକାଂଶ ୫% ଟିକସ ରହିବ ଓ ଅନ୍ୟ ସାମଗ୍ରୀ ଉପରେ ୧୮% ଟିକସ ଲାଗୁ ହେବ। ବିଳାସପୂର୍ଣ୍ଣ ସାମଗ୍ରୀରେ ୪୦% ଟିକସର ସ୍ଲାବ୍ ରହିବ। ଯୋଜନା ଅନୁଯାୟୀ ୯୯% ସାମଗ୍ରୀ ଉପରୁ ଟିକସକୁ ୧୨%ରୁ ୫%କୁ ହ୍ରାସ କରାଯିବ। ସେହିଭଳି ୯୦% ସାମଗ୍ରୀ ଉପରେ ଥିବା ୨୮% ଟିକସ ସ୍ଲାବ୍‌କୁ ହ୍ରାସ କରାଯାଇ ୧୮% କରାଯିବ। ମନ୍ତ୍ରିସ୍ତରୀୟ କମିଟି ଆଜି ଏହାର ସମୀକ୍ଷା କରିଛନ୍ତି। ଏଥିରେ ଉତ୍ତରପ୍ରଦେଶ ଅର୍ଥମନ୍ତ୍ରୀ ସୁରେଶ କୁମାର ଖାନ୍ନା, ରାଜସ୍ଥାନ ସ୍ୱାସ୍ଥ୍ୟମନ୍ତ୍ରୀ ଗଜେନ୍ଦ୍ର ସିଂହ, ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ, କର୍ଣ୍ଣାଟକ ରାଜସ୍ୱ ମନ୍ତ୍ରୀ କ୍ରିଷ୍ଣା ଗୌଡା, କେରଳ ଅର୍ଥମନ୍ତ୍ରୀ କେଏନ୍ ବାଲଗୋପାଳ ଉପସ୍ଥିତ ଥିଲେ। ଏହି ନୂତନ ପ୍ରସ୍ତାବ ଦ୍ୱାରା ମଧ୍ୟବିତ୍ତ ପରିବାର ବିଶେଷକରି ଚାଷୀମାନେ ଫାଇଦା ପାଇବେ। ଔଷଧ, ପ୍ରକ୍ରିୟାକରଣ ଖାଦ୍ୟ ଓ ପୋଷାକ, ଜୋତା ଓ ଅନ୍ୟାନ୍ୟ ଘରୋଇ ବ୍ୟବହାର ସାମଗ୍ରୀ ଉପରେ ୫% ଟିକସ ସ୍ଲାବ୍ ରହିବ ବୋଲି ଆଶା କରାଯାଉଛି। ସେହିଭଳି ଟେଲିଭିଜନ ଓ ଅନ୍ୟାନ୍ୟ ସାମଗ୍ରୀ ଉପରେ ୨୮% ଟିକସକୁ ହ୍ରାସ କରାଯାଇ ୧୮% କରାଯିବ। ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଥିଲେ ଯେ ବ୍ୟବସ୍ଥାର ସରଳୀକରଣ କରାଯାଇ ସାଧାରଣ ଲୋକ, ଚାଷୀ, ମଧ୍ୟବିତ୍ତ ଓ ଏମ୍‌ଏସ୍‌ଇମାନଙ୍କୁ ଫାଇଦା ପହଞ୍ଚାଯିବ। ମନ୍ତ୍ରିସ୍ତରୀୟ ଗୋଷ୍ଠୀ ପ୍ରସ୍ତାବ ଦେଇଛି ଯେ ବିଳାସପୂର୍ଣ୍ଣ କାରଗୁଡ଼ିକ ଉପରେ ୪୦% ଟିକସ ଲାଗୁ କରାଯାଉ।

# ବିଧାନସଭା ମୌସୁମୀ ଅଧିବେଶନ ୧୮ ରୁ

ଭୁବନେଶ୍ୱର, ୨୧।୮ (ସବ୍ୟୁ): ଆସନ୍ତା ମାସ ଅର୍ଥାତ ସେପେଟମ୍ବର ୧୮ ତାରିଖରୁ ଆରମ୍ଭ ହେବ ବିଧାନସଭାର ମୌସୁମୀ ଅଧିବେଶନ। ୨୫ ତାରିଖ ଯାଏଁ ଅଧିବେଶନ ଚାଲିବ। ଏହି ଅଧିବେଶନରେ ୭ଟି କାର୍ଯ୍ୟଦିବସ ରହିବ। ଗୋଟିଏ ଦିନ ପ୍ରାଇଭେଟ ମେମ୍ବର ବିଲ୍ ଏବଂ ଗୋଟିଏ ଦିନ ନୋ ଅଫିସ ଡେ ରହିଛି। ତେବେ ମୌସୁମୀ ଅଧିବେଶନରେ ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହେଉଛନ୍ତି। ରାଜ୍ୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସଙ୍ଗରେ ସରକାରଙ୍କୁ ଉତ୍ତର ମଗାଯିବ ବୋଲି ବିରୋଧୀ କହିଛନ୍ତି। କଡ଼ା କାଉଣ୍ଟର ପାଇଁ ଶାସକ ଦଳ ମଧ୍ୟ ରଣନୀତି ପ୍ରସ୍ତୁତ କରିଛି।



ମୌସୁମୀ ଅଧିବେଶନରେ ବିଜିନେସ୍ ଆଡଭାଇଜରୀ କମିଟିର ନିଷ୍ପତ୍ତି ଅନୁସାରେ କିଛି ବିଲ୍ ଆସିପାରେ ବୋଲି ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ। ସେ କହିଛନ୍ତି ଯେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ଯେଉଁ ପ୍ରସଙ୍ଗ ରହିଛି, ସେ ବାବଦରେ ଆଲୋଚନା ହେବ। ବିରୋଧୀ ଯେଉଁ ପ୍ରସଙ୍ଗ ଆଣିବେ ତାକୁ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ଗଠନମୂଳକ ପ୍ରସ୍ତାବ ବିରୋଧୀ ଆଣନ୍ତୁ ତା'ଉପରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି।

# ଓଟିଇଟି ପରୀକ୍ଷା ପୁଣି ସ୍ଥଗିତ

କଟକ, ୨୧।୮ (ସବ୍ୟୁ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷାକୁ ପୁଣି ସ୍ଥଗିତ ରଖାଯାଇଛି। ଆସନ୍ତା ଅଗଷ୍ଟ ୩୧ ତାରିଖରେ ଏହି ସ୍ୱତନ୍ତ୍ର ଓଟିଇଟି ହେବନାହିଁ। ଅନିବାର୍ଯ୍ୟ କାରଣ ଦର୍ଶାଇ ବୋର୍ଡ ପକ୍ଷରୁ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିବା ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବାରମ୍ବାର ପରୀକ୍ଷା ଘୁଞ୍ଚିବାକୁ ନେଇ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପରବର୍ତ୍ତୀ ସମୟରେ କେବେ ପରୀକ୍ଷା କରାଯିବ ଏବଂ କେଉଁ କାରଣରୁ ପରୀକ୍ଷା ସ୍ଥଗିତ ରଖାଗଲା ତାହା କର୍ତ୍ତୃପକ୍ଷ ସ୍ପଷ୍ଟ କରୁନାହାନ୍ତି। ସ୍ୱତନ୍ତ୍ର ଓଟିଇଟି ପ୍ରଶ୍ନପତ୍ର କେଳେଙ୍କାରୀରେ ସବୁ ସେଟ୍‌ର ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ସନ୍ଦେହ କରାଯାଉଥିବାବେଳେ ୭୫ ହଜାର ଶିକ୍ଷକଙ୍କ ପଦୋନ୍ନତି ଝୁଲି ରହିଛି। ସେପ୍ଟେମ୍ବର ଶେଷ କିମ୍ବା ଅକ୍ଟୋବରରେ ପରୀକ୍ଷା କରିବାକୁ ବୋର୍ଡ କର୍ତ୍ତୃପକ୍ଷ ଯୋଜନା ରଖିଛନ୍ତି। ଅନ୍ୟପକ୍ଷରେ ପ୍ରଶ୍ନପତ୍ର ସୁରକ୍ଷା ବ୍ୟବସ୍ଥା ଉପରେ ବୋର୍ଡ ଗୁରୁତ୍ୱ ଦେଇଛି। ନୂଆ ଫାର୍ମକୁ ପ୍ରଶ୍ନପତ୍ର ମୁଦ୍ରଣ ଦାୟିତ୍ୱ ଦିଆଯିବ ବୋଲି ଜଣାପଡ଼ିଛି।

ସମୟ ଗଡ଼ୁଥିବାବେଳେ ସ୍ୱତନ୍ତ୍ର ଓଟିଇଟିକୁ ନେଇ ତାରିଖ ପରେ ତାରିଖ ବଦଳୁଛି। କେତେବେଳେ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହୋଇଯାଉଛି ତ ପୁଣି ତାରିଖ ଘୋଷଣା ପରେ ପୁଣି ସ୍ଥଗିତ ରଖାଯାଉଛି। ଗତ ଜୁଲାଇ ୨୦ରେ ପରୀକ୍ଷା ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା; କିନ୍ତୁ ସାମାଜିକ ଗଣମାଧ୍ୟମରେ ପରୀକ୍ଷାର ଦିନକ ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଗଲା। ବୋର୍ଡର ପୂର୍ବତନ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କ ସମେତ ୮ ଜଣ ଏହି ପ୍ରଘଟ ପଛରେ ରହିଥିବାବେଳେ ସେମାନଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କଲା। ଏହାପରେ ନୂତନ ଭାବେ ଅଗଷ୍ଟ ୩୧ରେ ସାନି ପରୀକ୍ଷା ହେବ ବୋଲି ଅଗଷ୍ଟ ୧ରେ ବୋର୍ଡ କର୍ତ୍ତୃପକ୍ଷ ବିଜ୍ଞପ୍ତି ବାହାର କଲେ। ଆରମ୍ଭରୁ ଏଥିରେ ସ୍ୱଚ୍ଛତା ରହିବ କି ନାହିଁ ଏବଂ ପରୀକ୍ଷା ଏକ ମାସ ମଧ୍ୟରେ ହୋଇପାରିବ କି ନାହିଁ ସନ୍ଦେହ ଉପୁଜିଥିଲା। ଏପରିକି ଏହି ସମୟ ମଧ୍ୟରେ ବୋର୍ଡ ପରୀକ୍ଷା କରିବାରେ ଅକ୍ଷମ ଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଚିଠି ଲେଖିଥିଲେ। ହେଲେ ଶ୍ରୀ ତରାଇଙ୍କୁ ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ ପଚାରିଥିଲେ ମଧ୍ୟ କୌଣସି ସ୍ପଷ୍ଟ ଉତ୍ତର ନ ରଖି ପରୀକ୍ଷା ହୋଇ ନ ପାରେ ବୋଲି କହି କଥାକୁ ଖଣ୍ଡନ କରିଥିଲେ। ଏବେ ପରୀକ୍ଷାକୁ ସ୍ଥଗିତ ରଖିବାକୁ (୯ ପୃଷ୍ଠାରେ)

## କେନ୍ଦୁଝରରେ ସ୍ଥାପିତ ହେବ ରାଜ୍ୟର ଦ୍ୱିତୀୟ ବୃହତ ଇସ୍ପାତ କାରଖାନା

# ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାବାସୀଙ୍କ କୃତଜ୍ଞତା

ଭୁବନେଶ୍ୱର, ୨୧।୮ (ସବ୍ୟୁ) : ଗୁରୁବାର ଅପରାହ୍ନରେ ଭୁବନେଶ୍ୱର ରାଜ୍ୟ ଅତିଥି ଭବନ ଠାରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସଂଗଠନ ଓ ନାଗରିକ ମଞ୍ଚ ଜିଲ୍ଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଓ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଦକ୍ଷିଣ କୋରିଆର ପ୍ରସିଦ୍ଧ ଇସ୍ପାତ ଶିଳ୍ପ ପୋସ୍କୋ ଏବଂ ଭାରତର ଜେ.ଏସ୍. ଡବ୍ଲ୍ୟୁର ମିଳିତ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାର ପାଟଣା ଅଞ୍ଚଳରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଏହା ହେବ ରାଜ୍ୟର ଦ୍ୱିତୀୟ ବୃହତ ଇସ୍ପାତ କାରଖାନା।




ଜିଲ୍ଲାରେ ଏହି କାରଖାନା ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ଶାସନକୁ ଆସିବା ଆଗରୁ ଦାବୀ କରି ଆସୁଥିଲେ। ଏହା ମଧ୍ୟ ଦଳର ନିର୍ବାଚନ ଇସ୍ତାହାରରେ ସ୍ଥାନ ପାଇଥିଲା। କେନ୍ଦୁଝରର ଲୁହାପଥର ବିଦେଶକୁ ରପ୍ତାନୀ ହୋଇ କାମରେ ଆସୁଛି କିନ୍ତୁ ଓଡିଶାରେ ଏହା କାହିଁକି ବ୍ୟବହାର ହୋଇପାରୁନାହିଁ ବୋଲି ମୁଖ୍ୟମନ୍ତ୍ରୀ ସବୁବେଳେ ଦାବୀ କରିଆସୁଥିଲେ ଏବଂ ଏଥିପାଇଁ ଲଗାତାର ଉଦ୍ୟମ ଜାରି ରଖିଥିଲେ।

କେନ୍ଦୁଝର ଜିଲ୍ଲାବାସୀଙ୍କ ବହୁତ ଦିନର ସ୍ୱପ୍ନ ଥିଲା, ଜିଲ୍ଲାରେ ଇସ୍ପାତ କାରଖାନା। ଆଜି ଏହା ସାକାର ହେବାକୁ ଯାଉଛି, ଏହା ସମ୍ଭବ ହୋଇଛି ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକ ପ୍ରଚେଷ୍ଟା ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ବୋଲି ଆଜି ଧନ୍ୟବାଦ ଦେବାପାଇଁ ଆସିଥିବା କେନ୍ଦୁଝର ଜିଲ୍ଲାବାସୀଙ୍କ ମତ ଥିଲା। କେନ୍ଦୁଝର ଜିଲ୍ଲାର ପ୍ରାୟ ସମସ୍ତ ଅଞ୍ଚଳର ଆଦିବାସୀ ମଞ୍ଚ, ଯୁବ ଛାତ୍ରସାମୁଖ୍ୟ, ନାଗରିକ ମଞ୍ଚ, ପ୍ରେସ୍ କ୍ଲବ, ବୁଦ୍ଧିଜୀବୀ ଓ ଅନ୍ୟାନ୍ୟ ସଂଗଠନର (୯ ପୃଷ୍ଠାରେ)

# ୨୭ ଜିଲ୍ଲାରେ ନାହାନ୍ତି ଜିଲ୍ଲା ମତ୍ସ୍ୟ ଅଧିକାରୀ

ଭୁବନେଶ୍ୱର, ୨୧।୮ (ସବ୍ୟୁ): ଓଡ଼ିଶାର ଏବେ ବି ୨୭ଟି ଜିଲ୍ଲାରେ ନାହାନ୍ତି ଡିଏଫ୍‌ଓ ବା ଜିଲ୍ଲା ମତ୍ସ୍ୟ ଅଧିକାରୀ। ମୟୂରଭଞ୍ଜ, କେନ୍ଦ୍ରାପଡ଼ା ଓ ନୟାଗଡ଼ ଜିଲ୍ଲାକୁ ଛାଡ଼ିଦେଲେ ଓଡ଼ିଶାର ଅନ୍ୟ ସମସ୍ତ ଜିଲ୍ଲା ଗୁଡ଼ିକରେ ପ୍ରଭାରୀ ଜିଲ୍ଲା ମତ୍ସ୍ୟ ଅଧିକାରୀ ବା ଇନ୍‌ଚାର୍ଜ ଡ଼ିଏଫ୍‌ଓଙ୍କ ଦ୍ୱାରା ପରିଚାଳିତ ହେଉଛି। ରାଜ୍ୟ ସରକାରଙ୍କ "ଭିଜନ୍ ଓଡ଼ିଶା ୨୦୩୬'ରେ ମତ୍ସ୍ୟ ଉତ୍ପାଦନ ୩.୩ ମିଲିୟନ ମେଟ୍ରିକ୍ ଟନ୍‌ରେ ପହଞ୍ଚାଇବା ଏବଂ ମତ୍ସ୍ୟ ସମ୍ପଦର ୧୦ ଗୁଣ ବିକାଶ କରିବାର ବାର୍ତ୍ତା ଯେ କେତେଦୂର ସଫଳ ହେବ ତାହା ଏବେ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ଓଡ଼ିଶାରେ ପ୍ରାୟ ୧୫ ଲକ୍ଷ ଲୋକଙ୍କ ଜୀବିକା ମତ୍ସ୍ୟସମ୍ପଦ ଉପରେ ନିର୍ଭରଶୀଳ। ରାଜ୍ୟରେ ପ୍ରାୟ ୯୫ ପ୍ରତିଶତ ଲୋକ ମାଛ ଖାଉଥିବା ସ୍ଥଳେ ଜଣେ ଲୋକ ବର୍ଷକୁ ହାରାହାରି ୧୮.୩୩ କିଲୋ ମାଛ ଖାଇଥାନ୍ତି। ଯାହା କି ଆମ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଠାରୁ ମଧ୍ୟ ଅଧିକ ବୋଲି ପରିସଂଖ୍ୟାନରୁ ଜଣାପଡିଛି। ଏହାଛଡା ବର୍ତ୍ତମାନ ମତ୍ସ୍ୟସମ୍ପଦ ଜାତୀୟସ୍ତରରେ ଏକ ବିକାଶଶୀଳ ସମ୍ପଦ ହୋଇ ଉଭା ହୋଇଛି। (୯ ପୃଷ୍ଠାରେ)

# ଆଇପିଏସ୍, ଓପିଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୨୧।୮ (ସବ୍ୟୁ) : ଆଇପିଏସ୍ ଓ ଓପିଏସ୍ ସ୍ତରରେ ରାଜ୍ୟ ସରକାର ଏକ ବଡ ଧରଣର ଅଦଳ ବଦଳ କରିଛନ୍ତି। ୧୮ ଆଇପିଏସ୍ ଅଫିସରଙ୍କୁ ବଦଳି କରାଯାଇଥିବାବେଳେ ୧୨ ଓପିଏସ୍ ଅଫିସରଙ୍କୁ ବଦଳି କରାଯାଇଛି। ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ ଆଇପିଏସ୍ ଅଫିସର ସନ୍ତୋଷ ବାଲାଙ୍କୁ ଏସ୍‌ଏଫ୍‌ଏସ୍‌ଏଲ୍‌ର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ଆଇପିଏସ୍ ଏସ୍ ପ୍ରବୀଣ କୁମାରଙ୍କୁ ପ୍ରୋଭିଜନିଂ ଆଇଜି, ଗଜଭାୟା ସତୀଶ କୁମାରଙ୍କୁ ସ୍ୱତନ୍ତ୍ର ଆର୍ମଣ୍ଡ ପୋଲିସର ଆଇଜି, ସଞ୍ଜୟ କୁମାର କୌଶଲଙ୍କୁ ଇଓଡବ୍ଲ୍ୟୁର

**ବଦଳିଲେ ୧୧ ଏସ୍‌ପି**

ଆଇଜି, ଅଭିନାଶ କୁମାରଙ୍କୁ ଷ୍ଟେଟ୍ କ୍ରାଇମ୍ ରେକର୍ଡ ବ୍ୟୁରୋର ନିର୍ଦ୍ଦେଶକ, ସତ୍ୟଜିତ୍ ନାୟକଙ୍କୁ କେନ୍ଦ୍ରାଞ୍ଚଳ ଡିଆଇଜି, ପିନାକ ମିଶ୍ରଙ୍କୁ ପୂର୍ବାଞ୍ଚଳ ଡିଆଇଜି ଭାବେ ବଦଳି କରାଯାଇଛି। ସେହିଭଳି ଏସ୍‌ପି ସ୍ତରରେ ମଧ୍ୟ ଅଦଳ ବଦଳ କରାଯାଇଛି। ଝାରସୁଗୁଡା ଏସ୍‌ପି ପର୍ସୋତମ୍ ଦାସଙ୍କୁ ଏସ୍‌ପି କ୍ରାଇମ୍‌ବ୍ରାଞ୍ଚ, ବିବେକାନନ୍ଦ ଶର୍ମାଙ୍କୁ ଖୋର୍ଦ୍ଧା ଏସ୍‌ପି, ପ୍ରତୀକ ସିଂହଙ୍କୁ ପୁରୀ ଏସ୍‌ପି, ପ୍ରତ୍ୟୁଷ ଦିବାକରଙ୍କୁ ବାଲେଶ୍ୱର ଏସ୍‌ପି, ବିନିତ୍ ଅଗ୍ରୱାଲଙ୍କୁ କଟକ (ଗ୍ରାମାଞ୍ଚଳ) ଏସ୍‌ପି, ରାଜ ପ୍ରସାଦଙ୍କୁ ଏସ୍‌ପି ସ୍ପେଶାଲ ବ୍ରାଞ୍ଚ, ଗୁନ୍ଦାଲା ରେଡ୍ଡୀଙ୍କୁ ଝାରସୁଗୁଡା ଏସ୍‌ପି, ଅଙ୍କିତ କୁମାର ବର୍ମାଙ୍କୁ ଜଗତସିଂହପୁର ଏସ୍‌ପି, ଅମ୍ରିତ୍‌ପାଲ୍ ସିଂହଙ୍କୁ ନୂଆପଡା ଏସ୍‌ପି, ଅମ୍ରିତ୍ ପାଲ୍ କୌରଙ୍କୁ ସୁନ୍ଦରଗଡ ଏସ୍‌ପି ଭାବେ ବଦଳି କରାଯାଇଛି। ସେହିଭଳି ଭବାନୀ ଶଙ୍କର ଉଦ୍‌ଗାତାଙ୍କୁ କଟକ ରେଲୱେ ଏସ୍‌ପି ଭାବେ ବଦଳି କରାଯାଇଛି।

ସେହିଭଳି ୧୨ ଓପିଏସ୍ ଅଫିସରଙ୍କୁ ବଦଳି କରାଯାଇଛି। ବିମଳେନ୍ଦୁ ଶତପଥୀଙ୍କୁ ରାଜ୍ୟ ପୋଲିସ ମୁଖ୍ୟାଳୟ ଏସ୍‌ପି ଭାବେ ବଦଳି କରାଯାଇଥିବାବେଳେ, କିଶୋର ଚନ୍ଦ୍ର ମୁଣ୍ଡଙ୍କୁ ପୋଲିସ କମିଶନରେଟ୍‌ର ଡିସିପି, ଅନୁପ କୁମାର କାନୁନ୍‌ଗୋଙ୍କୁ କମିଶନରେଟ୍ ଡିସିପି, ଶ୍ରୀକାନ୍ତ କୁମାର ବେହେରାଙ୍କୁ ଇଓଡବ୍ଲ୍ୟୁ ଭୁବନେଶ୍ୱର ଏସ୍‌ପି, (୯ ପୃଷ୍ଠାରେ)

# ଉପରାଷ୍ଟ୍ରପତି ପଦ ଲାଗି ଜଷ୍ଟିସ୍ ରେଡ୍ଡୀଙ୍କ ନାମାଙ୍କନ ଦାଖଲ



ନୂଆଦିଲ୍ଲୀ, ୨୧।୮ : ବିରୋଧୀ ମେଣ୍ଟ ଇଣ୍ଡିଆର ଉପରାଷ୍ଟ୍ରପତି ପ୍ରାର୍ଥୀ ତଥା ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ବି ସୁଦର୍ଶନ ରେଡ୍ଡୀ ଆଜି ନାମାଙ୍କନ ଦାଖଲ କରିଛନ୍ତି। ଶ୍ରୀ ରେଡ୍ଡୀ ନାମାଙ୍କନପତ୍ର ଦାଖଲ କଲାବେଳେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନେ ଖଡ୍‌ଗେ, ସଂସଦୀୟ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧି, ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ଏନ୍‌ସିପି (ଏସ୍‌ସିପି)ର ମୁଖ୍ୟ ଶରଦ ପାୱାର, ସମାଜବାଦୀ ପାର୍ଟିର ସାଂସଦ ରାମଗୋପାଳ ଯାଦବ, ଡିଏମ୍‌କେ ସାଂସଦ (୯ ପୃଷ୍ଠାରେ)

# ସରିଲା ସଂସଦର ମୌସୁମୀ ଅଧିବେଶନ

ନୂଆଦିଲ୍ଲୀ, ୨୧।୮ : ସଂସଦର ମୌସୁମୀ ଅଧିବେଶନ ଆଜି ଶେଷ ହୋଇଛି। ସଂସଦର ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବି କରାଯାଇଛି। ୨୧ ଦିନ ଧରି ମୌସୁମୀ ଅଧିବେଶନ ବସିଥିଲେ ହେଁ ବିରୋଧୀଙ୍କ ବିରୋଧ ଯୋଗୁ ଏହା ଚାଲିପାରିନଥିଲା। ଜୁଲାଇ ୨୧ରୁ ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିଲା।



ଲୋକସଭାରେ ୧୨୦ ଘଣ୍ଟା କାର୍ଯ୍ୟ ନିର୍ଘଣ୍ଟ ହେବ ବୋଲି ସ୍ଥିର କରାଯାଇଥିବାବେଳେ ମାତ୍ର ୩୭ ଘଣ୍ଟା ଚାଲିପାରିଛି। ସେହିଭଳି ରାଜ୍ୟସଭା ମାତ୍ର ୪୧ ଘଣ୍ଟା ୧୫ ମିନିଟ୍ ପାଇଁ ଚାଲିଛି। ଲୋକସଭାରେ କାର୍ଯ୍ୟ ନିର୍ଘଣ୍ଟ ମାତ୍ର ୩୧ % ହୋଇଥିବାବେଳେ ରାଜ୍ୟସଭାରେ ଏହା ୩୮.୮% ହୋଇଛି। ୧୪ଟି ବିଲ୍‌କୁ ଲୋକସଭାରେ ଆଗତ କରାଯାଇଥିବାବେଳେ ୧୨ ପାରିତ କରାଯାଇଛି। ବିଶେଷକରି ଜାତୀୟ କ୍ରୀଡା ପ୍ରଶାସନିକ ବିଲ୍, ଅନ୍‌ଲାଇନ୍ ଗେମିଂ ବିଲ୍ ଆଦି ପାରିତ ହୋଇଛି। ସଂସଦ ମଧ୍ୟ ମଣିପୁରରେ ରାଷ୍ଟ୍ରପତି ଶାସନ କାର୍ଯ୍ୟକାଳକୁ ଆଉ ୬ ମାସ ଲାଗି ବୃଦ୍ଧି କରିଛନ୍ତି। ସଂସଦର ସବୁଠୁ ଉଲ୍ଲେଖନୀୟ ଘଟଣା ଥିଲା ଯେ ଅପରେସନ୍ ସିନ୍ଦୂର ସମ୍ପର୍କରେ ଦୁଇଦିନ ଆଲୋଚନା ହୋଇଛି। ୧୩୦ ସାଂସଦ ଉଭୟ ଗୃହର ଆଲୋଚନାରେ ଭାଗ ନେଇଥିଲେ। ତେବେ ବିହାରରେ ଚାଲିଥିବା ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନକୁ ବିରୋଧ କରି ବିରୋଧୀ ସଦସ୍ୟମାନେ ବିରୋଧ ପ୍ରଦର୍ଶନ କରିଥିବାରୁ ଗୃହର କାର୍ଯ୍ୟ ଚାଲିପାରିନଥିଲା। ଲୋକସଭାରେ ୫ ତାରକା ପ୍ରଶ୍ନ ଓ ୪୧୯ ଅଣତାରକା ପ୍ରଶ୍ନ ଓ ରାଜ୍ୟସଭାରେ ମାତ୍ର ୧୪ ପ୍ରଶ୍ନ ଓ ୭ ଶୂନ୍ୟକାଳ ହୋଇପାରିଛି। ବାଚସ୍ପତି ଓମ୍‌ବିର୍ଲା ବିରୋଧୀ ସଦସ୍ୟଙ୍କ ଆଚରଣରେ କ୍ଷୁବ୍ଧ ହୋଇଥିଲେ। ସେ କହିଥିଲେ ଯେ ଲୋକମାନେ ବିତର୍କ ଆଶା କରୁଛନ୍ତି। ସେମାନେ ପ୍ଲାକାର୍ଡ ଓ ସ୍ଲୋଗାନ ଦେଖିବାକୁ ଚାହୁଁନାହାନ୍ତି। ବାରମ୍ବାର ଏଭଳି ହଟ୍ଟଗୋଳ କରାଯିବା ସଂସଦର ସମ୍ମାନକୁ କ୍ଷୁର୍ଣ୍ଣ କରୁଛି। ଯୋଜନାବଦ୍ଧ ବିଭ୍ରାଟ ସୃଷ୍ଟିକୁ ନେଇ ସେ (୯ ପୃଷ୍ଠାରେ)

- ବିଭ୍ରାଟ ସୃଷ୍ଟି ଲାଗି ବାଚସ୍ପତିଙ୍କ କ୍ଷୋଭ
- ଲୋକସଭା ଚାଲିଲା ମାତ୍ର ୩୭ ଘଣ୍ଟା
- ରାଜ୍ୟସଭା ଚାଲିଲା ୪୧ ଘଣ୍ଟା
- ୧୨ ବିଲ୍ ଲୋକସଭାରେ ପାରିତ

# ଘୋଷଣା ହେବ ଆଉ ୯ ନୂଆ ଏନ୍‌ଏସି

ଭୁବନେଶ୍ୱର, ୨୧।୮ (ସବ୍ୟୁ): ଆସନ୍ତା ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସରେ ଘୋଷଣା ହେବ ରାଜ୍ୟର ଆଉ ୯ ଏନଏସି। ଯେଉଁ ଜିଲ୍ଲାଗୁଡ଼ିକରେ କିଛି ଅଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଦାବି ହେଉଛି, ତାକୁ ମଧ୍ୟ ସରକାର ବିଚାରକୁ ନେଇଛନ୍ତି ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି।

ସେ କହିଛନ୍ତି, ଜନସଂଖ୍ୟା ଓ ବିଭିନ୍ନ ସମସ୍ୟାର ଅନୁଧ୍ୟାନ ପରେ ଡ୍ରାଫଟ ନୋଟିସ ପ୍ରସ୍ତୁତ କରାଯିବ। ତା'ପରେ ଗୃହ ଓ ନଗର ଉନ୍ନୟନ ବିଭାଗ ମୁଖ୍ୟମନ୍ତ୍ରୀଙ୍କୁ ଡ୍ରାଫଟ ପଠାଇବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଅନୁମତି ମିଳିବା ଦରକାର। (୯ ପୃଷ୍ଠାରେ)

# ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜ୍ୟପାଳ ବିଲ୍‌କୁ ଅଟକାଇଲେ କ'ଣ ହେବ?

**କେନ୍ଦ୍ରକୁ ସୁପ୍ରିମ୍‌କୋର୍ଟଙ୍କ ପ୍ରଶ୍ନ**

ନୂଆଦିଲ୍ଲୀ, ୨୧।୮ : ଏପ୍ରିଲରେ ସୁପ୍ରିମ୍‌କୋର୍ଟ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କର ବିଲ୍ ପାରିତ ପାଇଁ ସମୟସୀମା ଧାର୍ଯ୍ୟ କରିବା ପରିପ୍ରେକ୍ଷୀରେ ରାଷ୍ଟ୍ରପତିଙ୍କ ପକ୍ଷରୁ ଯେଉଁ ରେଫରେନ୍ସ ଦିଆଯାଇଥିଲା। ଏବେ ତାହାର ଶୁଣାଣି ଚାଲିଛି। ସୁପ୍ରିମ୍‌କୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି ଯେ ଯଦି ରାଜ୍ୟପାଳ ତାଙ୍କ କର୍ତ୍ତବ୍ୟ ଠିକ୍ ଭାବେ କରିବେ ନାହିଁ ତେବେ ସୁପ୍ରିମ୍‌କୋର୍ଟ କଣ ଅସହାୟ ହୋଇଯିବ କି? ବିଭିନ୍ନ ବିଲ୍‌କୁ ରାଜ୍ୟପାଳ ଅନିର୍ଦ୍ଦିଷ୍ଟକାଳ ପାଇଁ ଝୁଲାଇ ରଖିଲେ କ'ଣ ହେବ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ଏହାଦ୍ୱାରା ବିଧାନ ବ୍ୟବସ୍ଥା ଭୁଶୁଡି ପଡିବ। କୋର୍ଟ କ'ଣ ଏତେ କ୍ଷମତାହୀନ ଯେ ଏ କ୍ଷେତ୍ରରେ ହସ୍ତକ୍ଷେପ କରିପାରିବେ ନାହିଁ। ପ୍ରଧାନ ବିଚାରପତି (୯ ପୃଷ୍ଠାରେ)



# ମସ୍ତିଷ୍କ ପାଇଁ ଭଲ ନୁହେଁ ଚୁଲି ଧୂଆଁ

ନୂଆ ଗବେଷଣା ଅନୁସାରେ ଘରେ ରୋଷେଇ ହେଉଥିବା କାଠ, ଗୋବର ଘସି କିମ୍ବା କିରୋସିନି କାରଣରୁ ଆମ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପଡିଛି । ବିଶେଷଭାବେ ଗ୍ରାମୀଣ ଅଞ୍ଚଳରେ ରହୁଥିବା ମହିଳାଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି । ଏହି କ୍ଷେତ୍ରକୁ ସବୁବେଳେ ଅଣଦେଖା କରାଯାଇଥାଏ ହେଲେ ଏହାର ଅନେକ ନକାରାତ୍ମକ ପ୍ରଭାବ ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି । ଏହାପୂର୍ବରୁ ମଧ୍ୟ ଅନେକ ଗବେଷଣାରେ ମିଳିଥିବା ତଥ୍ୟ ଅନୁସାରେ ରୋଷେଇ ହେବା ସମୟରେ ବାହାରୁଥିବା ଧୂଆଁ ଆମର ଫୁସ୍‌ଫୁସ୍ ଓ ହୃତପିଣ୍ଡ ପାଇଁ କ୍ଷତିକାରକ ହୋଇଥାଏ । ବର୍ତ୍ତମାନର ସୂଚନା ଅନୁସାରେ ଏହାର ନକାରାତ୍ମକ ପ୍ରଭାବ ଆମର ସ୍ମୃତି ଶକ୍ତି ଓ ଭାବିବା ଶକ୍ତି ଉପରେ ପଡିଥାଏ । ଏହି ଗବେଷଣାରେ କର୍ଣ୍ଣାଟକର ପାଖାପାଖି ୪ ହଜାରରୁ ଅଧିକ ମହିଳାଙ୍କୁ ସାମିଲ କରାଯାଇଥିଲା ଯେଉଁମାନଙ୍କର ବୟସ ୪୫ ବର୍ଷ ଉପରେ । ସେହିଭଳି କିଛି ପ୍ରତିଯୋଗୀଙ୍କ ଉପରେ ଏମ୍‌ଆର୍‌ଆଇ ସ୍କାନ ମଧ୍ୟ କରାଯାଇଥିଲା, ଯେଉଁଥିରେ ଅନେକ ତଥ୍ୟ ମିଳିଥିଲା । ତେଣୁ ବର୍ତ୍ତମାନ ଏହି ଦିଗରେ ଧ୍ୟାନ ଦେବାର ସମୟ ଆସିଛି ବୋଲି ଏହି ରିପୋର୍ଟରେ ପରାମର୍ଶ ଦିଆଯାଇଛି ।

## ସୋସିଆଲ କୋଟ୍ସ



"ସବୁବେଳେ ନୂଆ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ମୁଁ ମୋର ଅନେକ ସମୟ ନଷ୍ଟ କରିଛି । ତେଣୁ ମୁ ଠିକ୍ କରିଛି ଆଗକୁ ଆଉ ସମୟ ନଷ୍ଟ କରିବି ନାହିଁ । ତେଣୁ ବର୍ତ୍ତମାନ ମୋତେ ଯିଏ ଦେଖାକରିବାକୁ ଚାହିଁବ ତାକୁ ପଇସା ଦେବାକୁ ହେବ ।

ଅନୁରାଗ କସ୍ୟପ, ନିର୍ଦ୍ଦେଶକ



"ମୋର ଓ ଏଆର୍ ରେହମାନଙ୍କ ଭିତରେ କେବେ ବି ରଚନାତ୍ମକତାକୁ ନେଇ କୌଣସି ବାଦବିବାଦ ହୋଇ ନାହିଁ । ଯେତେବେଳେ ବି ମୁଁ ତାଙ୍କ ସହ କାମ କରେ ସେତେବେଳେ ତାଙ୍କ ପାଖରେ ନିଜକୁ ସମର୍ପଣ କରିଦେଇଥାଏ ।

ଇମ୍‌ତିଆଜ ଅଲ୍ଲୀ, ନିର୍ଦ୍ଦେଶକ



"ସତୀଷ କୌଶିକଙ୍କୁ ଆମେ ସମସ୍ତେ ଖୁବ ମନେ ପକଉଛୁ । ଜଣେ କଳାକାର ଓ ବ୍ୟକ୍ତି ହିସାବରେ ସେ ଖୁବ ଭଲ ଲୋକ ଥିଲେ । ତାଙ୍କ ଫିଲ୍ମ ରିଲିଜ୍ ହେଉଛି ହେଲେ ସେ ଆମ ଭିତରେ ନାହାନ୍ତି ।

ଅରବାଜ୍ ଖାନ୍, ଅଭିନେତା



# ଚିକିତ୍ସକ ଓରାଙ୍ଗ ଓଟାଙ୍ଗ

ସାଧାରଣତଃ କେବଳ ମଣିଷମାନେ ନିଦ କ୍ଷତକୁ ଭଲ କରିବା ପାଇଁ ଔଷଧୀୟ ବୃକ୍ଷର ବ୍ୟବହାର କରିଥାଆନ୍ତି । କାରଣ ମଣିଷମାନେ ଏଭଳି ଗଛ ଗୁଡିକୁ ଚିହ୍ନି ଥାଆନ୍ତି । ତେଣୁ ସେମାନେ ଏଗୁଡିକୁ ବ୍ୟବହାର କରିବାରେ ସକ୍ଷମ ହୋଇଥାଆନ୍ତି । ତେବେ ଇଣ୍ଡୋନେସିଆର ବୈଜ୍ଞାନିକମାନେ ଏକ ଅଦ୍ଭୁତଦୃଶ୍ୟକୁ କଏଦ କରିଥିବା ଦାବି କରିଛନ୍ତି । ସେମାନଙ୍କ ଦାବି ଅନୁସାରେ ଇଣ୍ଡୋନେସିଆର ଜଙ୍ଗଲରେ ଜଣେ ଓରାଙ୍ଗ ଓଟାଙ୍ଗ ନିଜ ମୁହଁରେ ହୋଇଥିବା କ୍ଷତକୁ ଭଲ କରିବା ପାଇଁ କିଛି ଔଷଧୀୟ ବୃକ୍ଷର ସହାୟତା ନେଇଛନ୍ତି । ଏହି ଓରାଙ୍ଗ ଓଟାଙ୍ଗ ଲଗାତାର ଭାବେ ଏକ ବୃକ୍ଷର ତରଳକୁ ନିଜ ମୁହଁରେ ଲଗାଉଥିବାର ଦୃଶ୍ୟ ସେମାନେ ଦେଖିବାକୁ ପାଇଥିଲେ । କେବଳ ଏତିକି ନୁହେଁ ସେ ଏହି ବୃକ୍ଷର ପତ୍ରକୁ ମଧ୍ୟ ଚୋବାଇ ଖାଉଥିବାର ଦେଖିବାକୁ ମିଳିଥିଲା । ସେହି ବୃକ୍ଷର ପତ୍ରକୁ ବିଭିନ୍ନ ରୋଗକୁ ଭଲ କରିବା ପାଇଁ ବ୍ୟବହାର କରାଯାଇଥାଏ । ଏଥିରୁ ମେଲେରିଆ, ମଧୁମେହ, ଡାଇରିଆ ଭଳି ରୋଗର ପାରମ୍ପରିକ ଔଷଧ ପ୍ରସ୍ତୁତ ହୋଇଥାଏ ।




# ଚନ୍ଦ୍ରରେ ପ୍ରତିଷ୍ଠା ହେବ ନ୍ୟୁକ୍ଲିୟର ରିଆକ୍ଟର

ନାସା ପକ୍ଷରୁ ଚନ୍ଦ୍ରରେ ୨୦୩୦ ସୁଦ୍ଧା ଏକ ନ୍ୟୁକ୍ଲିୟର ରିଆକ୍ଟର ପ୍ରତିଷ୍ଠା କରାଯିବାନେଇ ସୂଚନା ମିଳିଛି । ଏହା ଆଗକୁ ଚନ୍ଦ୍ରରେ ଚାଲିଥିବା ବିଭିନ୍ନ ଗବେଷଣାକୁ ଖୋରାକ ଯୋଗାଇବ ବୋଲି ସମସ୍ତେ ଆଶା କରିଛନ୍ତି । ଚନ୍ଦ୍ରରେ ହେଉଥିବା ବିଭିନ୍ନ ଉନ୍ନତମାନର ଗବେଷଣାକୁ ଏହା ସହାୟତା କରିବ । ନାସା ଏକ ଏଭଳି ଡିଜାଇନ୍ ପ୍ରସ୍ତୁତ କରିବାକୁ ଲକ୍ଷ ରଖିଛି ଯିଏ ୧୦୦ କିଲୋୱାଟର ଏନର୍ଜି ଜେନେରେଟ କରିବାରେ ସକ୍ଷମ ହେବ । ସେହିଭଳି ଏହି ପାୱାର ପୃଥିବୀର ପାଖାପାଖି ୮୦ଟି ଘରକୁ ଆଲୋକିତ କରିବାରେ ସକ୍ଷମ ହୋଇପାରିବ । ଏହା ଏକ ଟେରେଷ୍ଟ୍ରିଆଲ ନ୍ୟୁକ୍ଲିୟର ପ୍ଲାଣ୍ଟର ଛୋଟ ଭର୍ସନ ହେବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ଏହା ବିଭିନ୍ନ ମହାକାଶ ଗବେଷଣା ପାଇଁ ବେଶ ଫଳପ୍ରଦ ହେବବୋଲି ବୈଜ୍ଞାନିକମାନେ ଆଶା ପ୍ରକାଶ କରିଛନ୍ତି ।

## ଆଜିର ଦିନ

୧୬୩୯– ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ତାମିଲନାଡୁର ରାଜଧାନୀ ଚେନ୍ନାଇ ସ୍ଥାପିତ ।

୧୮୧୮– ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ୍ ୱାରେନ୍ ହେଷ୍ଟିଂସଙ୍କ ଦେହାନ୍ତ ।

୧୮୪୮– ନ୍ୟୁ ମେକ୍ସିକୋ ଉପରେ ଆମେରିକାର କବଜା ।

୧୯୧୮– ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଲଣ୍ଡନରେ ଜର୍ମାନୀ ସହିତ ବିମାନ ଯୁଦ୍ଧରେ ଭାରତର ପ୍ରଥମ ପ୍ରବୀଣ ପାଇଲଟ୍ ଇନ୍ଦ୍ରଲାଲ୍ ରାୟଙ୍କ ପରଲୋକ ।

୧୯୨୧– ବିଦେଶୀ ବସ୍ତ୍ର ଜଳାଇ ମହାତ୍ମା ଗାନ୍ଧୀଙ୍କ ବିରୋଧ ।

୧୯୯୬– ମାଡ୍ରାସକୁ ଚେନ୍ନାଇରେ ପରିବର୍ତ୍ତନ କରାଗଲା ।

୧୯୯୯– ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ ଦ୍ୱାରା ସମାନ କାର୍ଯ୍ୟକୁ ସମାନ ପାରିଶ୍ରମିକ ଯୋଜନା ଲାଗୁ ।

୨୦୦୭– ଇଜିପ୍ଟର ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଦ୍ୱାରା ପଶ୍ଚିମ ମରୁଭୂମିରେ ପ୍ରାୟ ୨୦ ଲକ୍ଷ ବର୍ଷ ପୁରୁଣା ମାନବ ପାଦଚିହ୍ନର ସନ୍ଧାନ ।

୨୦୧୮– ଏସିଆନ୍ ଗେମ୍ସରେ ପ୍ରଥମ ମହିଳା ଭାରତୀୟ ରୂପେ ରାହି ସରନୋବତଙ୍କୁ ସୁଟିଂରେ ସ୍ୱର୍ଣ୍ଣ ପଦକ ।



# ଲଦନ୍ତୁ ନାହିଁ ନିଷ୍ପତ୍ତି

ଜୀବନରେ ସବୁବେଳେ ବିଭିନ୍ନ ବ୍ୟକ୍ତିଙ୍କର ଭିନ୍ନଭିନ୍ନ ବିଚାର ଓ ନିଷ୍ପତ୍ତି ରହିଥାଏ । କିଏ କେଉଁ ନିଷ୍ପତ୍ତିକୁ ସମ୍ମାନ ଜଣାଇବ କିମ୍ବା ଗ୍ରହଣ କରିବ ତାହା ସମ୍ପୂର୍ଣ୍ଣରୂପେ ତା ଉପରେ ନିର୍ଭର ଥାଏ । ତେଣୁ କେବେ ହେଲି ବି ଅନ୍ୟ ଉପରେ ନିଜ ନିଷ୍ପତ୍ତି ଲଦନ୍ତୁ ନାହିଁ । ଅନ୍ୟଙ୍କୁ ସମ୍ମାନ ଦେଲେ ନିଜକୁ ସମ୍ମାନ ମିଳିଥାଏ, ଏହା ହେଉଛି ଜୀବନରେ ଖୁସିରେ ରହିବାର ମନ୍ତ୍ର । ସବୁବେଳେ କିଛି ବି ରାୟ ଦେବା ପୂର୍ବରୁ ଅନ୍ୟମାନଙ୍କ ମତାମତକୁ ସମ୍ମାନ ଦେବା ଶିଖନ୍ତୁ । କେହି ଯଦି ଆପଣଙ୍କ ରାୟକୁ ଗ୍ରହଣ କରୁନାହାନ୍ତି ତେବେ ଏହାକୁ ମଧ୍ୟ ବୁଝିବାକୁ ଚେଷ୍ଟା କରନ୍ତୁ । ଏହା ପଛର କାରଣ ଜାଣିବାକୁ ଚେଷ୍ଟା କରନ୍ତୁ, ଏହାପରେ ତାଙ୍କୁ ସସମ୍ମାନେ ନିଜ ବିଚାରକୁ ବୁଝାନ୍ତୁ । ସେହିଭଳି କେତେକ କ୍ଷେତ୍ରରେ ଅନ୍ୟର ମନ କଥା ବୁଝିବା ପାଇଁ ନିଜର ବିଚାରକୁ ବଢାଇବାକୁ ପଡିଥାଏ । ସେହିଭଳି କ୍ଷେତ୍ରରେ ନିଜ ହୃଦୟକୁ ବଡକରି ଅନ୍ୟକୁ ବୁଝିବାକୁ ଚେଷ୍ଟା କରନ୍ତୁ ।



# ଗୋଲାପୀ ଖିରୀ



**ସାମଗ୍ରୀ–** ୭୫୦ ଗ୍ରାମ ଖୀର, ଅଧାକପ୍‌ରୁ କମ ଚାଉଳ, କଟା ଡ୍ରାଏଫ୍ରୁଟ୍ସ, ୨ ବଡ ଚାମଚ ଘିଅ, ୩ ଚାମଚ କଣ୍ଡେସ୍‌ନ୍ତ ମିଲ୍କ, ଅଧା କପ୍ ଖୋୟା, ଅଳ୍ପ ଗୁଜୁରାତି ଗୁଣ୍ଡ, ଗୋଲାପ ସିରପର କିଛି ବୁନ୍ଦା, ଚିନି ଅଳ୍ପ ପରିମାଣ,

**ପ୍ରଣାଳୀ–** ପ୍ରଥମେ ଚାଉଳକୁ କିଛି ସମୟ ପାଇଁ ବତୁରାଇ ରଖି ଦିଅନ୍ତୁ । ଏହାପରେ ଖୀରକୁ ସିଝାଇବାକୁ ରଖି ଦିଅନ୍ତୁ । ଖୀର ଭଲ କରି ସିଝିବା ପରେ ଏଥିରେ ଚାଉଳକୁ ମିଶାଇ ସିଝିବା ପାଇଁ ଛାଡି ଦିଅନ୍ତୁ । ଅନ୍ୟ ଗ୍ୟାସ୍‌ରେ ଘିଅ ଗରମ କରି ନିଅନ୍ତୁ ଏଥିରେ କଟା ହୋଇଥିବା ଡ୍ରାଏ ଫ୍ରୁଟ୍ସକୁ ଭାଜି ନିଅନ୍ତୁ । ସେପଟେ ଖୀରରେ ଚାଉଳ ଭଲ ଭାବେ ସିଝିବା ପରେ ଏଥିରେ କଣ୍ଡେସ୍‌ନ୍ତ ମିଲ୍କକୁ ପକାଇ ଦିଅନ୍ତୁ । ଅଳ୍ପ ସମୟ ପରେ ଏଥିରେ ଖୁଆ ଓ ଡ୍ରାଏ ଫ୍ରୁଟ୍ସ ପକାଇ ଗୋଳାନ୍ତୁ । ଏହାପରେ ଗ୍ୟାସ୍ ଫ୍ଲେମ୍‌କୁ କମ କରି ନିଅନ୍ତୁ । ଭଲ କରି ସିଝି ଗାଢ ହେବା ପରେ ଏଥିରେ ଅଳ୍ପ ଚିନି ମିଶାଇ ନିଅନ୍ତୁ । ଶେଷରେ ଏଥିରେ କିଛି ଗୋଲାପ ସିରପ୍ ମିଶାଇ ନିଅନ୍ତୁ, ପ୍ରସ୍ତୁତ ହୋଇଯିବ ଗୋଲାପୀ ଖିରୀ ।

# 'ତେରେ ନାମ୍' ଦେଇଥିଲା ପରିଚୟ

ଭୂମିକା ଚାୱଲା ନବେ ଦଶକର ଜଣେ ଆଗଧାଡିର ନାୟିକା ତାଲିକାରେ ସାମିଲ ଥିଲେ । ତାଙ୍କ ଫିଲ୍ମ ତେରେ ନାମ ତାଙ୍କୁ ଦେଇଥିଲା ଏକ ସ୍ୱତନ୍ତ୍ର ପରିଚୟ । ରାତାରାତି ତାଙ୍କୁ ଏହି ଫିଲ୍ମରୁ ଏକ ପରିଚୟ ମିଳିଥିଲା ଯାହା ଆଜି ବି ସମସ୍ତଙ୍କ ହୃଦୟରେ ଜୀବନ୍ତ ହୋଇ ରହିଛି । ଏଥିରେ ତାଙ୍କର ଚରିତ୍ର ନିର୍ଝରା ସମସ୍ତଙ୍କୁ ବେଶ ଭଲ ଲାଗିଥିଲା, ଏଥିରେ ତାଙ୍କର ନିଖୁଣ ଅଭିନୟ ତାଙ୍କୁ ବଲିଉଡରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ତାଙ୍କୁ ଅନେକ ଫିଲ୍ମ ଯେପରି ଖୁସି, ସିମାଦ୍ରୀ, ଜୟ ଚିରଞ୍ଜିଭା ଆଦିରେ ଦେଖିବାକୁ ମିଳିଥିଲା । ତାଙ୍କର କ୍ରେଜ ବିଶେଷଭାବେ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରୀରେ ବେଶି ରହିଥିଲା । ଭୂମିକା ନିଜର କ୍ୟାରିୟରର ଆରମ୍ଭ ଏକ ଆଡ ଫିଲ୍ମ ଓ ମ୍ୟୁଜିକ୍ ଭିଡିଓରୁ କରିଥିଲା । ଏହାପରେ ସେ ଟିଭି ଶୋ ହିପ୍ ହିପ୍ ହୁର୍‌ରେ ଓ ଷ୍ଟାର ୱେଷ୍ଟ ସେଲର୍ସ ଫୁର୍ସତରେ ବି କାମ କରିଥିଲେ । ପରେ ସାଉଥ ଇଣ୍ଡଷ୍ଟ୍ରୀରେ କାର୍ଯ୍ୟ ଆରମ୍ଭ କରିଥିଲେ, ଏହି ଇଣ୍ଡଷ୍ଟ୍ରୀରେ ହିଁ ସେ ବଡ ପରଦାରେ ଡେବ୍ୟୁ କରିଥିଲେ । ଏହାପରେ ୨୦୦୩ରେ ତେରେ ନାମ ଜରିଆରେ ବି ଟାଉନରେ ଏଣ୍ଟ୍ରି କରିଥିଲେ । ତେବେ ବଲିଉଡରେ କିଛି ଭଲ ପ୍ରୋଜେକ୍ଟରୁ ତାଙ୍କୁ ରିପ୍ଲେସ କରାଯାଇଥିବା ମଧ୍ୟ ଜଣା ପଡିଥିଲା ।

# ଯୋଗନିଦ୍ରାସନ

ଏହି ଆସନଟିକୁ କରିବା ପାଇଁ ସର୍ବପ୍ରଥମେ ଯୋଗମ୍ୟାଟ୍ ଉପରେ ଶବାସନ ପୋଜ୍‌ରେ ଚିତ୍ ହୋଇ ଶୋଇପଡ଼ନ୍ତୁ । ଏହାପରେ ହାତ ଦୁଇଟିକୁ ହିପ୍ କଡ଼ରେ ରଖନ୍ତୁ ଏବଂ ଦୁଇଗୋଡ଼ ମଧ୍ୟରେ ପ୍ରାୟ ୨ ଫୁଟର ବ୍ୟବଧାନ ରଖି ଧୀରେ ଧୀରେ ନିଃଶ୍ୱାସ ନିଅନ୍ତୁ । ବର୍ତ୍ତମାନ ଦୁଇଆଣ୍ଠୁକୁ ବଙ୍କା କରି ଧୀରେ ଧୀରେ ହାତ ସାହାଯ୍ୟରେ ଗୋଡ଼କୁ ଛାତି ପାଖରେ ଛନ୍ଦୁରେଇ ଦିଅନ୍ତୁ । ଏହାପରେ ଫଟୋ ଭଳି ମୁଣ୍ଡ ଉପରକୁ କରି ଗୋଡ଼ ମଧ୍ୟରେ ପୂରାଇଦିଅନ୍ତୁ । ଏହାପରେ ଆପଣ ହାତକୁ ନମସ୍କାର ମୁଦ୍ରାରେ ରଖିପାରିବେ, ନଚେତ୍ ଅଣ୍ଟା ତଳେ ଲକ୍ କରିପାରିବେ । ହେଲେ ଡାକ୍ତରଙ୍କ ପରାମର୍ଶରେ ଏବଂ ଯୋଗାଚାର୍ଯ୍ୟଙ୍କ ଉପସ୍ଥିତିରେ ଏହି ଆସନଟିକୁ କରନ୍ତୁ ।

### ଉପକାର

- ମସ୍ତିଷ୍କକୁ ଶାନ୍ତ ରଖିବ ।
- ହଜମ ପ୍ରକ୍ରିୟାକୁ ଉନ୍ନତ କରିବ ।
- ବେକ ଓ ଗୋଡ଼କୁ ଶକ୍ତ କରିବ ।
- ଶରୀରକୁ ଫ୍ଲେକ୍‌ଜିବିଲିଟି କରିବ ।
- ଅବସାଦ ଓ ଆଙ୍ଗ୍‌ଜାଇଟି ହ୍ରାସ କରିବ ।



# ଓଡ଼ିଶାର ହାତୀ ସଂରକ୍ଷଣ ମଡେଲ ବିଶ୍ୱକୁ ପ୍ରେରଣା ଦେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ଚନ୍ଦକା ବନ୍ୟପ୍ରାଣୀ ଡିଭିଜନରେ ବିଶ୍ୱର ପ୍ରଥମ ସେଣ୍ଟର ଫର ସ୍ପେଶିସ୍ ସର୍ଭାଇଭାଲ ଏସିଆନ୍ ଏଲିଫ୍ୟାଣ୍ଟସ୍ ପ୍ରତିଷ୍ଠା କରାଯିବ । ଆଇୟୁସିଏନ୍ ସ୍ପେଶିସ୍ ସର୍ଭାଇଭାଲ କମିଶନ, ୱାଇଲ୍ଡ ଲାଇଫ ଟ୍ରଷ୍ଟ ଓ କଲମ୍ବସ ଜୁ ଓ ଆକ୍ୱାରିୟମ ସହଯୋଗରେ ଏହା ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଆଜି ଭୁବନେଶ୍ୱରରେ ମଣିଷ, ହାତୀ ଉଭୟଙ୍କ ସହ ବସତି ସମ୍ପର୍କିତ ଅନ୍ତର୍ଜାତୀୟ କର୍ମଶାଳାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ ଏହି କେନ୍ଦ୍ର କେବଳ ଓଡ଼ିଶା ପାଇଁ ନୀତି ଓ ଗବେଷଣା କରୁନାହିଁ ବରଂ ଦକ୍ଷିଣ ଓ ଦକ୍ଷିଣପୂର୍ବ ଏସିଆ ଲାଗି କାର୍ଯ୍ୟ କରୁଛି । ଏହି ପଦକ୍ଷେପ ନୂଆ ବିଶ୍ୱ ବେଞ୍ଚ ମାର୍କ ଏସିଆ ହାତୀଙ୍କ ସଂରକ୍ଷଣ କ୍ଷେତ୍ରରେ ସୃଷ୍ଟି କରିଛି । ଓଡ଼ିଶାରେ ହାତୀମାନେ ହେଉଛନ୍ତି ଅନ୍ୟ ପ୍ରାଣୀଙ୍କ ଠାରୁ ବେଶ୍ ପରିଚିତ । ହାତୀ ହେଉଛନ୍ତି ଜାତୀୟ ଐତିହ୍ୟ ପଶୁ ଓ ସେମାନଙ୍କ ପ୍ରତି ଆମ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ରହିଛି । କୃଷି ଓ ଭିତ୍ତିଭୂମିର ସମ୍ପ୍ରସାରଣ ଯୋଗୁ ହାତୀ ବସତି ହ୍ରାସ ପାଇଛି । ଏହା ଫଳରେ ମଣିଷ ଓ ହାତୀ ମଧ୍ୟରେ ଲଢ଼େଇ ହେଉଛି । ବସତି ହ୍ରାସ ଯୋଗୁ ଏହି ଲଢ଼େଇ ବଢ଼ିବା ଚିନ୍ତାଜନକ । ଓଡ଼ିଶା ହାତୀ କରିଡର କରିବା ସହ ଜଙ୍ଗଲ ସଂରକ୍ଷଣ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ପାଇଁ ଗୋଷ୍ଠୀ ନିର୍ଦ୍ଧାରଣ କରି ଗଜ ସାଥି ଓ ବନ ସୁରକ୍ଷା କମିଟି ଗଠନ କରୁଛି । ସେହିଭଳି ଶୀକାରିଙ୍କୁ ପ୍ରତିରୋଧ କରିବା ପାଇଁ ଜିପିଏସ୍ କୋଲାର, ଡ୍ରୋନ୍ ଓ ଏଆଇ କ୍ୟାମେରା ଜରିଆରେ ହାତୀଙ୍କ ଗତିବିଧିକୁ ଯାଞ୍ଚ କରାଯାଉଛି । ଓଡ଼ିଶା ହାତୀମାନଙ୍କ ସୁରକ୍ଷାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରିଛି । ଆମର ଲକ୍ଷ୍ୟ ହେଉଛି ଯେ ହାତୀମାନଙ୍କର ମୁକ୍ତ ଯାତାୟତ ପାଇଁ ଏକ ପରିବେଶ ସୃଷ୍ଟି କରି ଏକ ବିକଶିତ ମଡେଲ କରିବା । ଏହି ମଡେଲଟି ବିଶ୍ୱର ସମସ୍ତଙ୍କୁ ଆଶ୍ୱସ୍ତ କରିବ । ଏହି କର୍ମଶାଳା କେବଳ ଏକ ଆଲୋଚନା ନୁହେଁ, ବରଂ ବିଶ୍ୱ ପାଇଁ ଏକ ସମନ୍ୱୟ । ଓଡ଼ିଶା ଏଥିରେ ଆଗୁଆ ରହିଛି । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ ଯୋଗ ଦେଇଥିଲେ । ବଣ୍ୟପ୍ରାଣୀ ପିସିସିଏଫ୍ ପିକେ ଝା ସ୍ୱାଗତ ଭାଷଣ ଦେଇଥିବାବେଳେ ଆଇୟୁସିଏନ୍‌ର ଉପାଧ୍ୟକ୍ଷ ହେଡି ରିଡିଲ, ସୁରେଶ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ କଫି ଟେବୁଲ ପୁସ୍ତକ ଉନ୍ମୋଚନ କରିଥିଲେ ।




# ଜାତୀୟ ଶିକ୍ଷାନୀତି ଅନୁଯାୟୀ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ହେବ ବ୍ୟାପକ ପରିବର୍ତ୍ତନ

# ସ୍କିମାଟିକ ପ୍ରାଥମିକ ଶିକ୍ଷକଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଆରୋପ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରାଥମିକ ଶିକ୍ଷାର ଯଥେଷ୍ଟ ଗୁରୁତ୍ୱ ରହିଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଅଧିକ ଫୋକସ୍ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରି ଏହି ପରାମର୍ଶ ଦେବା ସହିତ ଅନେକ ନୂତନ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ସ୍କିମାଟିକ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ।

ରାଜ୍ୟରେ ବର୍ତ୍ତମାନ ୪୫, ୨୯୨ ଟି ପ୍ରାଥମିକ ବିଦ୍ୟାଳୟରେ ୧, ୬୦, ୩୧୯ ଟି ଶିକ୍ଷକ ପଦବୀ ରହିଛି । ନୂତନ ଶିକ୍ଷାନୀତି ଅନୁଯାୟୀ ଆଉ ୩୯, ୩୬୬ ଟି ପଦବୀ ସୃଷ୍ଟି କରାଯିବ । ଏହା ସହିତ ଡିସେମ୍ବର ୨୦୨୫ ସୁଦ୍ଧା ୫,୦୬୭ ଟି ଶିକ୍ଷକ ପଦବୀ ମଧ୍ୟ ଖାଲି ହେବ । ତେଣୁ ଏହି ସମସ୍ତ ପଦବୀକୁ ମିଶାଇ ଆସନ୍ତା ୩ ବର୍ଷ ମଧ୍ୟରେ ୪୪, ୪୩୩ ଟି ପଦବୀ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ବର୍ଷକୁ ପ୍ରାୟ ୧୫ ହଜାର ପଦବୀ ପୂରଣ କରାଯିବ । ସ୍କୁଲ ଶିକ୍ଷାକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ରାଜ୍ୟରେ ଗୋଟିଏ ବୋର୍ଡର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ଏହି ଅନୁଯାୟୀ ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ, ସିଏଚ୍‌ଏସ୍‌ସି) କୁ ମିଶାଇ ଗୋଟିଏ ବୋର୍ଡ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।

ନବମ ଓ ଦଶମ ଶ୍ରେଣୀର ସବୁ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦେବାପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଥିଲେ । ପ୍ରତ୍ୟେକ ୩୦୦ ପିଲାଙ୍କ ପାଇଁ ଜଣେ ଇଘଗ ବା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ କରିବା ପାଇଁ ନିଷ୍ପତ୍ତି କରାଯାଇଛି ।

ସେହିପରି ନୂତନ ବେସରକାରୀ ବିଦ୍ୟାଳୟ ଅନୁମୋଦନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଅନଲାଇନ ପ୍ରକ୍ରିୟାରେ କରିବା ପାଇଁ ବୈଠକରେ ନିଷ୍ପତ୍ତି କରାଯାଇଛି । ସେହିପରି ଆଦିବାସୀ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ପିଲାମାନଙ୍କ ସହିତ ଭାଷାଗତ ଯୋଗାଯୋଗରେ ସୁବିଧା ହେବ ଏବଂ ଶିକ୍ଷାର ମାନ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହା ସହିତ ଏ ସ୍ ସି ଏ ସ୍ ଟି ଆ ର ଟି ଆ ଇ ସହଯୋଗରେ କୋରାପୁଟରେ ଏକ ବହୁଭାଷୀ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯିବ । ସେହିପର ଭିନ୍ନକ୍ଷମ ପିଲାଙ୍କ ଶିକ୍ଷା ପାଇଁ ନିୟମିତ ଶିକ୍ଷକ ମାନଙ୍କୁ ଯେଉଁମାନେ ବିଇଡି କରିଥିବେ, ସେମାନଙ୍କୁ ବିଭିନ୍ନ କ୍ଲଷ୍ଟରରେ ରିସୋର୍ସ ପର୍ସନ ଭାବରେ ନିଯୁକ୍ତି ଦିଆଯିବ ।

ଏନ୍‌ସିଇଆରଟି ଢାଞ୍ଚାରେ ଏସ୍‌ସିଇଆରଟି କୁ ବିକଶିତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ଡାଇରେକ୍ଟର ଟେକ୍ସଟବୁକ୍ ପବ୍ଲିକେସନ ଆଣ୍ଡ ମାର୍କେଟିଂ ସଂସ୍ଥାର ସୁଦୃଢ଼ୀକରଣ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି । ଏହି ବୈଠକରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ, ଓସେପାର ନିର୍ଦ୍ଦେଶିକା ଶ୍ରୀମତୀ ଅନନ୍ୟା ଦାସ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



**୩ ବର୍ଷରେ ପ୍ରାଥମିକ ଶିକ୍ଷା ପାଇଁ ନିଯୁକ୍ତ ହେବେ ୪୫ ହଜାର ଶିକ୍ଷକ**

**ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ**

## ବଦଳି ଅଧିକାରୀ ତୁରନ୍ତ ନିଯୁକ୍ତି ସ୍ଥାନରେ ଯୋଗ ଦିଅ

# ଖିଲାପକାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ ଦେଲେ ସଚିବ

ଭୁବନେଶ୍ୱର(ସବ୍ୟୁ): କୃଷି, କୃଷକ ସଶକ୍ତିକରଣ ବିଭାଗର ସମସ୍ତ ପଦୋନ୍ନତିପ୍ରାପ୍ତ/ ବଦଳି ହୋଇଥିବା ଅଧିକାରୀମାନେ ବିଳମ୍ବ ନକରି ସେମାନଙ୍କର ନିଯୁକ୍ତ ସ୍ଥାନରେ ଯୋଗଦେବା ଉଚିତ । କୌଣସି ପରିସ୍ଥିତିରେ ସରକାରୀ ନିର୍ଦ୍ଦେଶର କାର୍ଯ୍ୟକାରିତାକୁ ସ୍ଥଗିତ ରଖାଯିବ ନାହିଁ । ତୁରନ୍ତ କାର୍ଯ୍ୟରେ ଯୋଗ ଦିଅ, ନଚେତ ଆସନ୍ତା ମାସରୁ ଦରମା ବନ୍ଦ କରାଯିବ ବୋଲି କୃଷି, କୃଷକ ସଶକ୍ତିକରଣ ବିଭାଗ ବିଜ୍ଞପ୍ତି ଜାରି କରିଛି ।

ଚଳିତମାସ ୩୧ ତାରିଖ ସୁଦ୍ଧା ତାଙ୍କ ନିଯୁକ୍ତ ସ୍ଥାନରେ ଯୋଗଦେବାରେ ବିଫଳ ହେଉଥିବା ଯେକୌଣସି ଅଧିକାରୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ରହିବେ । ଏପରି ଅଧିକାରୀମାନଙ୍କର ଦରମା ଆସନ୍ତା ସେପେଟମ୍ବର ମାସରୁ ବନ୍ଦ କରାଯିବ । ପୋଷ୍ଟିଂ ଆଦେଶର ପରିବର୍ତ୍ତନ ପାଇଁ ଅନୈତିକ ବାହ୍ୟ ପ୍ରଭାବ ଆଣିବାର ପ୍ରୟାସ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୃଷି ସଚିବ ଡ. ଅରବିନ୍ଦ କୁମାର ପାଢୀ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

ନିର୍ଦ୍ଦେଶାଳୟ, କ୍ଷେତ୍ର ପ୍ରତିଷ୍ଠାନର ମୁଖ୍ୟ, ଅଧିକାରୀମାନଙ୍କୁ ଆଦେଶର ଅନୁପାଳନ ଉପରେ ନଜର ରଖିବା ସହିତ କାର୍ଯ୍ୟସ୍ଥଳରେ ଯୋଗଦାନ ନଦେଉଥିବା ମାମଲାଗୁଡ଼ିକୁ ବିଭାଗରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତୃଣମୂଳସ୍ତରରେ କାର୍ଯ୍ୟାଳୟଗୁଡ଼ିକର ସୁଗମ କାର୍ଯ୍ୟ ପାଇଁ ଏହି ବିଜ୍ଞପ୍ତି ଜାରି କରାଯାଇଛି ।

**କୃଷି, କୃଷକ ସଶକ୍ତିକରଣ ବିଭାଗର ବିଜ୍ଞପ୍ତି ଜାରି**

## ସିବିଆଇ ପଞ୍ଝାରେ ଏମ୍‌ସିଏଲ୍ ମ୍ୟାନେଜର

ଭୁବନେଶ୍ୱର, (ସବ୍ୟୁ) : ହୀରାକୁଦ ବୁନ୍ଦିଆ ମାଇନ୍ସର ରାମପୁର ଏରିଆ ମ୍ୟାନେଜର ଅସିତ କୁମାର ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସିବିଆଇ ହାତରେ ଧରାପଡିଛନ୍ତି । ବିସ୍ଥାପିତଙ୍କ ବକେୟା ଟଙ୍କା କରାଇ ଦେବା ପାଇଁ ଏମ୍‌ସିଏଲ୍ ଏରିଆ ମ୍ୟାନେଜର ଅସିତ କୁମାର ୩୦ ହଜାର ଟଙ୍କା ଦାବି କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୨୦ ହଜାର ଟଙ୍କା ଦେବା ପାଇଁ ଏତଲାକାରୀ କହିଥିବା ବେଳେ ମ୍ୟାନେଜର ସହମତି କରିଥିଲେ । ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭୁବନେଶ୍ୱର ସିବିଆଇ ଟିମ୍ ତାଙ୍କୁ ମାଡି ବସିଥିଲା । ଭୁବନେଶ୍ୱର ଅଫିସ୍‌କୁ ଆଣି ସିବିଆଇ ଟିମ୍ ଅସିତଙ୍କୁ ଜେରା କରିବା ସହ ବିସ୍ଥାପିତଙ୍କ ଠାରୁ ଅଭିଯୋଗ ଗ୍ରହଣ କରିଛନ୍ତି । ଅସିତ ଏମ୍‌ସିଏଲ୍‌ରେ କାମ କରୁଥିବା ବେଳେ କେତେ ଟଙ୍କାର ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିଛନ୍ତି ତାହା ଆକଳନ କରୁଛି ସିବିଆଇ ।



### ଉତ୍କଳ ବିଶ୍ୱବିଦ୍ୟାଳୟ ଆଲୁମିନି ଆସୋସିଏସନର ପଞ୍ଚମ ବାର୍ଷିକ ସମାରୋହ

# ପୁରାତନ ଛାତ୍ରଛାତ୍ରୀ ସାମାଜିକ ପରିବର୍ତ୍ତନର ଦାୟିତ୍ୱ ନିଅନ୍ତୁ : ରାଜ୍ୟପାଳ

ଭୁବନେଶ୍ୱର (ସବ୍ୟୁ): ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ଶିକ୍ଷାକୁ ଏକ ସାମୁହିକ ଦାୟିତ୍ୱ ଭାବରେ ଗ୍ରହଣ କରିବା, ସେମାନଙ୍କର ଜ୍ଞାନକୁ ସମାଜର ଉନ୍ନତି ଏବଂ କରୁଣାପୂର୍ଣ୍ଣ ସମାଜ ଗଠନ ପାଇଁ ବ୍ୟବହାର କରିବା ସହ ସାମାଜିକ ପରିବର୍ତ୍ତନର ଦାୟିତ୍ୱ ନିଅନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି ।




ବାଣୀବିହାରର ଏମ୍‌କେସିଜି ଅଡିଟୋରିୟମ୍ ଠାରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ଆଲୁମିନି ଆସୋସିଏସନ୍‌ର ପଞ୍ଚମ ବାର୍ଷିକ ସମାରୋହରେ ମୁଖ୍ୟ ଅତିଥି ଭାବେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ, ଶିକ୍ଷା କେବଳ ବ୍ୟକ୍ତିଗତ ସଫଳତା ନୁହେଁ, ଏହା ସମାଜକୁ ଆଲୋକିତ ଏବଂ ପରିବର୍ତ୍ତନ କରିବା ପାଇଁ ଜୀବନବ୍ୟାପୀ ଦାୟିତ୍ୱ । ଆଠ ଦଶନ୍ଧିରୁ ଅଧିକ ସମୟ ଧରି ରାଜନୀତି, ଶାସନ, ବିଜ୍ଞାନ, ଶିକ୍ଷା, ସାହିତ୍ୟ ଆଇନ, ସଂସ୍କୃତି, ବ୍ୟବସାୟ ଏବଂ ସାଧାରଣ ଜୀବନରେ ସଫଳ ବ୍ୟକ୍ତିତ୍ୱ ଗଢ଼ି ତୋଳିବାରେ ବିଶ୍ୱ ବିଦ୍ୟାଳୟର ଅନବଦ୍ୟ ଭୂମିକା ରହିଛି । ଯେଉଁମାନେ ବିଶ୍ୱ ବିଦ୍ୟାଳୟର ଗରିମା ବଢ଼ାଇବା ସହିତ ରାଜ୍ୟ, ଦେଶ ଏବଂ ବିଦେଶରେ ବିଶ୍ୱ ବିଦ୍ୟାଳୟ ମୂଲ୍ୟବୋଧର ଆମ୍ବାସଡର୍ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ରାଜ୍ୟପାଳ କହିଥିଲେ । ଯୁବ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେବା, ଶିକ୍ଷାଗତ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ଏବଂ "ସବୁଜ ଏବଂ ସୁସ୍ଥ କ୍ୟାମ୍ପସ' ଅଭିଯାନକୁ ପ୍ରୋତ୍ସାହିତ କରିବା ଦିଗରେ ଆଲୁମିନି ଆସୋସିଏସନ୍‌ର ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଆଲୁମିନି ଆସୋସିଏସନ୍ କିଛି ବର୍ଷ ହେଲା ଗଠିତ ହୋଇଥିଲେ ମଧ୍ୟ ଏହାର ଉଲ୍ଲେଖନୀୟ ପ୍ରଗତି ପାଇଁ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ । ଆଲୁମିନି ଆସୋସିଏସନ୍ ସମୃଦ୍ଧ ହୋଇ ଯୁବପିଢ଼ି ପାଇଁ ମାର୍ଗଦର୍ଶକ ସାଜୁ ଏବଂ ଉତ୍କର୍ଷତା, ଚରିତ୍ର ଗଠନ ଏବଂ ସମାଜ ସେବାର କେନ୍ଦ୍ର ଭାବରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ଐତିହ୍ୟକୁ ବଜାୟ ରଖୁ ବୋଲି ରାଜ୍ୟପାଳ ଆଶାବ୍ୟକ୍ତ କରିଥିଲେ ।

ଏହି ସମାରୋହରେ ମୁଖ୍ୟ ବକ୍ତା ଭାବେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଯୋଗ ଦେଇ ନିଜ ବକ୍ତବ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗରିମାମୟ ଇତିହାସ ଓ ପରମ୍ପରା ଏବଂ ରାଜ୍ୟ ତଥା ଦେଶ ପ୍ରତି ଅବଦାନ ସଂପର୍କରେ ଅବତାରଣା କରି ବିଶ୍ୱବିଦ୍ୟାଳୟ ସହ ଜଡିତ ତାଙ୍କର ସ୍ମୃତି ସଂପର୍କରେ ଉଲ୍ଲେଖ କରିଥିଲେ । ଏତଦ୍‌ବ୍ୟତୀତ ଆଲୁମିନି ଆସୋସିଏସନ୍‌ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଭାଇସ୍ ଚ୍ୟାନ୍‌ସେଲର ଯଜ୍ଞେଶ୍ୱର ଦଣ୍ଡପାଟ ବକ୍ତବ୍ୟ ପ୍ରଦାନ କରି ଆଲୁମିନି ଆସୋସିଏସନ୍‌ର ସହଯୋଗରେ ବିଶ୍ୱବିଦ୍ୟାଳୟର ପ୍ରଭୁତ ଉନ୍ନତି ସାଧିତ ହୋଇପାରିବ ବୋଲି କହିଥିଲେ । ପ୍ରାରମ୍ଭରେ ଆଲୁମିନି ଆସୋସିଏସନ୍‌ର ସଭାପତି ତଥା ଅବସରପ୍ରାପ୍ତ ବରିଷ୍ଠ ଆଇପିଏସ୍ ଅଫିସର ଡ. ସତ୍ୟଜିତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଆଲୁମିନି ଆସୋସିଏସନ୍‌ର ଉଦ୍ଦେଶ୍ୟ ଏବଂ କାର୍ଯ୍ୟାବଳୀ ସଂପର୍କରେ ଆଲୋକପାତ କରିଥିଲେ । ଆଲୁମିନି ଆସୋସିଏସନ୍‌ର ସାଧାରଣ ସଂପାଦକ ଦେବେନ୍ଦ୍ର ପ୍ରସାଦ ଦାଶ ବକ୍ତବ୍ୟ ପ୍ରଦାନ କରି ଆଗାମୀ ଦିନରେ ଆଲୁମିନି ଆସୋସିଏସନ୍ କିପରି ପରିବ୍ୟାପ୍ତ ହୋଇ ଅଧିକ କ୍ରିୟାଶୀଳ ହେବ ସେ ସଂପର୍କରେ ଉଲ୍ଲେଖ କରିଥିଲେ । ଏହି ଅବସରରେ ଏକ ସ୍ମରଣିକା ଉତ୍କଳାୟନ ଉନ୍ମୋଚିତ ହୋଇଥିଲା ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।



ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ସରକାରୀ ବାସଭବନରେ ସାକ୍ଷାତ କରି ସମୟ ଓ ସମୟ ଲାଇଭ୍ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସମୟ ଓ ସମୟ ଲାଇଭ୍‌ର ସଂପାଦକ ପପୁ ମହାନ୍ତି

## ଏସ୍‌ସିବିରେ ୧୨୫ କିଡ୍‌ନୀ ପ୍ରତିରୋପଣ ରୋଗୀଙ୍କ ମୃତ୍ୟୁ, ସରକାରଙ୍କୁ ଜବାବ ମାଗିଲେ ହାଇକୋର୍ଟ

କଟକ,(ସବ୍ୟୁ): ଏସ୍‌ସିବିରେ କିଡ୍‌ନୀ ପ୍ରତିରୋପଣ ପରେ ୧୨୫ଜଣ ରୋଗୀଙ୍କ ମୃତ୍ୟୁ ହେବା ଘଟଣାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଯେଉଁମାନେ ପ୍ରତିରୋପଣ ପରେ ଉପଯୁକ୍ତ ଚିକିତ୍ସା ଅଭାବରୁ ମରି ଯାଇଛନ୍ତି ସେମାନଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଲାଗି ରୁଜୁ ମାମଲାରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି ସେପ୍ଟେମ୍ବର ୧୦କୁ ଧାର୍ଯ୍ୟ ହୋଇଛି । ଗଙ୍ଗାଧର ପାଣିଗ୍ରାହୀ ଏହି ମାମଲା ରୁଜୁ କରିଥିଲାବେଳେ ସେ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ଏସ୍‌ସିବିରେ ୨୦୧୯ ପୂର୍ବରୁ ୧୭୫ଜଣଙ୍କର କିଡ୍‌ନୀ ପ୍ରତିରୋପଣ ହୋଇଥିଲା । ଏଥିରୁ ୧୨୫ଜଣଙ୍କର ଦେହାନ୍ତ ହୋଇଯାଇଛି । ପ୍ରତିରୋପଣ ପରବର୍ତ୍ତୀ ସମୟରେ ଉପଯୁକ୍ତ ଚିକିତ୍ସା ଅଭାବରୁ ଏଭଳି ରୋଗୀମାନେ ମୃତ୍ୟୁବରଣ କରୁଛନ୍ତି । ଏଥିପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ସର୍ବସ୍ୱାନ୍ତ ହେଇଯାଉଥିବା ପରିବାରକୁ କ୍ଷତିପୂରଣ ପ୍ରଦାନ ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି ।

### ୨୨ ରୁ ୨୪ ପର୍ଯ୍ୟନ୍ତ ହୋଟେଲ ସ୍ୱସ୍ତି ପ୍ରିମିୟମରେ ଅନୁଷ୍ଠିତ ହେବ

## ଇଣ୍ଡିଆନ ଆସୋସିଏସନ୍ ଅଫ୍ ଟୁର ଅପରେଟର୍ସର ୪୦ ତମ ବାର୍ଷିକ ସମ୍ମେଳନ

ପୁରୀ, (ସବ୍ୟୁ): ଆସନ୍ତା ୨୨ ରୁ ୨୪ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ପୁରୀ ସମୁଦ୍ର କୂଳ ସ୍ଥିତ ହୋଟେଲ ସ୍ୱସ୍ତି ପ୍ରିମିୟମ ଠାରେ ଇଣ୍ଡିଆନ ଆସୋସିଏସନ୍ ଅଫ୍ ଟୁର ଅପରେଟର୍ସ ପକ୍ଷରୁ ୪୦ ତମ ବାର୍ଷିକ ସମ୍ମେଳନ ଅନୁଷ୍ଠିତ ହେବ । ଏହି ସମ୍ମେଳନରେ ୧୨ ଶହରୁ ଉର୍ଦ୍ଧ୍ୱ ଟୁର ଅପରେଟର୍ସ ଯୋଗ ଦେବେ ।



ସେହିପରି ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ ଓ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ପ୍ରମୁଖ ଯୋଗ ଦେବେ ବୋଲି ହୋଟେଲ ସ୍ୱସ୍ତି ପ୍ରିମିୟମ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ହୋଟେଲ ସ୍ୱସ୍ତି ପ୍ରିମିୟମର ଚେଆରମ୍ୟାନ ତଥା ଇଣ୍ଡିଆନ ଆସୋସିଏସନ୍ ଅଫ୍ ଟୁର ଅପରେଟର୍ସର ସଭାପତି ଜିତେନ୍ଦ୍ର କୁମାର ମହାନ୍ତି । ଶ୍ରୀ ମହାନ୍ତି କହିଥିଲେ ଗ୍ରାମୀଣ ପର୍ଯ୍ୟଟନ, ଟ୍ରାଇବାଲ ପର୍ଯ୍ୟଟନ ଓ କ୍ରୁଜ ପର୍ଯ୍ୟଟନ ଉପରେ ଅଧିକ ଗୁରୁତ୍ୱ ଦିଆଯିବ । ଓଡ଼ିଶାରେ ପର୍ଯ୍ୟଟନ ଭିତ୍ତିଭୂମି ସହ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ରହିଥିଲେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ବିଦେଶୀ ପର୍ଯ୍ୟଟକ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇ ପାରିନାହିଁ । ଉଭୟ ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଁ ଏହି ସମ୍ମେଳନର ଆୟୋଜନ କରା ଯାଇଛି । ପ୍ରାୟ ୮୫ ପ୍ରତିଶତ ବିଦେଶୀ ପର୍ଯ୍ୟଟକ ଇଣ୍ଡିଆନ ଆସୋସିଏସନ୍ ଅଫ୍ ଟୁର ଅପରେଟର୍ସର ଦ୍ୱାରା ଭାରତ ଆସିଥାନ୍ତି । ଓଡ଼ିଶାରେ ପର୍ଯ୍ୟଟନର ଅପୂର୍ବ ସୁଯୋଗ ରହିଥିବାରୁ ଏଠାକୁ ଅଧିକରୁ ଅଧିକ ବିଦେଶୀ ପର୍ଯ୍ୟଟକଙ୍କୁ ଆଣିବା ପାଇଁ ସମ୍ମେଳନର ବିଜନେସ ସେସନ୍ ଓ ନଲେଜ ସେସନ୍ରେ ଆଲୋଚନା କରାଯାଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ । ୨୦୦୮ ରେ ଶେଷ ଥର ପାଇଁ ଭୁବନେଶ୍ୱରରେ ଇଣ୍ଡିଆନ ଆସୋସିଏସନ୍ ଅଫ୍ ଟୁର ଅପରେଟର୍ସର ସମ୍ମେଳନ ଅନୁଷ୍ଠିତ ହୋଇଥିଲା । ୨୫ ତାରିଖରେ ଭାରତବର୍ଷର ବିଭିନ୍ନ ରାଜ୍ୟରୁ ଆସିଥିବା ୧ ହଜାର ଟୁର ଅପରେଟର୍ସର ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ପରବର୍ତୀ ପର୍ଯ୍ୟଟନ ଭିତ୍ତିଭୂମି ଓ ବ୍ୟବସ୍ଥା ଅନୁଧ୍ୟାନ କରି ପରେ ନିଜ ନିଜ ୱେବସାଇଟରେ ଏହାକୁ ସ୍ଥାନ ଦେବେ । ପର୍ଯ୍ୟଟନ ମନ୍ତ୍ରଣାଳୟ, ଭାରତ ସରକାର, ଓଡ଼ିଶା ପର୍ଯ୍ୟଟନ ଏବଂ ୧୭ଟି ରାଜ୍ୟ ଏହି ସମ୍ମିଳନୀରେ ଅଂଶଗ୍ରହଣ କରୁଛନ୍ତି ।

ସମ୍ମିଳନୀରେ ବରିଷ୍ଠ ସରକାରୀ ଅଧିକାରୀ, ପର୍ଯ୍ୟଟନ ଅଂଶୀଦାର ଯଥା ଟୁର୍ ଅପରେଟର, ଟ୍ରାଭେଲ୍ ଏଜେଣ୍ଟ, ହୋଟେଲିୟର୍, ପର୍ଯ୍ୟଟନ ପରିବହନ ଅପରେଟର, ସାମିଲ ହେବେ ।ଏହି ସାମ୍ବାଦିକ ସମ୍ମିଳନୀରେ ଆଇଟିଓ ଜାତୀୟ ଅଧ୍ୟକ୍ଷ ରବି ଗୋସାଇଁ, ପୂର୍ବ କ୍ଷେତ୍ର ଅଧ୍ୟକ୍ଷ ଜେ.କେ. ମହାନ୍ତି,ସମ୍ମିଳନୀର ସହ-ଅଧ୍ୟକ୍ଷ ଏବଂ ଯୁଗ୍ମ ସଚିବ ଭିନେ ତ୍ୟାଗୀ , ଆଇଟିଓ ଓଡ଼ିଶା ଚାପ୍ଟର ଅଧ୍ୟକ୍ଷ ଗଗନ ଷଡ଼ଙ୍ଗୀ , ବରିଷ୍ଠ ଉପ ସଭାପତି ସଞ୍ଜୟ ରାଜଦାନ, ରଞ୍ଜିସ୍ କାଇସ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ଦୁଇ ଛାତ୍ର ମୃତ

ଭୁବନେଶ୍ୱର, (ସବ୍ୟୁ) : ଫାୟାର ଷ୍ଟେସନ ଛକରେ ଦୁର୍ଘଟଣାରେ ଦୁଇଜଣ ଛାତ୍ରଙ୍କ ମୃତ୍ୟୁ ହୋଇଛି । ଦୁହେଁ ହେଲେ ରାଜଧାନୀ ଉପକଣ୍ଠର ଏକ ଇଞ୍ଜିନିୟରିଂ କଲେଜର ଅନ୍ୱେଷ ସତ୍ୟରଞ୍ଜନ ଦାସ ଓ ଦେବୀପ୍ରସାଦ ପରିଡା । ଦୁହେଁ ବୁଧବାର ବିଳମ୍ବିତ ରାତିରେ ବୁଲେଟ୍‌ରେ ରାଜଧାନୀକୁ ଆସି ଦ୍ରୁତ ଗତିରେ ଯାଉଥିବା ବେଳେ ଫାୟାରଷ୍ଟେସନ ପାଖ ସ୍ପିଡ୍ ବ୍ରେକର ଦେଖି ଭାରସାମ୍ୟ ହରାଇଥିଲେ । ଗାଡି ଗୋଟିଏ ଖୁଣ୍ଟରେ ପିଟିହେବା ସହ ଗଛରେ ପିଟି ହୋଇଥିଲା । ବ୍ୟାରିକେଡ୍ ପୋଲ ମଧ୍ୟ ଭାଙ୍ଗି ଛାର୍‌ଖାର ହୋଇଯାଇଛି । ଖବର ପାଇ ନୂଆପଲ୍ଲୀ ଥାନା ପୋଲିସ ପହଞ୍ଚି ଦୁଇ ଗୁରୁତରଙ୍କୁ ହସ୍ପିଟାଲ ପଠାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ପୋଲିସ ଘର ଲୋକଙ୍କୁ ଖବର ଦେଇ ବ୍ୟବଚ୍ଛେଦ ପରେ ଶବ ହସ୍ତାନ୍ତର କରାଇବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି । ଦୁର୍ଘଟଣା ନା ଅନ୍ୟ କିଛି କାରଣ ଅଛି ତାହା ଜାଣିବା ପାଇଁ ତଦନ୍ତ କରାଯାଉଥିବା ପୋଲିସ କହିଛି ।

## ଓଡିଶା ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘର ରଜତ ଜୟନ୍ତୀ

ଭୁବନେଶ୍ୱର, (ସବ୍ୟୁ): ଓଡିଶା ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘର ରଜତ ଜୟନ୍ତୀ ଉତ୍ସବ, ଗତ ୧୭ତାରିଖରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଇଂ ହିମାଂଶୁ ଶେଖର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ, ଓଡିଶାର ଉନ୍ନତି ପାଇଁ ଇଞ୍ଜିନିୟର ମାନଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ । ନିର୍ମାଣ କ୍ଷେତ୍ରରେ ଓଡିଶାକୁ କେମିତି ଅନ୍ୟ ରାଜ୍ୟ ତୁଳନାରେ ଆଗକୁ ନେବାକୁ ହେବ, ସେଥିପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଅଭିଜ୍ଞତା ସମ୍ପନ୍ନ ସେବା ନିବୃତ୍ତ ଡିପ୍ଲୋମା ଇଞ୍ଜିନିୟର ମାନଙ୍କୁ ଦୀର୍ଘମିଆଦି ବଡ ବଡ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ କରିବା, ଆୟୁଷ୍ମାନ କାର୍ଡ ବ୍ୟବସ୍ଥାର ସରଳୀକରଣ , ଅବସର ଗ୍ରହଣ କରିବା ପରେ ବିଭିନ୍ନ ପ୍ରାପ୍ୟ ପାଇବାର ସୁବ୍ୟବସ୍ଥା କରିବା ଆଦି ସମୂହ ଦାବୀ ପ୍ରତି ସମବେଦନଶିଳ ହୋଇ, ମନ୍ତ୍ରୀ ଏସବୁକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି , ଆଶୁ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟବକ୍ତା ଭାବରେ




ବିଶିଷ୍ଟ ସାମ୍ବାଦିକ ରାଜାରାମ ଶତପଥୀ, ଓଡିଶାର ନବନିର୍ମାଣ କ୍ଷେତ୍ରରେ ଡିପ୍ଲୋମା ଇଞ୍ଜିନିୟର ମାନଙ୍କ ଭୂମିକା ବାସ୍ତବିକ ପ୍ରଶଂସନୀୟ ଓ ଅଭିନନ୍ଦନୀୟ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ତ୍ତ ବିଭାଗର ପ୍ରାକ୍ତନ ସର୍ବୋଚ୍ଚ ଯନ୍ତ୍ରୀ ଓ ଶାସନ ସଚିବ ଇଂ ଡଃ ନନ୍ଦନନ୍ଦନ ଦାସ , ଏହି ବିଭାଗକୁ ଗୋଟିଏ ମନ୍ତ୍ରଣାଳୟ ଓ ଶାସନ ବ୍ୟବସ୍ଥା ଭିତରେ ରଖିବା ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିବା ବେଳେ, ତାଙ୍କରି ଲିଖିତ ପୁସ୍ତକ ପ୍ରଧାନମନ୍ତ୍ରୀ ଙ୍କୁ ଚିଠିର ୭ ମ ଖଣ୍ଡ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ରାଜ୍ୟ ମାନବାଧିକାର କମିଶନର ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର, ଡି ଏ ଭି ଆଞ୍ଚଳିକ ନିର୍ଦ୍ଦେଶକ ତଥା ଶିକ୍ଷାବିତ୍ ଡଃ କେଶବ ଚନ୍ଦ୍ର ଶତପଥୀ, ନିଜ ନିଜର ବକ୍ତବ୍ୟ ରେ ସଂଘୀୟ ବ୍ୟବସ୍ଥା କୁ ସୁଦୃଢ଼ କରିବା ପାଇଁ ମାର୍ଗ ଦର୍ଶନ କରିଥିଲେ । ପ୍ରାରମ୍ଭରେ ସଙ୍ଘର ସାଧାରଣ ସମ୍ପାଦକ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ଉପସଭାପତି ଇଂ ଶିବ ପ୍ରସାଦ ମିଶ୍ର ବାର୍ତ୍ତା ପଠନ କରିଥିଲେ । ଆଜି ଅବସରରେ ଅନୁଷ୍ଠାନର ସ୍ମରଣିକା କୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ବିଭିନ୍ନକ୍ଷେତ୍ରରେ ଦକ୍ଷତା ଓ ପାରଦର୍ଶିତା ଅର୍ଜନ କରିଥିବା ବରିଷ୍ଠ ସଦସ୍ୟ ଓ ବାଲେଶ୍ୱର , ଗଞ୍ଜାମ, ରାଉରକେଲା କମିଟି ଓ ବ୍ୟକ୍ତି ବିଶେଷ ଙ୍କୁ ମଧ୍ୟ ସମ୍ମାନିତ ସମ୍ବର୍ଦ୍ଧିତ କରା ଯାଇଥିଲା । ତେବେ ଏହି ସମସ୍ତ କାର୍ଯ୍ୟକ୍ରମକୁ ଇଂ ବାବାଜୀ ଚରଣ ବେହେରା , ଇଂବିଘ୍ନରାଜ ଜେନା , ଇଂ ଶ୍ରୀକାନ୍ତ ମହାନ୍ତି, ଇଂ ଅଶୋକ କୁମାର ପଣ୍ଡା, ଇ ନିରୋଦ କୁମାର ଦଳବେହେରା , ଇଂ ବନବିହାରୀ ପଣ୍ଡା , ଇ ଅମ୍ବିକା ବଲ୍ଲଭ ସ୍ୱାଇଁ , ଇଂ ପ୍ରଭାତ କୁମାର ମହାପାତ୍ର , ଇଂ ବାମଦେବ ତ୍ରୀପାଠୀ, ଇଂ କିଶୋର ଚନ୍ଦ୍ର ମହନ୍ତ , ଇଂ ଅଲେଖ ଚନ୍ଦ୍ର ସାହୁ ଓ ଇଂ ସୁକାନ୍ତ ଚନ୍ଦ୍ର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ !ପରିଶେଷରେ ଅନ୍ୟତମ ଉପସଭାପତି ଇଂ ଅଜିତ୍ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ, ଦୁଇ ଅଭିଯୁକ୍ତଙ୍କୁ ଜେରା କଲା କ୍ରାଇମବ୍ରାଞ୍ଚ

## ଆଜି ୮ ଅଭିଯୁକ୍ତଙ୍କ ଜାମିନ ଆବେଦନ ଶୁଣାଣି

କଟକ(ସବ୍ୟୁ): ସ୍ୱତନ୍ତ୍ର ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଦୁଇ ଅଭିଯୁକ୍ତ ରାମ୍‌ଜୀ ପ୍ରସାଦ ଗୁପ୍ତା ଏବଂ ସନାତନ ବିଶୋଇଙ୍କୁ ଗୁରୁବାର ଜେରା କରିଛି କ୍ରାଇମବ୍ରାଞ୍ଚ । ଚୌଦ୍ୱାର ଜେଲରୁ ଅଣାଯାଇ ଅଭିଯୁକ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟରେ ଅପରାହ୍ଣ ୨ଟା ଜେରା ଆରମ୍ଭ ହୋଇଥିଲା । ପ୍ରାୟ ୩ ରୁ ୪ ଘଣ୍ଟା ଧରି ଜେରା କରାଯାଇଛି । ସନାତନ ବହୁ ତଥ୍ୟ କ୍ରାଇମବ୍ରାଞ୍ଚ ଦେଇଥିବାବେଳେ ରାମଜୀଙ୍କ ନିକଟରୁ ସେଭଳି କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିପାରିନାହିଁ । ଶୁକ୍ରବାର ଅପରାହ୍ଣ ୨ଟା ପର୍ଯ୍ୟନ୍ତ ରିମାଣ୍ଡ ଅବଧି ରହିଛି । ଏହି ସମୟ ମଧ୍ୟରେ ଆଉ କିଛି ବ୍ୟକ୍ତିଙ୍କୁ ପଚରାଉଚରା କରାଯିବ ବୋଲି ଜଣାପଡ଼ିଛି । ଅନ୍ୟପକ୍ଷରେ ଅତିରିକ୍ତ ଜିଲା ଦୌରାଜଜ ଅଦାଲତରେ ସମସ୍ତ ଅଭିଯୁକ୍ତଙ୍କର ଜାମିନ ଆବେଦନ ମାମଲାର ଶୁଣାଣି ଆସନ୍ତାକାଲି ହେବ । ସୂଚନାଥାଉକି, ରାମ୍‌ଜୀ ଏବଂ ସନାତନଙ୍କୁ ଦିନିକିଆ ରିମାଣ୍ଡରେ ଆଣିବା ନିମନ୍ତେ କଟକ ଜେଏମଏଫସି-୩ କୋର୍ଟ କ୍ରାଇମବ୍ରାଞ୍ଚକୁ ଅନୁମତି ଦେଇଥିଲେ । ରାମ୍‌ଜୀ ବାଦାମବାଡ଼ି ଅଞ୍ଚଳର ଜଣେ ବ୍ୟବସାୟୀ ହୋଇଥିବାବେଳେ ସନାତନ ହେଉଛନ୍ତି କୋରାପୁଟ ଏକ୍ସ- କ୍ୟାଡର ଶିକ୍ଷକ ସଂଘର ସଭାପତି ।

### ଏକାମ୍ର ନିର୍ବାଚନମଣ୍ଡଳୀରେ ଅଭିଯୋଗ ଶୁଣିଲେ ବିଧାୟକ

## ଦୁଇ ଦିନରେ ୨୩୦ ଅଭିଯୋଗ ଶୁଣାଣି

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ବିଧାୟକ ବାବୁ ସିଂହ ତାଙ୍କ ଅଞ୍ଚଳର ଅଭିଯୋଗ ଶୁଣିଛନ୍ତି । ସୁନ୍ଦରପଦାସ୍ଥିତ ନିଜ କାର୍ଯ୍ୟାଳୟରେ ଶ୍ରୀ ସିଂହ ବିଭିନ୍ନ ଅଞ୍ଚଳର ସାମୁହିକ ଓ ବ୍ୟକ୍ତିଗତ ସମସ୍ୟା ନେଇ ଆସିଥିବା ଜନସାଧାରଣଙ୍କ ସମସ୍ୟାଗୁଡିକୁ ଶୁଣିଥିଲେ । ସାଧାରଣ ଜନତାଙ୍କର ସମସ୍ୟାକୁ ଗୁରୁତ୍ୱ ଦେଇ ଏହାର ତ୍ୱରିତ ସମାଧାନ ପାଇଁ ଆମ ସରକାର ସର୍ବଦା ତତ୍ପର ବୋଲି କହିଥିଲେ । ଚଳିତ ସପ୍ତାହର ସୋମବାର ଓ ବୁଧବାର ୨୩୦ ଜଣଙ୍କ ସମସ୍ୟା ଶୁଣିବା ସହିତ



ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ ନିୟମିତ ଭାବେ ସୁନ୍ଦରପଦାସ୍ଥିତ କାର୍ଯ୍ୟାଳୟରେ ପ୍ରତି ସୋମବାର, ବୁଧବାର ଏବଂ ଶୁକ୍ରବାର ଜନସାଧାରଣଙ୍କର ସାମୁହିକ ଏବଂ ବ୍ୟକ୍ତିଗତ ସମସ୍ୟା ସମାଧାନ ପାଇଁ ପ୍ରୟାସ କରାଯାଏ ।

## ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ

ଭୁବନେଶ୍ୱର (ସବ୍ୟୁ): ହିଣ୍ଡାଲକୋ ହୀରାକୁଦର ପାରିପାର୍ଶିକ ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାନୀୟ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ "ବିଶ୍ୱ ବରିଷ୍ଠ ନାଗରିକ ଦିବସ" ପାଳିତ ହୋଇଯାଇଅଛି ଓ ଭାରତୀୟ ସଂସ୍କୃତିରେ ପୂଜ୍ୟ ପୂଜା କାହିଁ ଅନାଦି ଅନନ୍ତ କାଳରୁ ପ୍ରଚଳିତ ଅଛି ଓ ଏହାକୁ ଆଧାର କରି ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଉପଦେଷ୍ଟା, ସୁକାନ୍ତ ମହାପାତ୍ର ଉପସ୍ଥିତ ବରିଷ୍ଠ ନାଗରିକ ମାନଙ୍କୁ ଏହି ଦିବସରେ ସେମାନଙ୍କର ଭୂମିକାକୁ ପ୍ରଶଂସା କରିବା ସହ ବରିଷ୍ଠ ମାନଙ୍କ ପରାମର୍ଶରେ ପରିବାର ତଥା ସମାଜ ଆଗକୁ ଯାଇଥାଏ ଓ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ପରିଚାଳକ ଆନନ୍ଦ ଚକ୍ରବର୍ତ୍ତି ମତପ୍ରକାଶ କରିଥିଲେ, ଯେଉଁ ଜାଗାରେ ବରିଷ୍ଠ ନାହାନ୍ତି ସେ ସ୍ଥାନରେ ଶୃଙ୍ଖଳା ନାହିଁ ଓ ବରିଷ୍ଠ ନାଗରିକ ସଂଗଠନର ଆଶୀର୍ବାଦ ହିଣ୍ଡାଲକୋ ସହିତ ସଦା ସର୍ବଦା ଥାଉ ଏବଂ ହୀରାକୁଦ ଅଂଚଳର ସର୍ବାଙ୍ଗୀନ ଉନ୍ନତି କ୍ରମେ ଆପଣଙ୍କ ମାର୍ଗଦର୍ଶନ ଓ ସହଯୋଗ ଥାଉ ଓ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ପକ୍ଷରୁ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇ ଥିଲା ଓ ଏହି ସମ୍ବର୍ଧନାର ଉତ୍ତରରେ ବରିଷ୍ଠ ସଂଗଠନର ସମ୍ପାଦକ ମଧୁସୂଦନ ଦାସ ମତପ୍ରକାଶ କରିଥିଲେ ବରିଷ୍ଠ ମାନଙ୍କ ବର୍ତ୍ତମାନ ସମାଜରେ ଆବଶ୍ୟକତା କୁ ବର୍ତ୍ତମାନ ମଧ୍ୟ ସମାଜ କିଛି ଅଂଶରେ ଗ୍ରହଣ କରୁନଥିବା ହେତୁ ବିଶୃଙ୍ଖଳା ଦେଖା ଯାଉଛି ଓ ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଶ୍ରୀମତୀ ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ କୁମାର ତ୍ରିପାଠୀ ଏବଂ ମିଲନ କୁମାର ସାହୁ ସହଯୋଗ କରିଥିଲେ ଓଅନ୍ୟ ବରିଷ୍ଠ ନାଗରିକ ମାନେ ମଧ୍ୟ ହିଣ୍ଡାଲକୋ "ବିଶ୍ୱ ବରିଷ୍ଠ ନାଗରିକ ଦିବସ" ପାଳନ କରିଥିବା ରୁ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗକୁ ଧନ୍ୟବାଦ ଦେଇଥିଲେ ।



# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ଜଣେ ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍‌ଦଣ୍ଡ ହୋଇଛି । ଏଥିସହ ୫ ହଜାର ଟଙ୍କା ଜରିମାନା ପାଇଁ କୋର୍ଟ ନିର୍ଦ୍ଦେଶ କରିଛନ୍ତି । ତାହା ଅନାଦେୟ ହେଲେ ଅଧିକ ୩ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ କୋର୍ଟ କହିଛନ୍ତି । ୪ଲକ୍ଷ ଟଙ୍କା ପୀଡିତାଙ୍କୁ ଦେବା ପାଇଁ ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଚିକିନୁ ଓରଫ ବିଶ୍ୱଜିତ ସେଠୀ ଗତ ୨୨ ମସିହା ଜାନୁଆରୀ ୧୪ ତାରିଖ ମଧ୍ୟାହ୍ନ ସମୟରେ ଅଭିଯୋଗକାରୀଙ୍କ ୯ବର୍ଷର ଝିଅକୁ ନଳକୂଅ ପାଖରୁ ଉଠାଇ ନେଇ ଦୁଷ୍କର୍ମ କରିଥିଲା । ପୀଡିତା ନାବାଳିକା କାନ୍ଦି କାନ୍ଦି ଘରକୁ ଆସି ବାପାଙ୍କୁ ଘଟଣା ସମ୍ପର୍କରେ କହିଥିଲେ । ଅଭିଯୋଗକାରୀ ଅଭିଯୁକ୍ତଙ୍କ ଘରକୁ ଯାଇଥିବା ବେଳେ ସେ ତାଙ୍କୁ ଦେଖି ଖସି ପଳାଇଥିଲା । ପୀଡିତା ଯନ୍ତ୍ରଣାରେ ଛଟପଟ ହେଉଥିବାରୁ ତାଙ୍କ ବାପା ତାଙ୍କୁ ଅଠାନ୍ତର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ଅବସ୍ଥା ଭଲ ନଥିବାରୁ ପୀଡିତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା । ପୀଡିତା ସୁସ୍ଥ ହେବା ପରେ ତାଙ୍କ ବାପା ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ ଚିକୁନୁକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା । ଅଭିଯୁକ୍ତ ବିରୋଧରେ ପୋକ୍‌ସୋ ଧାରା ୬ ସହିତ ୩୭୬ (୨) (ଏନ୍) / ୩୭୬ ଦଫାରେ ଚାର୍ଜସିଟ୍ କରାଯାଇଥିଲା । ଅଦାଲତ ୧୬ଜଣ ସାକ୍ଷୀ, ୬୦ଟି ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତ ଚିକୁନ ଓରଫ ବିଶ୍ୱଜିତ ସେଠୀକୁ ପୋକ୍‌ସୋ ଆଇନର ଧାରା-୬ ଅନୁଯାୟୀ ୨୦ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ହୋଇଥିବା ବେଳେ ତାହା ନଦେଲେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ତାଙ୍କ ରାୟରେ କହିଛନ୍ତି ।

## ପ୍ରଥମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ମାମଲା, ବୃଦ୍ଧଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,(ସବ୍ୟୁ): ପ୍ରଥମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ମାମଲାର ବିଚାରଣ କରି ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପୋକସୋ ଅଦାଲତର ଜଜ ପ୍ରଣତି ପଟ୍ଟନାୟକ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଜଣେ ବୃଦ୍ଧଙ୍କୁ ୨୦ ବର୍ଷ ଜେଲରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଗାଙ୍ଗପୁର ଥାନା ଅଞ୍ଚଳର ମାଧବ ସ୍ୱାଇଁ(୬୦)। ଜେଲ ଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା ଦେବାକୁ ଜଜ ନିର୍ଦ୍ଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଜଜ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପିଡ଼ିତା ନାବାଳିକାଙ୍କୁ ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣକୁ ଜଜ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶଯେ, ୨୦୨୪ ମଇ ମାସ ୨୨ ତାରିଖ ସନ୍ଧ୍ୟାରେ ଏହି ୬ ବର୍ଷୀୟ ନାବାଳିକା ଜଣଙ୍କ ନିଜ ଗାଁର ଏକ ଦୋକାନକୁ ବିସ୍କୁଟ କିଣିବାକୁ ଯାଇଥିବା ବେଳେ ସେଠାରେ ଉପସ୍ଥିତ ଥିବା ଅଭିଯୁକ୍ତ ମାଧବ ତାଙ୍କୁ ଚକଲେଟ ଦେବାକୁ କହି ନିକଟରେ ଥିବା ଏକ ଖଳାକୁ ଡାକି ନେଇଥିଲା। ସେଠାରେ ନାବାଳିକାଙ୍କ ଡ୍ରେସ ବାହାର କରି ତାକୁ ବଳାତ୍କାର କରିଥିଲା। ନାବାଳିକା ଜଣଙ୍କ ନିଜ ଘରକୁ ଫେରିବା ପରେ ଅସୁସ୍ଥ ଅନୁଭବ କରିବା ସହ ତା' ଗୋଡରେ ରକ୍ତ ଲାଗିଥିବା ପରିବାର ଲୋକେ ଦେଖିଥିଲେ। ପଚରାଉଚରା ପରେ ନାବାଳିକା ଜଣଙ୍କ ଘଟଣା ବିଷୟରେ କହିଥିଲା। ପରିବାର ଲୋକେ ନାବାଳିକାଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ। ତା' ପରେ ଅଭିଯୁକ୍ତ ମାଧବ ଘରକୁ ଯାଇ ଘଟଣା ବିଷୟରେ ପଚାରିଥିଲେ। ସେହି ସମୟରେ ଅଭିଯୁକ୍ତ ମାଧବ ନାବାଳିକା ପରିବାର ଲୋକଙ୍କୁ ନାନାପ୍ରକାର ଧମକ ଦେଇଥିଲା। ଘଟଣାକୁ ନେଇ ନାବାଳିକାଙ୍କ ପରିବାର ଲୋକେ ଗାଙ୍ଗପର ଥାନାକୁ ଯାଇ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା(୩୦୬/୨୪) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଅଭିଯୁକ୍ତ ମାଧବଙ୍କୁ ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଥିଲା। ଗିରଫ ପରଠାରୁ ଅଭିଯୁକ୍ତ ମାଧବ ବିଚାରଧୀନ ବନ୍ଦୀ ଭାବେ କାରାଗାରରେ ରହି ଆସୁଥିଲେ। ଏହି ମାମଲାର ତଦନ୍ତ ଅଧିକାରୀ ଅଜୟ ମଲ୍ଲିକ ଚାର୍ଜସିଟ ଦାଖଲ କରିଥିଲେ। ବିଚାରଣ ବେଳେ ୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀଙ୍କ ବୟାନ ଓ ତଥ୍ୟକୁ ଭିତ୍ତି କରି ଅଦାଲତର ଜଜ ଆଜି ଉପରୋକ୍ତ ରାୟ ଶୁଣାଇଥିଲେ। ରାୟ ପ୍ରକାଶ ବେଳେ ଅଭିଯୁକ୍ତ ମାଧବଙ୍କୁ ଅଦାଲତରେ ହାଜର କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

## ପାନ ଦୋକାନରେ ଉପ ଜିଲ୍ଲାପାଳଙ୍କ ଚଢ଼ାଉ

# ୩ ଗିରଫ : ବିପୁଳ ପରିମାଣରେ ମଦ ଜବତ



ଚିକିଟି, (ସବ୍ୟୁ): ବ୍ରହ୍ମପୁର ସବ ଡିଭିଜନ ଚିକିଟି ଅବକାରୀ ଅବକାରୀ ବିଭାଗ ଅଧିନସ୍ଥ ଧାନଘର ଛକ ରେ ରହିଥିବା ୩ ଗୋଟି ପାନ ଦୋକାନ ଉପରେ ଗୁରୁବାର ପୂର୍ବାହ୍ନ ୧୧ ଟା ସମୟରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅଚାନକ ଚଢ଼ାଉ କରି ୨୩୫ ଲିଟର ବେଆଇନ ଦେଶୀ ଏବଂ ବିଦେଶୀ ମଦ ଜବତ କରିବା ସହ ୩ ଅଭିଯୁକ୍ତ ରଞ୍ଜନ ସାହୁ, ଅଭିମନ୍ୟୁ ସାହୁ, ସୁରେନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି । ଦୀର୍ଘ ୨୦ ବର୍ଷ ଧରି ଅବକାରୀ ବିଭାଗ ନାକ ତଳେ ବେଆଇନ ମଦ ବେପାର ଚାଲିଥିଲେ ସୁଦ୍ଧା ପ୍ରଶାସନ ହାତ ମାରିବାକୁ କୁଂଥୁ କୁଂଥୁ ହେଉଥିଲା । ଆଳୁ ଖୋଳୁ ଖୋଳୁ ମହାଭାରତ ଭଳି ଉପ ଜିଲ୍ଲାପାଳ ଅବିନାଶ କୁମାର ବିଗତ ଦିନ ରେ ଚିକିଟି ଜେନାପୁର ମଦ ମୃତ୍ୟୁ ତଦନ୍ତ ଖିଅ ଖୋଜିବାକୁ ସକାଳ ୯ ଟା ରେ ଜେନାପୁର ପହଂଚି ମଦ ମୃତ୍ୟୁର ତଦନ୍ତ ପରେ ଧାନ ଘର, ମାଉନ୍ଦ ପୁର, ଢ଼େପଗାଁ ରେ ବେଆଇନ ନକଲି ମଦ ବିକ୍ରି ର ସୁରାକ ପାଇ ଧାନଘର ପାନ ଦୋକାନ ଗୁଡିକରେ ତହସିଲଦାର ବିଶ୍ୱରଂଜନ କଂହରକୁ ଡାକି ଚଢ଼ାଉ କରି ବିପୁଳ ପରିମାଣ ଦେଶୀ ବିଦେଶୀ ମଦ ଜବତ କରିଥିଲେ । ପରେ କରବାଲୁଆ ସରକାରୀ ବିଦେଶୀ ମଦ ଦୋକାନ କୁ ତଦନ୍ତ କରିବା ପରେ ଉକ୍ତ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନକୁ ସିଲ କରିଛନ୍ତି । ମାଉନ୍ଦପୁର ଗସ୍ତ କରି ଲୋକ ଙ୍କ ସହ ସାକ୍ଷାତ କରି ଫେରିଛନ୍ତି । ଅଞ୍ଚଳ ରେ ବେଆଇନ ମଦ ବିକ୍ରେତା ଙ୍କ ମନରେ କୋକୁଆ ସୃଷ୍ଟି କରିଛି । ଏହି ଚଢ଼ାଉ ବେଳେ ଚିକିଟି ଅବକାରୀ ବିଭାଗ, କେ ନୂଆଗାଁ ପୁଲିସ ଏବଂ ଚିକିଟି ରାଜସ୍ୱ ନିରୀକ୍ଷଣ ବଳରାମ ପ୍ରଧାନ ଉପସ୍ଥିତ ଥିଲେ ।

## ଯୌତୁକ ନିର୍ଯାତନା : ସ୍ୱାମୀ , ଯା' କୁ ୨ବର୍ଷ ଜେଲ

ବ୍ରହ୍ମପୁର,(ସବ୍ୟୁ): ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଜେଏମଏଫସି) ରାଜଶ୍ରୀ ଆରିୟବାଳା ତ୍ରିପାଠୀ ଏକ ଯୌତୁକ ମାମଲାର ଶୁଣାଣି କରିଛନ୍ତି । ଉପଯୁକ୍ତ ପ୍ରମାଣ ଆଧାରରେ ସେ ନିର୍ଯାତିତା ମହିଳାଙ୍କ ସ୍ୱାମୀ ଓ ତାଙ୍କ ଯାଆକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଗୁରୁ= ଗ୍ରାମର ସ୍ୱର୍ଗତ ଦୁର୍ଯ୍ୟୋଧନ ମହାରଣାଙ୍କ ପୁଅ ସୀମାଞ୍ଚଳ ମହାରଣା ଓ ନିର୍ଯାତିତାଙ୍କ ଯାଆ ତଥା ସ୍ୱର୍ଗତ ରାଜେନ୍ଦ୍ର ମହାରଣାଙ୍କ ଝିଅ ଜୟନ୍ତୀ ମହାରଣା । ମାଜିଷ୍ଟ୍ରେଟ ଉଭୟଙ୍କୁ ପ୍ରତ୍ୟେକ ଦୁଇ ବର୍ଷ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୫ ଜୁନ ୧୨ ତାରିଖରେ ବିଜୟଲକ୍ଷ୍ମୀ ମହାରଣାଙ୍କୁ ଗୁରୁ= ଗ୍ରାମର ସୀମାଞ୍ଚଳ ମହାରଣା ବୈଦିକ ରୀତିରେ ବିବାହ କରିଥିଲେ । ପରେ ତାଙ୍କସ୍ୱାମୀ ଓ ଯାଆ ଅଧିକ ଯୌତୁକ ଦାବିରେ ନିର୍ଯାତନା ଦେଉଥିଲେ । ସୀମାଞ୍ଚଳ ଜଣେ ହୋମଗାର୍ଡ ଭାବେ ପୋଲିସରେ କାମ କରୁଥିବାରୁ ସେ ତାଙ୍କ ସ୍ତ୍ରୀ'ଙ୍କୁ ମାରପଟ କରିବା ସହ ସହ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ । ସେ ଏନେଇ ମହିଳା ଥାନାରେ ଅଭିଯୋଗ କରିଥିଲେ । ଉକ୍ତ ମାମଲାର ବିଚାରଣା ବେଳେ ୧୧ ଜଣ ସାକ୍ଷୀଙ୍କ ବୟାନ କୁ ଆଧାର କରି ମାଜିଷ୍ଟ୍ରେଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ଏପିପି ସୁରେନ୍ଦ୍ରନାଥ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ ।

## ନାବାଳିକାଙ୍କୁ ଅସଦାଚାରଣ : ଯୁବକ ଗିରଫ

ବ୍ରହ୍ମପୁର,(ସବ୍ୟୁ): ଜନୈକା ୧୪ ବର୍ଷର ନାବାଳିକାଙ୍କୁ ଅସଦାଚାରଣ କରିବା ସହ ତାଙ୍କୁ ଚୁମ୍ବନ ପାଇଁ ଟଙ୍କା ଦେବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡିଛି । ପୋଲିସ ଉକ୍ତ ଯୁବକଙ୍କୁ କାବୁ କରିଛି । ଗିରଫ ଯୁବକ ଜଣକ ହାଉସିଂ ବୋର୍ଡ଼ ଅଞ୍ଚଳର ଜି ନରେଶ ଦୋରା(୨୯) । ମାମଲା ନଂ ୨୯୭/୨୫ ରେ ଗୋଶାଣିନୁଆଗାଁ ପୋଲିସ ତାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ଏନେଇ ବ୍ରହ୍ମପୁର ଏସପି ଡା. ସର୍ଣ୍ଣା ବିବେକ ଏମ ସୂଚନା ଦେଇଛନ୍ତି ।ଘଟଣାରୁ ପ୍ରକାଶ ଯେ, ଗୋଷାଣୀନୂଆଗାଁ ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରେ ଜଣେ ମହିଳା କାମ କରନ୍ତି । ସେ ଅସୁସ ଥିବାରୁ ତାଙ୍କ ଝିଅ ସେଠାକୁ କାମ କରିବାକୁ ଯାଇଥିଲେ । ସେଠାରୁ କାମ ସାରି ନାବାଳିକା ଜଣଙ୍କ ଘର ବାହାରକୁ ଆସୁଥିବା ବେଳେ ଉକ୍ତ ଯୁବକ ଜଣଙ୍କ ତାଙ୍କୁ ନଗଦ ୫୦୦ ଟଙ୍କା ଦେଇଥିଲେ ଏବଂ ତାଙ୍କୁ ଚୁମ୍ବନ ଦେବାକୁ ଚେଷ୍ଟା କରିଥିଲେ । ନାବାଳିକା ଜଣଙ୍କ ଏହାର ପ୍ରତିବାଦ କରିବାରୁ ସେ ତାଙ୍କର ଡ୍ରେସ ଟାଣି ଅସଦାଚରଣ କରିଥିଲେ । ଘରକୁ ଫେରି ସେ ଏନେଇ ନିଜ ମାଆକୁ ଜଣାଇଥିଲେ । ପରେ ପିଡ଼ିତାଙ୍କ ମା' ଝିଅର ମର୍ଯ୍ୟାଦା ହାନି ଘଟିବା ସହ ତାଙ୍କୁ ଅସଦାଚରାଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଛାତ୍ର - ଅଣଛାତ୍ର ମୁହାଁମୁହିଁ ଘଟଣା

# ଜଣେ ଛାତ୍ର ଆହତ, ଗିରଫ ଦାବି କଲେ ରମେଶ ଜେନା

ବ୍ରହ୍ମପୁର (ସବ୍ୟୁ): ବୁଧୁବାର ସନ୍ଧ୍ୟାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଛାତ୍ର - ଅଣଛାତ୍ର ମୁହାଁମୁହିଁରେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଦିତୀୟ ବର୍ଷ ଛାତ୍ର ଅଭିଳାଷ ମିଶ୍ର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ । ପରେ ବୁଧବାରି ରାତିରେ ଗୋପାଳପୁର ଥାନାରେ ଆହତ ଛାତ୍ର ଜଣକ ଜୀବନ ପ୍ରତି ବିପଦ ଥିବା ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୨୯୬/୨୫ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପରେ ଗୋପାଳପୁର ଥାନାରେ ଅଭିଯୋଗ ଦେବାକୁ ଯାଇଥିବା ବେଳେ ଥାନାରେ ସେମାନଙ୍କୁ ଏ ବି ଭି ପି ଓ ବିଜେପି ର କିଛି ଯୁବକ ଧମକ ଚମକ ଦେଇଥିଲେ । ପରେ ଘଟଣାରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ସମେତ ବହୁ ସମର୍ଥକ ମାନେ ଥାନା ଆଗରେ ବିକ୍ଷୋଭ କରିବା ସହ ଧାରଣା ଦେଇଥିଲେ । ଆକ୍ରମଣ କରିଥିବା ଏବଂ ଘଟଣାରେ ସମ୍ପୃକ୍ତ ଥିବା ଅଣଛାତ୍ରଙ୍କୁ ତୁରନ୍ତ ଗିରଫ କରିବା ଦାବି କରିଥିଲେ ।ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଭିକ୍ଷୋଭରୁ ଓହରି ଥିଲେ । ଘଟଣାକୁ ନଜରରେ ରଖି୨ ପ୍ଲାଟୁନ ପୁଲିସ ମୁତୟନ ହୋଇଛନ୍ତି ।ଗୁରୁବାର ଦିନି ଛାତ୍ର କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ମହେଶ କୁମାର ଗୌଡ଼, ଛାତ୍ର ଇଜୁ ଖାଁ ଙ୍କ ନେତୃତ୍ୱରେ ଛାତ୍ର ମାନେ ପ୍ରଶାସନିକ କୋଠା ସମ୍ମୁଖରେ ଭିକ୍ଷୋଭ ପଦର୍ଶନ କରିବା ସହ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଉଦେଶ୍ୟରେ ଦାବିପତ୍ର କୁଳସଚିବଙ୍କୁ ପ୍ରଦାନ କରିଥିଲେ । ନେଇ କୁଳସଚିବ କୁଳପତିଙ୍କ ସହ ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଥିଲେ । ଏ ନେଇ ଗୁରୁବାର ଦିନ କୁଳପତି ଙ୍କ ନିର୍ଦ୍ଦେଶ କ୍ରମେ ଶୃଙ୍ଖଳା କମିଟି ବିଭିନ୍ନ ବିଭାଗ ର ମୁଖ୍ୟ ମାନଙ୍କ ସହ ବୈଠକ ହୋଇଥିଲା । ଘଟଣର ତଦନ୍ତ କରି ସମ୍ପୃକ୍ତ ଥିବା ଛାତ୍ରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । କ୍ୟାମ୍ପସ ଅଶାନ୍ତକୁ ନଜରରେ ରଖି ୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥି ବେଳେ କଡ଼ା କ ପେଟ୍ରୋଲିଂ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ କହିଛନ୍ତି । ଏ ନେଇ ଗୁରୁବାର ଦିନି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳସଚିବଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ କରିଛନ୍ତି ଯେ ଶିକ୍ଷକ,ଅଣ ଶିକ୍ଷକ, ଛାତ୍ର, ଛାତ୍ରୀ, ଗବେଷକ ମାନେ ପରିଚୟ ପତ୍ର ବାଧ୍ୟତା ମୂଳକ ହୋଇଛି । କେବଳ ନାଲକୋ ଗେଟ ରେ ହିଁ ଯାତାୟତ କରିବେ ।୫ ଟା ପରେ ଅଣ ପ୍ରବେଶ କାରୀ ଙ୍କୁ ପ୍ରବେଶ ବାରଣ ହୋଇଛି । ଛାତ୍ର ହଷ୍ଟେଲରେ ୪ ଜଣ ସୁରକ୍ଷାକର୍ମୀ ନିୟୋଜିତ ହେବ,ପାଚିରି ନିମନ୍ତେ ରାଜ୍ୟ ସରକାରଙ୍କୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିବେଦନ କରିବେ ,ଗଠିତ ୨ଟି କମିଟି ପ୍ରତ୍ୟେକ ଦିନ ହଷ୍ଟେଲ ତଦାରଖ କରିବେ । ଥାନା ସମ୍ମୁଖରେ ବିକ୍ଷୋଭ ବେଳେ ଯେଉଁ ଛାତ୍ରଙ୍କ ସମ୍ପୃକ୍ତ ଆସେ ସେମାନଙ୍କୁ ସବୁ ଦିନ ପାଇଁ ହଷ୍ଟେଲରୁ ବାହାର କରାଦିଆଯିବ ବୋଲି କୁଳପତି ଗୀତାଞ୍ଜଳି ଦାଶ ସୂଚନା ଦେଇଛନ୍ତି । ଏ ନେଇ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ବିଶବିଦ୍ୟାଳୟରେ ଘଟିଥିବା ଘଟଣାକୁ ଅତ୍ୟନ୍ତ ଦୁରଭାଗ୍ୟ ଜଣକ,ଅଣ ଛାତ୍ର ପ୍ରବେଶକୁ ସଦା ସର୍ବଦା ବିରୋଧ କରିଛି । ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ବନ୍ଦ କରିବା ରାଜନୈତିକ ଚାପ ରହିଥିବା ଏବଂ କଂଗ୍ରେସ ଏହି ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି । ବ୍ରହ୍ମପୁର ବିଶବିଦ୍ୟାଳୟ ରେ ଦୀର୍ଘ ମାସ ହେଲା ଡ଼ିଏସପି ପଦବୀ ଖାଲି ପଡିଛି ।ଭଞ୍ଜ ବିହାର ପରିସରରେ ଥିବା ଫାଣ୍ଡି କରାପଲ୍ଲୀ ସ୍ଥାନାନ୍ତର ହେବା ସହ ସେଠାରେ ସ୍ଥାୟୀ ଫାଣ୍ଡି ଅଧିକାରୀ ନଥିବା ଏବଂ ଫାଟକ ବନ୍ଦ ଦ୍ୱାରା ପେଟ୍ରୋଲିଂ ହଉନଥିବା ରୁ ଶୃଙ୍ଖଳା ଉପରେ ବାଧା ସୃଷ୍ଟି ହୋଉଥିବା ଅଭିଯୋଗ ହୋଇଛି । ତାହାସହ ଶୃଙ୍ଖଳା ଓ ହଷ୍ଟେଲ ଦାୟିତ୍ୱରେ ରହୁଥିବା ଅଧିକାରୀ ମାନେ କ୍ୟାମ୍ପସ ପରିସରରେ ରହୁନଥିବାରୁ ବିଶୃଙ୍ଖଳା ହେଉଥିବା ଜଣାପଡ଼ିଛି ୯ ଏଥି ପ୍ରତି ଦୃଷ୍ଟି ଦେଲେ ବିଶୃଙ୍ଖଳା କମି ପାରିବ ବୋଲି ଜଣାପଡିଛି ।

## ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବୁଗୁଡ଼ା ,(ସବ୍ୟୁ): ସ୍ଥାନୀୟ ପିପୁଲ୍ସକଲେଜର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱପରିସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ସାଗତ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅଧାପିକା କ୍ରିଷ୍ଟା କୁମାରୀ ବାର୍ଗୀ , ଅଧ୍ୟାପିକା ପ୍ରତୀକ୍ଷା ସାହୁ ଓ ମଧୁସ୍ମିତା ପ୍ରଧାନ , ଡେମୋନଷ୍ଟେଟର୍ ରାମକୃଷ୍ଣ ନାୟକ ଯୋଗ ଦେଇଥିଲେ । ଏ ଅବସରରେ ନବାଗତ ଛାତ୍ରଛାତ୍ରୀମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ ଏବଂ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ସହ ନିଜ ଡିପାର୍ଟମେଣ୍ଟ ଓ କଲେଜର ଅନୁଶାସନ ମାନି ଚଳିବାକୁ ପରାମର୍ଶ ଦେଇଥିଲେ । ଏଥି ସହ ଅଧ୍ୟକ୍ଷ ଏବଂ ବିଭାଗୀୟ ଅଧ୍ୟାପନାକାରୀମାନେ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ରୀ ଯାଜ୍ଞସେନୀ ପ୍ରଧାନ ସ୍ୱାଗତ ଭାଷଣ ଓ ପ୍ରିୟାଙ୍କା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଛାତ୍ରୀ ଶ୍ୱେତାଙ୍କିନୀ ଖାଡ଼ଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ ।





ପଶ୍ଚିମବଙ୍ଗର ଜନତାଙ୍କ ପାଇଁ ପ୍ରାୟ ଟ. ୫,୨୦୦ କୋଟିର ପରିଯୋଜନା ଉପହାର

ନରେନ୍ଦ୍ର ମୋଦୀ

ପ୍ରଧାନମନ୍ତ୍ରୀଙ୍କ

ଦ୍ୱାରା

ସିଆଲଦା-ଏସ୍‌ପ୍ଲାନେଡ୍ ସେକ୍ସନ (ଗ୍ରୀନ୍ ଲାଇନ)
ବେଲେଘାଟ-ହେମନ୍ତ ମୁଖୋପାଧ୍ୟାୟ ସେକ୍ସନ (ଅରେଞ୍ଜ ଲାଇନ)
ନୂଆପଡ଼ା-ଜୟହିନ୍ଦ୍ ବିମାନବନ୍ଦର ସେକ୍ସନ (ୟେଲୋ ଲାଇନ)
ଏବଂ
ହାଓ୍ୱଡ଼ା ମେଟ୍ରୋ ଷ୍ଟେସନଠାରେ ସବ୍‌ୱେ

ଉଦ୍‌ଘାଟନ

ସିଆଲଦା- ଏସ୍‌ପ୍ଲାନେଡ (ଗ୍ରୀନ୍ ଲାଇନ)
ବେଲେଘାଟା-ହେମନ୍ତ ମୁଖୋପାଧ୍ୟାୟ (ଅରେଞ୍ଜ ଲାଇନ)
ନୂଆପଡ଼ା-ଜୟହିନ୍ଦ୍ ବିମାନବନ୍ଦର (ୟେଲୋ ଲାଇନ)

ମେଟ୍ରୋ ସେବାର ପତାକା ଦେଖାଇ ଶୁଭାରମ୍ଭ

୬ ଲେନ୍ ଏଲିଭେଟେଡ୍, ଓନା ଏକ୍ସପ୍ରେସ୍ ୱେ, ଏନ୍ଏଚ୍-୧୨ର

ଶିଳାନ୍ୟାସ

ମୁଖ୍ୟାଂଶ ଏବଂ ଲାଭ

ମେଟ୍ରୋ ପ୍ରକଳ୍ପ

**ଗ୍ରୀନ୍ ଲାଇନ (ସିଆଲଦା–ଏସ୍‌ପ୍ଲାନେଡ୍)**
ଦୈର୍ଘ୍ୟ– ୩ କିମି । ମୂଲ୍ୟ : ଟ. ୧୧୮୦ କୋଟି ଆନୁମାନିକ
- ହାଓ୍ୱଡ଼ା ମଇଦାନରୁ ସଲ୍ଟ ଲେକ୍ ସେକ୍ଟର ୬ ପର୍ଯ୍ୟନ୍ତ ଫାଇନାଲ ଲିଙ୍କ୍
- ହାଓ୍ୱଡ଼ା ଓ ସିଆଲଦାକୁ ମେଟ୍ରୋରେ ଯାତ୍ରାର ସମୟ– ୬୦ ମିନିଟ୍‌ରୁ ୧୧ ମିନିଟ୍ ହ୍ରାସ
- ଡିବିଡି ବାଗ୍, ଏସ୍‌ପ୍ଲାନେଡ୍ ଓ ସଲ୍ଟ ଲେକ୍– ନ୍ୟୁଟାଉନରେ ଛାତ୍ରଛାତ୍ରୀ, ପ୍ରଫେସନାଲଙ୍କ ପାଇଁ ବଡ଼ ଆଶ୍ୱସ୍ତି

**ୟେଲୋ ଲାଇନ (ନୂଆପଡ଼ା–ଜୟହିନ୍ଦ୍ ବିମାନବନ୍ଦର)**
ଦୈର୍ଘ୍ୟ– ୭ କିମି । ମୂଲ୍ୟ: ଟ. ୧୮୫୦ କୋଟିରୁ ଅଧିକ
- ଏଣିକି କୋଲକାତା ବିମାନବନ୍ଦର ସିଧାସଳଖ ମେଟ୍ରୋ ନେଟ୍‌ୱାର୍କ ସହ ସଂଯୋଗ
- ବିମାନବନ୍ଦରକୁ ଯିବାର ସମୟ ୧ଘଣ୍ଟାରୁ ୩୦ ମିନିଟ୍‌କୁ କମିଯିବ
- ଦମ୍‌ଦମ୍ କ୍ୟାଣ୍ଟନମେଣ୍ଟରେ ଇଣ୍ଟରଚେଞ୍ଜ ସିଟି–ସବ୍ ଅର୍ବାନ ଆକ୍ସେସ୍‌କୁ ସହଜ ହେବ

**ଅରେଞ୍ଜ ଲାଇନ (ବେଲେଘାଟା– ହେମନ୍ତ ମୁଖୋପାଧ୍ୟାୟ)**
ଦୈର୍ଘ୍ୟ– ୪ କିମି । ମୂଲ୍ୟ : ଟ. ୮୭୫ କୋଟି
- ନୂଆଘରିଆରୁ ବେଲେଘାଟାକୁ ଉପସ୍ଥିତ ଲାଇନର ସମ୍ପ୍ରସାରଣ
- ବେଲେଘାଟାରୁ କବି ସୁବାସକୁ ଯିବାକୁ ଯାତ୍ରୀଙ୍କୁ ଲାଗିବ ମାତ୍ର ୨୩ ମିନିଟ୍
- କୋଲକାତା, ଉତ୍ତର ଓ ଦକ୍ଷିଣ ଚବିଶ ପ୍ରଗଣାର ଅଧିବାସୀଙ୍କୁ ମିଳିବ ଲାଭ

**ହାଓ୍ୱଡ଼ା ଷ୍ଟେସନରେ ନୂଆ ସବ୍‌ୱେ**
ମୂଲ୍ୟ : ଟ. ୫୦ କୋଟିରୁ ଅଧିକ
- ମେଟ୍ରୋ ଏବଂ ପୂର୍ବ/ଦକ୍ଷିଣ–ପୂର୍ବ ରେଳବାଇ ମଧ୍ୟରେ ସିମ୍‌ଲେସ୍ ଇଣ୍ଟରଚେଞ୍ଜ
- ବଞ୍ଚିବ ସମୟ ଏବଂ ଯାତ୍ରା ସୁବିଧାରେ ଉନ୍ନତି

**ବିଶ୍ୱ ଶ୍ରେଣୀର ଷ୍ଟେସନ୍ ଓ ସୁଖସୁବିଧା**
- ନୂଆ ଷ୍ଟେସନଗୁଡ଼ିକ ହେଲା: ଭିଆଇପି ବଜାର, ରୀତିକ ଘଟକ, ବରୁଣ ସେନଗୁପ୍ତ, ବେଲେଘାଟା, ଦମ୍‌ଦମ୍ କ୍ୟାଣ୍ଟନମେଣ୍ଟ, ଜେସୋର ରୋଡ଼, ଜୟହିନ୍ଦ୍ ବିମାନବନ୍ଦର
- ଏହା ମଧ୍ୟରେ ଲିଫ୍ଟ, ଏସ୍କାଲେଟର, ପାନୀୟ ଜଳ, ଆଧୁନିକ ଶୌଚାଳୟ ଓ ନିରାପତ୍ତା ବ୍ୟବସ୍ଥା ଆଦି ସୁବିଧା ଅନ୍ତର୍ଭୁକ୍ତ

**୬ ଲେନ୍ ଏଲିଭେଟେଡ କୋନା ଏକ୍ସପ୍ରେସ୍‌ୱେ (ଏନ୍ଏଚ୍–୧୨, ଦୈର୍ଘ୍ୟ: ୭ କିମି, ମୂଲ୍ୟ: ୧୨୦୦ କୋଟିରୁ ଅଧିକ)**
- କମାଇବ ଟ୍ରାଫିକ୍ ଜାମ୍ ଓ ଯାନବାହନରୁ ନିର୍ଗତ ଧୂଆଁ, ବାୟୁ ଗୁଣବତ୍ତାରେ ଆସିବ ଉନ୍ନତି ।
- ବଡ଼ବଡ଼ ପର୍ଯ୍ୟଟକଙ୍କ ଲକ୍ଷ୍ୟସ୍ଥଳ ଯଥା– ଡାଇମଣ୍ଡ ହାର୍ବୋର, କାକଦୀପ ଏବଂ ବକ୍‌ଖାଲିକୁ ଯୋଗାଯୋଗରେ ସୁବିଧା ଦ୍ୱାରା ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବ ।
- ଏନ୍ଏଚ୍– ୧୬, ଏନ୍ଏଚ୍–୧୯, ଏନ୍ଏଚ୍– ୧୧୬, ଏନ୍ଏଚ୍–୨ଇ ଏବଂ ଏନ୍ଏଚ୍–୩୪କୁ ସଂଯୋଗ ସହ ଆଞ୍ଚଳିକ ଯାତ୍ରାକୁ କରିବ ସ୍ୱାଭାବିକ

ଗରିମାମୟ ଉପସ୍ଥିତି

| | | | | |
|---|---|---|---|---|
| ଡ. ସି.ଭି. ଆନନ୍ଦ ବୋଷ<br>ରାଜ୍ୟପାଳ, ପଶ୍ଚିମବଙ୍ଗ | ମମତା ବାନାର୍ଜୀ<br>ମୁଖ୍ୟମନ୍ତ୍ରୀ, ପଶ୍ଚିମବଙ୍ଗ | ଅଶ୍ୱିନୀ ବୈଷ୍ଣବ<br>କେନ୍ଦ୍ର ରେଳବାଇ, ସୂଚନା ଓ ପ୍ରସାରଣ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ | ଶାନ୍ତନୁ ଠାକୁର<br>କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ରାଷ୍ଟ୍ରମନ୍ତ୍ରୀ | ରଭନୀତ୍ ସିଂହ<br>କେନ୍ଦ୍ର ରେଳବାଇ, ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ |
| ଡ. ସୁକାନ୍ତ ମଜୁମଦାର<br>କେନ୍ଦ୍ର ଶିକ୍ଷା ଓ ଉତ୍ତର ପୂର୍ବାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ | ଶୁଭେନ୍ଦୁ ଅଧିକାରୀ<br>ବିରୋଧୀ ଦଳ ନେତା, ପଶ୍ଚିମବଙ୍ଗ ବିଧାନସଭା | ପ୍ରଫେସର ସୌଗତ ରାୟ<br>ସାଂସଦ | ସମିକ ଭଟ୍ଟାଚାର୍ଯ୍ୟ<br>ସାଂସଦ | |

ତାରିଖ: ୨୨ ଅଗଷ୍ଟ, ୨୦୨୫ | ସ୍ଥାନ: ଦମ୍‌ଦମ୍, କୋଲକାତା, ପଶ୍ଚିମବଙ୍ଗ | ସମୟ: ଅପରାହ୍ନ ୪.୩୦

DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

ଭାରତୀୟ ରେଳବାଇ
www.indianrailways.gov.in

ଆମକୁ ଅନୁସରଣ କରନ୍ତୁ /RailMinIndia

# ୟୁରିଆ ପାଇଁ ଲ୍ୟାମ୍ପସ କାର୍ଯ୍ୟାଳୟ ଆଗରେ ରାସ୍ତାରୋକ




ବୋରିଗୁମ୍ମା,(ସବ୍ୟୁ):କୋରାପୁଟ ଜିଲ୍ଲା। ବୋରିଗୁମ୍ମା ଲ୍ୟାମ୍ପସ କାର୍ଯ୍ୟାଳୟରେ ଗୁରୁବାର ୟୁରିଆ ସାର ପାଇଁ ବୋରିଗୁମ୍ମା ଆଞ୍ଚଳର ୧୬ ପଂଚାୟତର ହଜାର ହଜାର ଚାଷୀ ରାଜପଥ ଅବରୋଧ କରିଥିବା ଦେଖିବାକୁ ମିଳିଛି । ନିଅଣ୍ଟିଆ ସାର ପାଇଁ ଦାବିକରି ବହୁ ସଂଖ୍ୟାରେ ଚାଷୀ ୬୩ନମ୍ବର ଜାତୀୟ ରାଜପଥ ରାସ୍ତା ଅବରୋଧ ସହିତ ଲ୍ୟାମ୍ପ ସାମନାରେ ଏକତ୍ରିତ ହୋଇ ଆନ୍ଦୋଳନ କରିଥିଲେ। ଚାଷୀମାନଙ୍କଦାବି ହୋଇଛି ଜୁଲାଇ ମାସରେ ଧାନ ଚାଷ ପାଇଁ ସାର ପ୍ରୟୋଗର ପ୍ରକୃଷ୍ଟ ସମୟ ଏହି ସମୟରେ କ୍ଷେତରେ ରକ୍ଷଣାବେକ୍ଷଣା କାର୍ଯ୍ୟ ସହ ସାର ପ୍ରୟୋଗ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅଗଷ୍ଟ ମାସରେ ମଧ ନିଅଣ୍ଟିଆ ସାର ଚାଷୀ ମାନଙ୍କ ଆଶାକୁ ନିରାଶ କରିଛି । ସାର ନିଅଣ୍ଟିଆ ହୋଇଥିବାରୁ କୃଷିକାର୍ଯ୍ୟ ଆଗକୁ ବଢ଼ି ପାରୁନାହିଁ, ତଳି ପାଚି ନଷ୍ଟ ହେବାକୁ ବସିଲାଣି। ଲ୍ୟାମ୍ପ କାର୍ଯ୍ୟାଳୟ ରେ ସର୍ବମୋଟ ୧୦୦୦ ପେକେଟ ୟୁରିଆ ଥିବା ବେଳେ ପ୍ରାୟ ୫, ୦୦୦ ରୁ ଉର୍ଦ୍ଧ ଚାଷୀ ଥିବା ଯୋଗୁଁ ସାର ବାଣ୍ଟିବା ଅସମ୍ଭବ ହୋଇପଡ଼ିଛି। ତେଣୁକରି ବୋରିଗୁମ୍ମା ଅଞ୍ଚଳ ର ୧୬ଗୋଟି ପଞ୍ଚାୟତ ମାନଙ୍କରେ ପଞ୍ଚାୟତ ହିସାବରେ ବଣ୍ଟାଯାଉ ବୋଲି ଲ୍ୟାମ୍ପ ଏମ.ଡି ପ୍ରସନ୍ନ କୁମାର ମିଶ୍ର ଗଣମାଧମ ସମ୍ମୁଖରେ ପ୍ରକାଶରେ କରିଥିଲେ । ପରେ ଆନ୍ଦୋଳନ ସ୍ଥଳରେ ଅତିରିକ୍ତ ତହସିଲଦାର ସତୀଶ କୁମାର ବୋଇନି, ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ଓ ବୋରିଗୁମ୍ମା ପୋଲିସ କର୍ମଚାରୀ ଉପସ୍ଥିତ ରହି ସମାଧାନ ପାଇଁ ଚେଷ୍ଟା କରିବା ସହିତ ଚାଷୀମାନଙ୍କୁ ରାସ୍ତା ଅବରୋଧ ନ କରିବା ପାଇଁ ବୁଝାଇଥିଲେ।

# ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବାରେ ୧୩୯୮ ରୋଗୀ ଚିକିତ୍ସିତ

ମାଲକାନଗିରି, (ସବ୍ୟୁ): ମାଲକାନଗିରି ଜିଲ୍ଲାରେ ୧୮ ରୁ ୨୧ ଅଗଷ୍ଟ ପର୍ଯ୍ୟନ୍ତ ଚାଲିଥିବା 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା' ରେ ୧୩୯୮ ଜଣ ରୋଗୀ ଚିକିତ୍ସିତ ହୋଇଛନ୍ତି । ୭ ଜଣ ସୁପର ସ୍ପେଶାଲିଷ୍ଟ ଡାକ୍ତର ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ମାଲକାନଗିରି ସଦର ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ରୋଗୀଙ୍କ ଚିକିତ୍ସା କରିଥିଲେ । ସେଥିମଧ୍ୟରୁ କାର୍ଡିଓଲୋଜିରେ ୨୬୦, ନ୍ୟୁରୋଲୋଜୀରେ ୪୧୫, ଗାଷ୍ଟ୍ରୋଏଣ୍ଟେରୋଲୋଜିରେ ୨୬୩, ଏଣ୍ଡୋକ୍ରିନୋଲୋଜୀରେ ୨୨୯ ଓ ନେଫ୍ରୋଲୋଜିରେ ୨୩୧ ଓ ୧୩୦ ଜଣ ଙ୍କର ଇସିଜି କରାଯାଇଛି । ସେହିପରି ୫୯ ଜଣଙ୍କର ଏଣ୍ଡୋସ୍କୋପି ଓ ୬ ଜଣ ରୋଗୀଙ୍କର ଲେପ୍ରୋସ୍କୋପି ଅପରେସନ କରାଯାଇଛି। ଏହି ଡାକ୍ତରୀ ଦଳରେ ସର୍ଜରୀ ସ୍ପେଶାଲିଷ୍ଟ ଏସସିବି ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଜ୍ୟୋର୍ତିର୍ମୟ ନାୟକ, ବରିଷ୍ଠ କାର୍ଡିଓଲୋଜି ଆଭାଂଶ ଟଙ୍କ, ସିନିୟର୍ ନେଫ୍ରୋଲୋଜି ଡାକ୍ତର ଧିରଜ କୁମାର ଲେଙ୍କା, ସିନିୟର୍ ନ୍ୟୁରୋଲୋଜି ଡାକ୍ତର ସଂଘମିତ୍ରା ସାହୁ, ସିନିୟର୍ ଏଣ୍ଡୋକ୍ରିନୋଲୋଜୀ ଡାକ୍ତର ସୀତାକାନ୍ତ ପଣ୍ଡା, ସିନିୟର୍ ଗାଷ୍ଟ୍ରୋଏଣ୍ଟେରୋଲୋଜି



ଡାକ୍ତର ରାକେଶ ମହାନ୍ତି, ଆସିଷ୍ଟାଣ୍ଟ ପ୍ରଫେସର ଆନାସ୍ଥେସିଓଲୋଜି ଡାକ୍ତର ରାଜ କୁମାର ମହାପାତ୍ର ପ୍ରମୁଖ ରହିଥିଲେ।

ଜିଲ୍ଲା ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସେବା ପାଇଁ ଜିଲ୍ଲାର ରୋଗୀ ଖୁସି ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଦ୍ୱାରା ଜିଲ୍ଲାର ହଜାରରୁ ଉର୍ଦ୍ଧ୍ୱ ରୋଗୀ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସେବା ପାଇ ଉପକୃତ ହୋଇଥିବାରୁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ସିଡିଏମଓ ଡାକ୍ତର ଡୋଳାମଣି ପ୍ରଧାନ, ଡାକ୍ତର ବ୍ରଜବନ୍ଧୁ ଦାସ, ଡାକ୍ତର ନିହାର ରଞ୍ଜନ ପ୍ରହରାଜ, ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ଡାକ୍ତର କବିତା ସ୍ୱାଇଁ, ଡାକ୍ତର ସପନ କୁମାର ଡିଣ୍ଡା, ଡାକ୍ତର ପ୍ରଫୁଲ୍ଲ କୁମାର ବେହେରା, ଡାକ୍ତର ସୁବ୍ରତ କୁମାର ଜେନାଙ୍କ ସମେତ ଡିପିଏମ୍ ଡ଼ଃ ମୌସୁମୀ ମିଶ୍ର, ମେଡିକାଲ ମ୍ୟାନେଜର ସୁଶାନ୍ତ କୁମାର ବିଶ୍ୱାଳ ଓ ବିଶ୍ୱଜିତ ଉପସ୍ଥିତ ଥିଲେ।

# ଏନ୍‌ଏସି ଦାବିରେ ବେଲପଡ଼ାରେ ୧୨ ଘଣ୍ଟିଆ ବନ୍ଦ

ବଲାଙ୍ଗିର,(ସବ୍ୟୁ): ରାଜ୍ୟ ସରକାର କିଛି ଦିନ ପୂର୍ବରୁ ୭ଟି ଜିଲ୍ଲାର ୧୨ଟି ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତ। ଏହି ଘୋଷଣା ପରେ ରାଜ୍ୟର ଅନ୍ୟ ଆଶାୟୀ ସହରରେ ଅସନ୍ତୋଷ ଦେଖାଯାଇଛି। ବଲାଙ୍ଗିର ଜିଲ୍ଲା ବେଲପଡ଼ା ମଧ ଏହି ଅସନ୍ତୋଷ ଭିତରେ ସାମିଲ ହୋଇଛି। ଏହି ପରିପ୍ରେକ୍ଷୀରେ ବେଲପଡ଼ାବାସୀ ଗୁରୁବାର ବେଲପଡ଼ାକୁ ଏନ୍‌ଏସି ଘୋଷଣା ଦାବି କରିଛନ୍ତ। ଏଥି ପାଇଁ ୧୨ ଘଣ୍ଟିଆ ବନ୍ଦ ପାଳନ କରିଛନ୍ତି। ବେଲପଡ଼ାବାସୀ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ପାଳନ କରିଛନ୍ତି। ପିକେଟିଂ କରି ସମସ୍ତ ଦୋକାନ ବଜାର ବନ୍ଦ କରିବା ସହ ପାଟଣାଗଡ଼-ବଲାଙ୍ଗିର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ । ଏହି ଆନ୍ଦୋଳନରେ ବେଲପଡ଼ାର ବିଭିନ୍ନ ସଂଗଠନ ସହ ରାଜନୈତିକ ଦଳ ମଧ୍ୟ ସାମିଲ ଥିଲେ। ସମସ୍ତ ଦୋକାନ ବଜାର ଓ ଗାଡ଼ି ଚଳାଚଳ ବନ୍ଦ ଥିଲା। ତେବେ ଏଥିରୁ ଜରୁରୀକାଳୀନ ସେବାକୁ ବାଦ ଦିଆଯାଇଥିଲା। ବନ୍ଦ ପାଳନରେ ମଧୁସୂଦନ ଦାସ, ଅରୁଣ ପାଣିଗ୍ରାହୀ, ଜନାର୍ଦ୍ଦନ ସିଂ, ଜିତୁ ସିଂ, ମୁନା ମେହେର ସହ ଅଞ୍ଚଳ ର ସହ ସହ ଲୋକ ସାମିଲ ହେଇଥିଲେ। ଆନ୍ଦୋଳନ ସ୍ଥାନକୁ ପାଟଣାଗଡ଼ର ପୂର୍ବତନ ବିଧାୟକ ସରୋଜ କୁମାର ମେହେର ପହଞ୍ଚି ପୂର୍ଣ୍ଣ ସମର୍ଥନ ଜଣେଇଥିଲେ। ବେଲପଡ଼ା ଜନସାଧାରଣ ସହ ବିଜେଡି ସବୁ ସମୟରେ ଛିଡା ରହିଛି ଓ ଆଗକୁ ମଧ୍ୟ ରହିବ ବୋଲି ମନ୍ତବ୍ୟ ଦେଇଛନ୍ତି।

# ଶବ ପାଲଟିଛି ଶବ ବାହକ ଗାଡ଼ି !

ପଦ୍ମପୁର,(ସବ୍ୟୁ): ଶବ ପାଲଟିଛି ଶବ ବାହକ । ଏଭଳି ଏକଦୃଶ୍ୟ ଦେଖିବାକୁ ମିଳିଛି ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ । ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ହେବା ପାଇଁ ଆସୁଥିବା ରୋଗୀଙ୍କ ଚିକିତ୍ସିତ ଅବସ୍ଥାରେ ଦେହାନ୍ତ ହେବାପରେ ତାଙ୍କୁ ନିଜ ଘରକୁ ନେବା କିମ୍ବା ଶବ ବ୍ୟବଚ୍ଛେଦ ପାଇଁ ଶବକୁ ଘରକୁ ନେବା ପାଇଁ ତାଙ୍କ ପରିବାର ଲୋକ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳୁଛି । ଜଣେ ଲୋକଙ୍କ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଛି । ଅନ୍ୟପଟେ ତାଙ୍କୁ ଘରକୁ ନେବା ପାଇଁ ଗାଡି ଠିକ କରିବା ବୋଝ ଉପରେ ନଳିତା ବିଡା ସଦୃଶ୍ୟ ହୋଇପଡୁଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ପରିଦର୍ଶନରେ ଆସିଥିବା ସମୟରେ ଗୋଟିଏ ଶବ ବାହକ ଯୋଗାଇ ଦେବା ପାଇଁ ପଦ୍ମପୁର ଜନସାଧାରଣ ତାଙ୍କୁ ଅନୁରୋଧ କରିଥିଲେ। ପଦ୍ମପୁର ଜନସାଧାରଣଙ୍କ ଅନୁରୋଧକୁ ରକ୍ଷା କରି ମନ୍ତ୍ରୀ ଡ଼. ମହାଲିଙ୍ଗ ବରଗଡ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରୁ ଗୋଟିଏ ପୁରୁଣା ଶବ ବାହକ ପଠାଇଥିଲେ । ହେଲେ ତାହା ପଦ୍ମପୁରକୁ ଆସିବା ଦିନ ଠାରୁ କାମକୁ ଆସୁନାହିଁ । ଲୋକମାନେ ବେସରକାରୀ ଗାଡି ଭଡା କରି ନିଜ ପରିଜନଙ୍କ ଶବକୁ ନେଉଛନ୍ତି । ତେଣୁ ସରକାର ଏ ଦିଗରେ ପଦକ୍ଷେପ ନେବା ସହ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ଗୋଟିଏ ନୂତନ ସଚଳ ଶବ ବାହକ ଯୋଗାଇ ଦେବାକୁ ପଦ୍ମପୁର ଜନସାଧାରଣ ପକ୍ଷରୁ ଦାବି ହେଉଛି ।

# ବସ୍ ପଛ ପଟେ ପିଟିହେଲା ବାଇକ୍, ଚାଳକ ମୃତ

ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ତଲସରା ଥାନା ଅନ୍ତର୍ଗତ ତୁମୁଲିଆ ବଣ୍ଡା ପୋଲ ଉପରେ ବସ ପଛ ପଟେ ବାଇକ ପିଟିହେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଦେଓ ଭୁବନପୁର ପଞ୍ଚାୟତ ଟାଙ୍ଗରଯୋର ଗ୍ରାମର ରୋହନ ଛତ୍ରିଆ ( ୨୩) । ସୂଚନା ଅନୁଯାୟୀ, ରୋହନ ବାଇକ୍ ନମ୍ବର ଓଡି ୧୬ ୧୩୮ ଯୋଗେ ସବଡେଗାରୁ ଘରକୁ ଫେରୁଥିବାବେଳେ ତୁମୁଲିଆ ବଣ୍ଡା ପୋଲ ଉପରେ ଏକ ବସ(ଓଆର ୧୬ ବି ୮୮୨୫) ପଛ ପଟେ ବାଇକ୍ ପିଟିହେବାରୁ ରୋହନ ବାଇକରୁ ଛିଟିକି ପଡି ଗୁରୁତର ହୋଇଥିଲେ।

ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ସବଡେଗା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ପରେ ସୁନ୍ଦରଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ରାଉରକେଲା ଡାକ୍ତରଖାନାକୁ ନିଆଯାଉଥିବାବେଳେ ବାଟରେ ରୋହନଙ୍କ ମୃତ୍ୟୁ ଘଟିଥିଲା। ପରେ ମୃତକ ରୋହନଙ୍କ ବାପା ଦେବାନନ୍ଦ ଛତ୍ରିଆ ତଲସରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ପହଞ୍ଚି ଶବ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଡାକ୍ତରଖାନାକୁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି ।

# ଇଟାଗଦାକୁ ଧକ୍କା ଦେଲା କାର୍ , ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ହରଭଙ୍ଗା,(ସବ୍ୟୁ): ଖୋର୍ଦ୍ଧା– ବଲାଙ୍ଗିର ୫୭ ନମ୍ବର୍ ଜାତୀୟ ରାଜପଥ ପୁରୁଣାକଟକ ବାହଲ ପୂଳ ନିକଟରେ ବୁଧବାର ବିଳମ୍ବିତ ରାତ୍ରୀରେ ଏକ କାର ରାସ୍ତା ପାର୍ଶ୍ୱ ଥିବା ଏକ ଇଟାଗଦା ଧକ୍କା ଦେଇ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନା ଅନୁସାରେ ବୁଧବାର ଦୁଇ ଜଣ ବ୍ୟକ୍ତି ଏକ କାର ଯୋଗେ ବୌଦ୍ଧ ପଟରୁ ପୁରୁଣା କଟକ ଆସୁଥିବା ସମୟରେ ପୁରୁଣା କଟକ ସ୍ଥିତ ବାହଲ ପୂଳ ନିକଟରେ ଜାତୀୟ ରାଜପଥ ପାର୍ଶ୍ୱରେ ରଖା ଯାଇଥିବା ଇଟାଗଦାକୁ ଧକ୍କା ଦେଇଥିଲା। କାର ଭିତରେ ଥିବା ଦୁଇ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଖୋର୍ଦ୍ଧା ବଲାଙ୍ଗିର ଜାତୀୟ ରାଜପଥରେ ବିଭିନ୍ନ ସମୟରେ ହଜାର ହଜାର ଗାଡ଼ି ଯିବା ଆସିବା କରୁଛି । ଚାରିଛକରୁ ବୌଦ୍ଧ ପର୍ଯ୍ୟନ୍ତ ଜାତୀୟ ରାଜପଥ ପାର୍ଶ୍ୱରେ ବେଆଇନ ଭାବେ ଇଟା ,ବାଲି ଏବଂ ଗାଡ଼ି ପାର୍କିଂ କରୁଥିବାରୁ ଏମିତି ଦୁର୍ଘଟଣା ହେଉଥିବା ଦେଖିବାକୁ ମିଳୁଛି। କିଛି ଲୋକ ମାସ ମାସ ଧରି ଘର କାମ ରେ ବ୍ୟବହୃ ଜିନିଷ ଶହ ଗାଡି ପାର୍କିଂ ମଧ ଜାତୀୟ ରାଜା ପଥରେ କରୁଛନ୍ତି ଯେଉଁଥିରେ ରାତ୍ରି ରେ ଯିବା ଆସିବା କରୁଥିବା ଲୋକେ, ବିପରୀତ ଦିଗରୁ ଆସିଥିବା ବସ କିମ୍ବା ଟ୍ରକର ଲାଇଟ୍ ପାଇ ରାସ୍ତା ପାର୍ଶ୍ୱରେ ଥିବା ବାଲି ଏବଂ ଇଟାଗଦାକୁ ଦେଖି ନ ପାରି ଦୁର୍ଘଟଣା ଗ୍ରସ୍ତ ହେଉଛନ୍ତି । ଏ ସବୁକୁ ତୁରନ୍ତ ରାସ୍ତା ରୁ ହଟାଇବା ସହ ଜାତୀୟ ରାଜପଥ ପାର୍ଶ୍ୱରୁ ଗାଡ଼ି ରାତ୍ରିରେ ଗାଡ଼ି ପାର୍କିଂ ହଟାଇବା ପାଇଁ ଏନ ଏଚ କର୍ତ୍ତୁପକ୍ଷ ଏ ଦିଗରେ ବିଶେଷ ଗୁରୁତ୍ୱ ଦେବା ପାଇଁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।

# ଧର୍ମ ପରାୟଣ ରାଧେଶ୍ୟାମ ଶର୍ମାଙ୍କ ପରଲୋକ

କୋକସରା,(ସବ୍ୟୁ): କୋକସରା ବ୍ଲକ ଲଡୁଗାଁ ଗ୍ରାମର ପଣ୍ଡିତ ଯଶରାମ ଶର୍ମାଙ୍କ ଜ୍ୟେଷ୍ଠ ପୁତ୍ର ରାଧେଶ୍ୟାମ ଶର୍ମା (୮୪)ଙ୍କ ପରଲୋକ ହୋଇଛି । ଲଡୁଗାଁ ସ୍ଥିତ ବାସଭବନରେ ଜ୍ଞାତି କୁଟୁମ୍ବ,ବନ୍ଧୁ ବାନ୍ଧବ ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ଦିବଙ୍ଗତ ରାଧେଶ୍ୟାମ ଶର୍ମା ଜଣେ ଧର୍ମ ପରାୟଣ, ସମାଜସେବୀ, ପରୋପକାରୀ, ମେଳାପୀ ବ୍ୟକ୍ତି ଥିଲେ। ତାଙ୍କ ପରଲୋକ ରେ ଲଡୁଗାଁ ମାରୱାଡି ସମାଜ କର୍ମକର୍ତ୍ତା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଓ ସ୍ମୃତି ଚାରଣ କରାଯାଇଛି। ଲଡୁଗାଁ ସ୍ଥିତ ମୁକ୍ତିଧାମ ରେ ତାଙ୍କ ଅନ୍ତିମ ସଂସ୍କାର ସମାପନ କରାଯାଇଛି। ତାଙ୍କ ଶବଧାର ରେ ଲଡୁଗାଁ ମାରୱାଡି ସମାଜ ର ଶତାଧିକ ଆତ୍ମୀୟ ସ୍ୱଜନ ସାମିଲ ହୋଇଥିଲେ। ତାଙ୍କ ଦୁଇ ପୁଅ ଲଳିତ ଶର୍ମା ଓ ଅରବିନ୍ଦ ଶର୍ମା ମୁଖାଗ୍ନି ସହ ଶେଷ କୃତ୍ୟ ସମ୍ପନ୍ନ କରିଥିଲେ। ତାଙ୍କ ପରଲୋକରେ ଲଡୁଗାଁ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

# ସ୍ୱଭାବ କବିଙ୍କ ଗଙ୍ଗାଧର ମେହେର ଜୟନ୍ତୀ ପାଳିତ



ଏସ୍ .ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ପଞ୍ଚାୟତ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷା ସୁଶ୍ରୀ କଳ୍ପନା ଦାଶଙ୍କ ଅଧକ୍ଷତାରେ ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବରଗଡ ପଞ୍ଚାୟତ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧକ୍ଷ ପତିତପାବନ ସାହୁ ଯୋଗଦେଇ ମାତୃଭୂମି ପ୍ରତି ଗଙ୍ଗାଧର ସାହିତ୍ୟ ପ୍ରେମକୁ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ବରଗଡ ପଞ୍ଚାୟତ ମହାବିଦ୍ୟାଳୟର ଇଂରାଜୀ ବିଭାଗ ପ୍ରଧାପକ ବାଗ୍ମୀ, ନାଟ୍ୟକାର, ଗାଳ୍ପିକ ଓ ସାହିତ୍ୟିକ ଡଃ. ଉମେଶ ମହାପାତ୍ର ଯୋଗଦେଇ କାଳିଦାସଙ୍କର ଅଭିଜ୍ଞାନଶକୁନ୍ତଳାମ୍ ନାଟକ ସହିତ ଗଙ୍ଗାଧର ସାହିତ୍ୟର ସମନ୍ୱୟ ଓ କବିର ପରାକାଷ୍ଠାକୁ ପ୍ରକାଶିତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ବିଦ୍ୟାଳୟର ଅଧ୍ୟାପିକା ମଧୁମିତା ମିଶ୍ର ମେହେର ସାହିତ୍ୟରେ ପ୍ରକୃତି କିପରି ଜୀବନ୍ତ ରୂପ ଧାରଣ କରିଛି ତାହାର ପର୍ଯ୍ୟାଲୋଚନା କରିଥିଲେ। ବିଦ୍ୟାଳୟର ସାଂସ୍କୃତିକ ବିଭାଗ ସଦସ୍ୟ ଲୋକେଶ୍ୱର ପାଣ୍ଡେ ସଭା ପରିଚାଳନା କରିଥିବା ବେଳେ ସଦସ୍ୟା ପ୍ରଜ୍ଞା ବାବୁ ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ଅଧ୍ୟାପିକା ମଧୁମିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରି ସାଫଲ୍ୟମଣ୍ଡିତ କରିଥିଲେ ।

# ସୀମାନ୍ତରେ ମାଓବାଦୀଙ୍କ ତାଣ୍ଡବ, ଜାଳିଦେଲେ ଦୁଇ ଗାଡ଼ି

ସୁନ୍ଦରଗଡ଼,(ସବ୍ୟୁ): ଦୀର୍ଘ ସମୟ ପରେ, ସିପିଆଇ ମାଓବାଦୀମାନେ ପୁଣି ଥରେ ସେମାନଙ୍କର ଉପସ୍ଥିତି ଜାହିର କରିଛନ୍ତି। ଚତରା ଜିଲ୍ଲାର ଲୱାଲୌଙ୍ଗ ଥାନା ଅଞ୍ଚଳର ଲେମ୍ବୋଡିହ ବିଶନପୁର ଗାଁରେ ଗତ ବୁଧବାର ରାତିରେ ଦୁଇଟି ଗାଡ଼ି ପୋଡ଼ି ଦେଇଛନ୍ତି। ପୋଡ଼ିଯାଇଥିବା ଗାଡ଼ିଗୁଡ଼ିକ ମଧ୍ୟରେ ଏକ ଯାତ୍ରୀବାହୀ ଗାଡ଼ି ଏବଂ ଏକ ଟ୍ରାକ୍ଟର ଅନ୍ତର୍ଭୁକ୍ତ । ଘଟଣା ପରେ, ପୁଲିସ ଅଞ୍ଚଳରେ ଚଢ଼ଉ ଅଭିଯାନକୁ ଜୋରଦାର କରିଛି।

ଗାଡ଼ିଗୁଡ଼ିକୁ ପୋଡ଼ି ଦେବା ପରେ ମାଓବାଦୀମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଘଟଣା ପରଠାରୁ ଅଞ୍ଚଳରେ ଆତଙ୍କର ବାତାବରଣ ରହିଛି। ଦୁଇଟି ଗାଡ଼ି ସାନ୍ତାନ ଗଞ୍ଜୁଙ୍କ ବୋଲି କୁହାଯାଉଛି। ସୂଚନା ଅନୁଯାୟୀ, ବୁଧବାର ଦିନ ସଶସ୍ତ୍ର ନକ୍ସଲମାନେ ସାନ୍ତାନ ଗଞ୍ଜୁଙ୍କୁ ଖୋଜିବାକୁ ବିଶନପୁର ଗାଁରେ ପହଞ୍ଚିଥିଲେ। ଘରେ ସାନ୍ତାନ ନପାଇବାରୁ ମାଓବାଦୀମାନେ ତାଙ୍କ ଘର ବାହାରେ ପାର୍କିଂ ହୋଇଥିବା ଦୁଇଟି ଗାଡ଼ି ପୋଡ଼ି ଦେଇଥିଲେ। ସେମାନେ ସାନ୍ତାନ ଗଞ୍ଜୁଙ୍କ ଘର ଏବଂ ଅନ୍ୟ ଜଣେ ଗ୍ରାମବାସୀଙ୍କ ଘରକୁ ବାହାରୁ ତାଲା ପକାଇ ଦେଇଥିଲେ।

ଯାନବାହାନ ଗୁଡ଼ିକୁ ନିଆଁ ଲଗାଇ ଦେବା ପରେ ମାଓବାଦୀ ମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ସ୍ଥାନୀୟ ସୂତ୍ର ଅନୁଯାୟୀ, ସାନ୍ତାନ ଗଞ୍ଜୁଙ୍କ ବିରୋଧରେ ପୁଲିସକୁ ସାହାଯ୍ୟ କରିବାର ଅଭିଯୋଗ ରହିଛି। ସେ ପୂର୍ବରୁ ଅଫିମ ନଷ୍ଟ କରିବା ସମୟରେ ପୁଲିସକୁ ସାହାଯ୍ୟ କରିଥିଲେ। କୁହାଯାଉଛି ଯେ, ସେ ଅଫିମ୍ ଚାଷ ନଷ୍ଟ କରିବା ପାଇଁ ପୁଲିସକୁ ଏକ ଟ୍ରାକ୍ଟର ଯୋଗାଇଥିଲେ। ସେହି କାର୍ଯ୍ୟାନୁଷ୍ଠାନ ପରେ, ଏନଡିପିଏସ ଆଇନ ଅନୁଯାୟୀ ଅନେକ ଲୋକଙ୍କୁ ଜେଲ ପଠାଯାଇଥିଲା। ଏହି ମାମଲାରେ ଜଣେ ଯୁବକ ସମ୍ପ୍ରତି ଜେଲରୁ ବାହାରି ଆସିଥିଲେ ଏବଂ ସେ ମାଓବାଦୀମାନଙ୍କ ସହ ମିଶି ଏହି ଘଟଣା ଘଟାଇଛି।

# ସାର ନମିଳିବାରୁ ଲ୍ୟାମ୍ପସରେ ତାଲା ପକାଇଲେ ଚାଷୀ

କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ ଅଞ୍ଚଳର ଚାଷୀ ସାର ନପାଇବାରୁ ଆନ୍ଦୋଳନ ମୁହାଁ ହୋଇଛନ୍ତି । ଗୋଟିଏ ଆଧାରକାର୍ଡକୁ ଗୋଟିଏ ବସ୍ତା ସାର ଦେଉଛି ଲ୍ୟାମ୍ପସ୍ । ପର୍ଯ୍ୟାପ୍ତ ସାର ନମିଳିବାରୁ ଲ୍ୟାମ୍ପସରେ ତାଲା ପକାଇଲେ ଚାଷୀ। ଖରିଫ ଋତୁରେ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଅଧିକାଂଶ ଅଞ୍ଚଳରେ ଧାନ ବେଉଷଣ ଓ ତଳି ରୁଆ କାମ ସରିଛି। ଏବେ ଚାଷୀମାନେ ସାର ଆବଶ୍ୟକ କରୁଛନ୍ତି। ଧାନ କ୍ଷେତରେ ଠିକ ସମୟରେ ସାର ଉପଯୋଗ କରିପାରିଲେ ଫସଲ ଭଲ ଅମଳ ହେବ ବୋଲି ଆଶା ରଖିଛନ୍ତି। କିନ୍ତୁ ଅନେକ ସ୍ଥାନରେ ସାର ଅଭାବ ଏକ ବଡ଼ ଅସୁବିଧା ସୃଷ୍ଟି କରିଛି।

ଚାଷୀମାନେ ଦୀର୍ଘ ଏକମାସ ହେଲା ଚାଷ କାମ ସାରିଛନ୍ତି। କିନ୍ତୁ ବୈପାରିଗୁଡ଼ା ଲ୍ୟାମ୍ପସରେ କୌଣସି ପ୍ରକାର ସାର ଦିଆଯାଉନାହିଁ। ସରକାରୀ ନିୟମ ପ୍ରକାରେ ଧାନ ରୋଇବାର ୨୧ ଦିନ ପରେ ଜମିରେ ସାର ପକେଇବା କଥା। କିନ୍ତୁ ଆଜି ପର୍ଯ୍ୟନ୍ତ ଚାଷୀଙ୍କୁ ସାର ପ୍ରଦାନ କରାଯାଇନାହିଁ। ଗୋଟିଏ ଆଧାରକାର୍ଡରେ ଯଦି ଗୋଟିଏ ବସ୍ତା ସାର ଦିଆଯିବ ତେବେ ୧୦ ଏକର ଜମି ଚାଷ କରୁଥିବା ଚାଷୀ ଗୋଟିଏ ବସ୍ତା ନେଇ କଣ କରିବ ବୋଲି ପ୍ରଶ୍ନ କରିଛନ୍ତି ଚାଷୀ। ଯଥାଶୀଘ୍ର ଯଦି ପର୍ଯ୍ୟାପ୍ତ ପରିମାଣର ସାର ଚାଷୀଙ୍କୁ ବଣ୍ଟନ କରାନଯାଏ ତେବେ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ଚାଷୀ।

# ଅଙ୍ଗନୱାଡ଼ି କର୍ମୀ, ସହାୟିକାଙ୍କ ରାଲି ଓ ଦାବିପତ୍ର ପ୍ରଦାନ

କୋରାପୁଟ,(ସବ୍ୟୁ): ଅଖିଳ ଭାରତୀୟ ଅଙ୍ଗନୱାଡ଼ି କର୍ମଚାରୀ ମହାସଂଘର ଡାକରାରେ କୋରାପୁଟ ଜିଲ୍ଲା ଅଙ୍ଗନୱାଡ଼ି ଲେଡିଜ କର୍ମଚାରୀ ସଂଘ ପକ୍ଷରୁ କୋରାପୁଟ ସଦର ମହକୁମାରେ ଏକ ବିଶାଳ ରାଲି କରିବା ସହ ପ୍ରଧାନମନ୍ତ୍ରୀ,ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ଉପ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ମାନଙ୍କୁ ସରକାରୀ କର୍ମଚାରୀ ଭାବେ ଘୋଷଣା କରିବା, ଅବସର ପରେ ଅଙ୍ଗନୱାଡ଼ି କର୍ମୀଙ୍କୁ ୧୦ ଲକ୍ଷ ଏବଂ ସହାୟିକାଙ୍କୁ ୫ ଲକ୍ଷ ଟଙ୍କା ଏକକାଳୀନ ସହାୟତା ପ୍ରଦାନ କରିବା, ପ୍ରତ୍ୟେକ କର୍ମୀଙ୍କୁ ଉଚ୍ଚ ମାନର ମୋବାଇଲ ପ୍ରଦାନ କରାଯାଉ ଏବଂ ମୋବାଇଲ ରିଚାର୍ଜ ନିମନ୍ତେ ୩୯୯୯ ଟଙ୍କା ଅନୁମୋଦନ କରିବା ପ୍ରମୁଖ ଦାବି ଅନ୍ତର୍ଭୁକ୍ତ ଥିବା ଜଣାପଡ଼ିଛି। ଜିଲ୍ଲା ସଭାନେତ୍ରୀ ସଂଯୁକ୍ତା ସାହୁଙ୍କ ନେତୃତ୍ୱରେ ହଜାର ହଜାର ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ମାନେ କୋରାପୁଟ ସହରରେ ରାଲି କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଦାବିପତ୍ର ଗ୍ରହଣ କରିଥିଲେ।

# ଗୋଲାମୁଣ୍ଡାଠାରେ କଂଗ୍ରେସ ଦଳର ସାଙ୍ଗଠନିକ ବୈଠକ

ଗୋଲାମୁଣ୍ଡା,(ସବ୍ୟୁ): ଗୋଲାମୁଣ୍ଡା ନିକଟସ୍ଥ ତୁମୁରା ଧାନ ମଣ୍ଡିଠାରେ କଂଗ୍ରେସ ଦଳର ସାଙ୍ଗଠାନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ ସଭାପତି ନଉକେଶ୍ୱର ପୁଟେଲଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ସଂଯୋଜକ ଜଳନ୍ଧର ନାଏକ, ପୂର୍ବତନ ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ,ଲୋକସଭା ପ୍ରାର୍ଥିନୀ ଦ୍ରୋପତୀ ମାଝୀ, ପିସିସି ସମ୍ପାଦକ ତୁଲେଶ୍ୱର ନାଏକ, ପିସିସି ଏସସି ସେଲ ସମ୍ପାଦକ ସାଉଳ ମଙ୍ଗରାଜ, ବରିଷ୍ଠ କଂଗ୍ରେସ ନେତା ନରହରି ବାଗ,ସହଦେବ ମାଝୀ, ଜୟରାମ ସୁନା ମଞ୍ଚାଶିନ ରହି ଆଗାମୀ ଦିନରେ କଂଗ୍ରେସ ଦଳକୁ କିପରି ମଜବୁ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ନୂତନ ବ୍ଲକ କଂଗ୍ରେସ କମିଟି ସଭାପତି ଚୟନ କରାଯାଇଥିଲେ ସଭାପତି ଚୟନ ହୋଇ ନପାରିବାରୁ ଉପସ୍ଥିତ କର୍ମୀ ମାନଙ୍କ ମଧରେ ୯ ଜଣଙ୍କ ନାମ ଜିଲ୍ଲା କମିଟିକୁ ପଠାଇଥିବା ଜଣାପଡିଛି । କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସୋମେଶ୍ୱର ମୁନି, ଜଗୁ ପ୍ରସାଦ ରାଉତ, ଲବଜି ପୁଟେଲ,ଶରତ ଭୋଇ, କୁରୁକ୍ଷେତ୍ର ବନ୍ଦିଛୋଡ, ଅନିଲ ମଲ୍ଲିକ, ଲମ୍ବୁ ଜାଲଙ୍କ ସମେତ ୨୮ ଗୋଟି ଗ୍ରାମ ପଂଚାୟତରୁ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ଗାଇସିଲେଟରେ ବାଲ୍ୟ ବିବାହ ମୁକ୍ତ ଗ୍ରାମପଞ୍ଚାୟତ ପାଇଁ ତାଲିମ



ପଦ୍ମପୁର,(ସବ୍ୟୁ): ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ରାଜ୍ୟ ଗ୍ରାମୀଣ ବିକାଶ ପ୍ରତିଷ୍ଠାନ ଭୁବନେଶ୍ୱର ସହଯୋଗରେ ଜିଲ୍ଲାପରିଷଦ ବରଗଡ଼ ସହଯୋଗରେ ବାଲ୍ୟ ବିବାହ ମୁକ୍ତ ଗ୍ରାମପଞ୍ଚାୟତ ଗଠନ ପାଇଁ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜିପିଡିଓ ବିନୟ କିଶୋର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଡ଼ିଓ ଭିସ୍ମଦେବ ମାଝୀ ,ତାଲିମ ଦାତା ଭାବରେ ତପନ କୁମାର ପାତ୍ର ସୁରକ୍ଷା ଅଧିକାରୀ ଯୋଗ ଦେଇଥିଲେ । ସମାଜରେ ନାରୀ ଆଜି ବି ଅବହେଳିତ । ନାରୀ ଓ କିଶୋରୀ ଝିଅ ମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଜ୍ଞାନ ଯୁଗରେ ଆଜି ବି ବହୁ ଜାଗାରେ ନାରୀ ଅସୁରକ୍ଷିତ । ନାରୀ ବଢ଼ିଲେ ଦେଶ ବଢେଛ କିନ୍ତୁ ଦୁଃଖର ବିଷୟ ଆଜି ବି ସମାଜରେ ବାଲ୍ୟ ବିବାହ ପରି କୁସଂସ୍କାର ଭରି ରହିଛି । ବାଲ୍ୟ ବିବାହ ଯୋଗୁ କମ୍ ବୟସରୁ ସାଂସାରିକ ଜୀବନରେ ବାନ୍ଧି ହୋଇ ନିଜର ଭବିଷ୍ୟତକୁ ଅନ୍ଧକାର ମଧକୁ ଠେଲିଦେବା ସହ ନିଜର ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ ହୋଇଥାନ୍ତି । ବାଲ୍ୟ ବିବାହ ବନ୍ଦ କରିବା ପାଇଁ ଦୀର୍ଘ ଦିନ ଧରି ସରକାରୀ ସ୍ତରରେ ବିଭିନ୍ନ ପ୍ରୟାସ ଜାରି ରହିଥିଲେ ମଧ ସଚେତନତାର ଅଭାବ ଓ ପୁଅ ଝିଅଙ୍କ ମଧରେ ଥିବା ଅହେତୁକ ଭେଦ ଭାବ ଯୋଗୁ ସେପରି ଆଖିଦୃଶିଆ ସଫଳତା ମିଳି ପାରୁନି । ତେବେ ସେହି ବାଲ୍ୟ ବିବାହ ପ୍ରଥାକୁ ରୋକିବା ପାଇଁ ହେଲେ ଗ୍ରାମାଞ୍ଚଳ ସ୍ତରରେ ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ ବୋଲି କହିବା ସହ ବିଭିନ୍ନ ପ୍ରକାର ଉଦାହରଣ ଦେଇ ଶ୍ରୀ ପାତ୍ର ତାଲିମ ପ୍ରଦାନ କରିଥିଲେ । ଯଦି ନିଜ ଅଞ୍ଚଳରେ ଏଭଳି ଘଟଣା ଘଟେ ତେବେ ତୁରନ୍ତ ଶିଶୁ ସହାୟତା କେନ୍ଦ୍ର ୧୦୯୮ ରେ କଲ କରି ଜଣାଇବା ପାଇଁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ୧୯ ଗୋଟି ଗ୍ରାମପଞ୍ଚାୟତର ସରପଞ୍ଚ, ପିଇଓ, ଶିକ୍ଷକ,ଏସଏଚଜି ମହିଳା, ସିଆରପି, ଅଙ୍ଗନୱାଡ଼ି କର୍ମୀ, ଉପସ୍ଥିତ ଥିଲେ ।

# ଜାତୀୟ କରାଟେ ପ୍ରତିଯୋଗିତାରେ ଶ୍ରେୟଶଙ୍କୁ କାଂସ୍ୟ ପଦକ

ରାୟଗଡା,(ସବ୍ୟୁ): ୩୩ତମ ସର୍ବଭାରତୀୟ କରାଟେ ପ୍ରତିଯୋଗିତା-୨୦୨୫ରେ ଓଡ଼ିଶାରୁ ଚାରିଜଣ କାତା ଓ କୁମିତେରେ ଅଂଶଗ୍ରହଣ କରିଥିଲେ। ପଦକ ହାସଲ କରିଥିବା ଦୁଇଜଣଙ୍କ ମଧ୍ୟରୁ ରାୟଗଡ଼ା ସହର ଶ୍ରେୟଶ ଚୌଧୁରୀ ସବ୍ ଜୁନିଅର ବର୍ଗ ପୁରୁଷ ବିଭାଗ କୁମିତେରେ କାଂସ୍ୟ ପଦକ ଏବଂ ତୋଫାନ ଗାଣ୍ଟା କୁମିତେ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଛନ୍ତି । ପ୍ରତିଯୋଗୀମାନେ କରାଟେ ଆସୋସିଘାସିଏସନ ଅଫ ଓଡ଼ିଶାର ସମ୍ପାଦକ ସେକ୍ ସାଜୁ, ସଭାପତି ଭି ଶ୍ରୀନିବାସ ରାଓ ଏବଂ ଯୁଗ୍ମ ସଚିବ ଓଗେସ । ଗାଣ୍ଟାଙ୍କ ନେତୃତ୍ୱରେ ଛତିଶଗଡ଼ର ରାୟପୁର ତେଲିବନ୍ଧାର ଅଗ୍ରସେନ ଧାମଠାରେ ଗତ ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ




ଅନୁଷ୍ଠିତ ଏହି ସର୍ବ ଭାରତୀୟ କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶ୍ରେୟଶଙ୍କ ବାପା ମନୋଜ କୁମାର ଚୌଧୁରୀ ରାୟଗଡାର ଜଣାଶୁଣା ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଥିବା ବେଳେ ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରେୟଶ ଏଲପିଏସ ସ୍କୁଲରେ ୭ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ସେ ଏଆଇ ମାଧ୍ୟମରେ ବିଭିନ୍ନ ସ୍ୱଫ୍ଟୱେର ପ୍ରସ୍ତୁତ କରି ମଧ ଚର୍ଚ୍ଚିତ ଅଛନ୍ତି।

# ପୁରୁଣା କୋଠାରେ ଡାକ୍ତରଖାନା ପାଇଁ ଦେବଗଡରେ ୧୨ ଘଣ୍ଟିଆ ବନ୍ଦ ପାଳନ



ଦେବଗଡ଼,(ସବ୍ୟୁ) : ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଦାବୀ ନେଇ ଗୁରୁବାର ଅଗଷ୍ଟ ୨୧ ତାରିଖ ଦିନ ଦେବଗଡ ବନ୍ଦ ପାଳନ କରାଯାଇଛି। ଦେବଗଡ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଏହି ୧୨ ଘଣ୍ଟିଆ ବନ୍ଦ ପାଳନ ଡାକରା ଦିଆଯାଇଥିଲା। ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ଚିକିତ୍ସା ସେବା ଦାବୀ କରି ଏହି ବନ୍ଦ ପାଳନ କରାଯାଇଥିଲା। ଏହି ବନ୍ଦରେ ଅତ୍ୟାବଶ୍ୟକ ସାମଗ୍ରୀ , ଚିକିତ୍ସା ସେବା, ପରୀକ୍ଷାର୍ଥୀଙ୍କୁ ବାଦ ଦିଆଯାଇଥିବା ବେଳେ ଦୋକାନ ବଜାର, ସରକାରୀ ବେସରକାରୀ ଅନୁଷ୍ଠାନ, ବସ ମଟର ବନ୍ଦ ରହିଥିଲା। ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଦାବି ନେଇ ବନ୍ଦ ପାଳନ ରାଯାଇଥିଲା। ସ୍ଥାନୀୟ ପୁରୁଣା ପୋଷ୍ଟ ଅଫିସ ଛକରେ ଶତାଧିକ ମହିଳା ବସି ରହି ରାସ୍ତାରୋକ କରିବା ସହ ବନ୍ଦ ପାଳନ କରିଥିଲେ। ସହରର ସ୍କୁଲ, କଲେଜ, ସରକାରୀ ବେସରକାରୀ ଅନୁଷ୍ଠାନ, ଦୋକାନ ବଜାର, ବ୍ୟାଙ୍କ , ପେଟ୍ରୋଲ ପମ୍ପ ସମ୍ପୁର୍ଣ୍ଣ ବନ୍ଦ ରହିଥିଲାଛ ସହର ମଧ୍ୟସ୍ଥ ପୁରଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଦାବି ନେଇ ଏହି ବନ୍ଦ ପାଳନ କରାଯାଇଥିଲା। ଜୁନ ମାସ ୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେବଗଡ ସହର ଠାରୁ ୬ କିଲୋମିଟର ଦୂରରେ ନିର୍ମିତ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ଉଦଘାଟନ କରିଥିଲେ। ପରବର୍ତ୍ତୀ ସମୟରେ ଜୁଲାଇ ମାସ ଏଗାର ତାରିଖ ଠାରୁ ନୂତନ କୋଠାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର ପୁରୁଣା କୋଠାରେ ଜଣେ ଡାକ୍ତର ୬ ଘଣ୍ଟା ପାଇଁ ରହି ଚିକିତ୍ସା ସେବା ଯୋଗାଇ ଦେଉଥିବା ବେଳେ ସେଠାରେ ୨୪ ଘଣ୍ଟିଆ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଜନସାଧାରଣ ଦାବି କରିଥିଲେ।

ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହର ଠାରୁ ୬ କିଲୋମିଟର ଦୂରରେ ନିର୍ମିତ ହୋଇଥିବା ବେଳେ ସେଠାକୁ ଯିବା ପାଇଁ ହେଲେ ନିଛାଟିଆ ରାସ୍ତା ଦେଇ ଯିବାକୁ ହେବା। ସୁରକ୍ଷା ଦୃଷ୍ଟିରୁ ଏହା ମହିଳାମାନଙ୍କ ପାଇଁ ନିରାପଦ ନୁହଁ, ତେଣୁ ସହରର ମହିଳା ମାନେ ପୁରୁଣା କୋଠାରେ ୨୪ ଘଣ୍ଟିଆ ଚିକିତ୍ସାସେବା ଦାବି କରିଛନ୍ତି। ନୂତନ କୋଠାରେ ଚିକିତ୍ସା ସେବା ରେ ସମସ୍ୟା ନେଇ ପୂର୍ବରୁ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଓ ସଙ୍ଗଠନ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ଅନ୍ୟ ପ୍ରମୁଖ ଅଧିକାରୀ ଙ୍କୁ ଲିଖିତ ଅଭିଯୋଗ ଜଣାଇଥିଲେ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଅନୁରୋଧ କରାଯାଇଥିଲା। ମାତ୍ର ଏହା ସଫଳ ନହେବାରୁ ଦେବଗଡ ଜିଲ୍ଲା ଯୁବ ଏକତା ମଞ୍ଚ ଦେବଗଡ ବନ୍ଦ ଆହ୍ୱାନ ଦେଇଥିଲା। ଏହି ବନ୍ଦ ପାଳନ କୁ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନ ସମର୍ଥନ କରିଥିଲେ। ସହରର ବିଭିନ୍ନ ସାହିବାସିନ୍ଦା ସହ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏକତ୍ରିତ ହୋଇ ୪୯ ନମ୍ବର ଜାତୀୟ ରାଜପଥ ରେ ଗାଡିମଟର ଅଟକାଇଥିଲେ। ସେହିଭଳି କିଛି ସ୍ଥାନରେ ବନ୍ଦ ପାଳନକାରୀ ପିକେଟିଂ କରି ବନ୍ଦ ପାଳନ କରୁଥିବା ଦେଖିବାକୁ ମିଳିଥିଲା। ବନ୍ଦ ପାଳନ ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଥିଲା। ଜନସାଧାରଣ ଙ୍କ ଏହି ନ୍ୟାର୍ଯ୍ୟ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରିବାକୁ ବନ୍ଦ ପାଳନକାରୀ ଚେତାବନୀ ଦେଇଛନ୍ତି।

# ନାବାଳିକା ଦୁଷ୍କର୍ମ ମାମଲାରେ ଅଟୋ ଡ୍ରାଇଭରକୁ ୧୫ବର୍ଷ କାରାଦଣ୍ଡାଦେଶ

ସମ୍ବଲପୁର,(ସବ୍ୟୁ): ଜଣେ ୧୭ବର୍ଷୀୟା ନାବାଳିକାକୁ ଅଟୋ ଡ୍ରାଇଭର ଘରେ ଛାଡି ଦେବା ବାହାନା କରି ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଅଭିଳାଶ ସେନାପତି ଗୁରୁବାର ରାୟ ପ୍ରଦାନ କରିଛନ୍ତି । ସଂପୃକ୍ତ ଅଟୋ ଡ୍ରାଇଭର ଗୋପିନାଶ ରଣବିଡା (୩୫)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧ଲକ୍ଷ ଟଙ୍କାର ଜୋରିମାନା କରିଥିବା ବେଳେ ଅର୍ଥ ଅନାଦେୟ ଦେଲେ ଅଧିକ ୧ବର୍ଷ ଦଣ୍ଡାଦେଶ ରହିଛି । ସେହିପରି କ୍ଷତିପୂରଣ ବାବଦକୁ ୧୦ଲକ୍ଷ ୫୦ହଜାର ଟଙ୍କା ପୀଡିତାକୁ ଦେବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ଧମା ଥାନା ଅଞ୍ଚଳର ନାବାଳିକା ଜଣକ ଘରକୁ ଯିବାପାଇଁ ସହରର ଲକ୍ଷ୍ମୀଟକିଜ ଛକରେ ଗତ ୧୦ଜୁନ୍, ୨୦୧୫ ମଧ୍ୟାହ୍ନ ୧୧ଟାରେ ଛିଡା ହୋଇଥିଲେ। ଏହି ସମୟରେ ଅଟୋ ଡ୍ରାଇଭର ଗୋପିନାଶ ତାଙ୍କୁ ଅଟୋ ଯୋଗେ ଘରେ ଛାଡି ଦେବ କହି ନିଜ ଘରକୁ ଅପହରଣ କରି ନେଇଥିଲା । ସେଠାରେ ନାବାଳିକାକୁ ବାରମ୍ବାର ଦୁଷ୍କର୍ମ କରିଥିଲା । ପରିବାର ଲୋକେ ନାବାଳିକା ନପାଇ ଧମା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅନ୍ୟପଟେ ପୀଡିତା ନାବାଳିକା ଅସୁସ୍ଥ ହେବାରୁ ଅଟୋ ଡ୍ରାଇଭର ତାଙ୍କୁ ୨୦ଦିନ ପରେ ହୁମା ଛକରେ ଛାଡି ଚାଲି ଯାଇଥିଲା । ଏହାପରେ ପୀଡିତା ଘରକୁ ଯାଇ ଘଟଣା ସମ୍ପର୍କରେ ଜଣାଇବା ପରେ ପରିବାର ଲୋକେ ଅଟୋ ଡ୍ରାଇଭର ବିରୋଧରେ ଅଭିଯୋଗ କରିଥିଲେ । ଧମା ପୋଲିସ ୫୩/୧୫ରେ ଏକ ଦୁଷ୍କର୍ମ ମାମଲା ରୁଜୁ କରି ଅଭିଯୁକ୍ତ ଅଟୋ ଡ୍ରାଇଭର ଗୋପିନାଶକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମୋଟ ୧୭ଜଣ ସାକ୍ଷ୍ୟ ବୟାନକୁ ଭିତ୍ତି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ ।

## ଅପହରଣ ଓ ଦୁଷ୍କର୍ମ ମାମଲା
# ଦୋଷୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଅଭିଳାଶ ସେନାପତି ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ଗୁରୁବାର ରାୟ ପ୍ରଦାନ କରିଛନ୍ତି । ଏହି ଅଭିଯୋଗରେ ଅଇଁଠାପାଲି ଥାନା ଦେହୁରୀପାଲିର ଟିକେଶ୍ୱର ଭୋରାସାଗର(୨୧)ଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫୦ହଜାର ଟଙ୍କା ଜରିମାନା କରିଥିବା ବେଳେ ଅର୍ଥ ଅନାଦେୟ ଦେଲେ ଅଧିକ ୧ବର୍ଷ ଦଣ୍ଡାଦେଶ ରହିଛି । ସେହିପରି କ୍ଷତିପୂରଣ ବାବଦକୁ ୮ଲକ୍ଷ ଟଙ୍କା ପୀଡିତାକୁ ଦେବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ଟିକେଶ୍ୱର ଇନ୍‌ଷ୍ଟାଗ୍ରାମ୍‌ରେ ଜଣେ ୧୭ବର୍ଷିୟା ନାବାଳିକା ସହ ବନ୍ଧୁତା କରିଥିଲେ । ଗତ ୧୦ଜୁନ୍, ୨୦୨୨ରେ ସେହି ନାବାଳିକାକୁ ଅପହରଣ କରି ଅତାବିରା ଅଞ୍ଚଳରେ ଏକ ସମ୍ପର୍କିୟ ଘରେ ରଖିଥିଲେ । ସେଠାରେ ନାବାଳିକାକୁ ବଳପୂର୍ବକ ବାରମ୍ବାର ଦୁଷ୍କର୍ମ କରିଥିଲେ । ନାବାଳିକା ନିଖୋଜ ହେବା ପରେ ପରିବାର ଲୋକେ ଖୋଜିଖୋଜି କରିଥିଲେ । କୌଣସି ସନ୍ଧାନ ପାଇ ଅଇଁଠାପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏହାର ତଦନ୍ତ କରି ସେମାନଙ୍କୁ ଉଦ୍ଧାର କରିଥିଲା । ଡାକ୍ତରୀ ମାଇନା ଓ ବୟାନ ରେକର୍ଡ ପରେ ପୋଲିସ ୨୮୧/୨୨ରେ ଏକ ମାମଲା ରୁଜୁ କରି ଟିକେଶ୍ୱରକୁ ଗିରଫ କରିଥିଲା । ମୋଟ ୧୨ଜଣ ସାକ୍ଷ୍ୟ ବୟାନକୁ ଭିତ୍ତି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି । ଏହି ମାମଲାକୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ ।

# ଶିକ୍ଷକ ସଂଘର ସାଙ୍ଗଠନିକ ବୈଠକ



ଜୟପାଟଣା,(ସବ୍ୟୁ):କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସାଙ୍ଗଠନିକ ବୈଠକ, ଚଞ୍ଚରା ପଡା ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ପ୍ରାୟ ୬୦ଜଣ ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ବ୍ଲକ ସଭାପତି ଅନିଲ କୁମାର ପଟନାୟକଙ୍କ ସଭାପତିତ୍ୱରେ ରାଜ୍ୟ ସଭାପତି ଜୟନ୍ତୀ ଲାଲ ସାହୁ ମୁଖ୍ୟ ଅତିଥି,ମୁଖ୍ୟ ବକ୍ତା ରାଜ୍ୟ ସମ୍ପାଦକ ହନେସ ପାତ୍ର ବାଗ, ସମ୍ମାନୀୟ ଅତିଥି ଜିଲ୍ଲା କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ସାହୁ, ଧର୍ମଗଡ ସଭାପତି ଲଳିତ ନାଏକ, କୋକସରା ସଭାପତି ଈଶ୍ୱରୀ ପ୍ରସାଦ ମହାନ୍ତି, ଭବାନୀପାଟଣା ସଦର ବ୍ଲକ ସଭାପତି ଦାମୋଦର ଚନ୍ଦନ, ଜୁନାଗଡ ସଭାପତି କୈଳାଶ ବିଶି, ନର୍ଲା ସଭାପତି ଉଗ୍ରେସନ ସାହୁ, ଜୟପାଟଣା ସଭାପତି ଅନିଲ କୁମାର ପଟନାୟକ ଜୟପାଟଣା ବ୍ଲକ ସମ୍ପାଦକ ଆଦିତ୍ୟ ଖମାରି, ମଞ୍ଚାସୀନ ଥିଲେ। ଏକ୍ସ କ୍ୟାଡର ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କ ପ୍ରତିସରକାରଙ୍କ ସାବତ ମା ପୁଅ ସଦୃଶ ପକ୍ଷ ପାତ ନୀତି ବରଦାସ୍ତ କରାଯିବ ନାହିଁ, ନହେଲେ ବ୍ୟାପକ ଆନ୍ଦୋଳନମୂକ ପନ୍ଥା ଗ୍ରହଣ କରିବାକୁ ବାଧ ହେବୁ ବୋଲି ସଂଘ ତରଫରୁ ପ୍ରକାଶ ପାଇଥିଲା। ସରକାରଙ୍କ ଅନେକ ଯୋଜନା ମାନଙ୍କରେ ବିଶେଷ କରି ଏକ୍ସ କ୍ୟାଡର ଶିକ୍ଷକ ମାନଙ୍କୁ କାର୍ଯ୍ୟ ତୁଲେଇବା ପାଇଁ, ଏବଂ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା ନ କରି କାର୍ଯ୍ୟ ତୁଲେଇ ଆସୁଥିଲେ ହେଁ ସରକାରଙ୍କ ପକ୍ଷ ପାତ ନୀତି କବଳରୁ ଏ ଯାବତ କୌଣସି ସୁଫଳ ପାଇପାରିନାହାନ୍ତି। କ୍ୟାଡରଭୁକ୍ତ ମାନଙ୍କ ତୁଳନାରେ ଏକ୍ସ କେଡର ଶିକ୍ଷକ ମାନେ ଅପେକ୍ଷା କୃତ ଅଧିକ ସରକାରୀ କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି, ତଥାପି ସରକାରୀ ସ୍ତରରେ ଅଣଦେଖା ଏବଂ ଦିଶାହୀନ ଯୋଜନା ଯୋଗୁଁ ସାରା ରାଜ୍ୟରେ ଏକ୍ସ କେଡର ସଙ୍ଘ ମଧ୍ୟରେ ଅସନ୍ତୋଷ ର କାରଣ ସାଜିଛି। ଏଣୁ କ୍ୟାଡର ସଂଘ ନୀତିନିୟମ ପ୍ରକାରେ ଏକ୍ସ କ୍ୟାଡର ଉଚ୍ଛେଦ କରି କ୍ୟାଡରଭୁକ୍ତ କରାଯିବା ସହ, ଆର. ଏ. ସି. ପି ଏବଂ ଏମ. ଏ. ସି. ପି ପ୍ରଦାନ କରାଯାଉ। ସେହିପରି ଟ୍ରେଜେରି ମାଧ୍ୟମରେ ଦରମା ପ୍ରଦାନ କରାଯିବା ନିମନ୍ତେ ସରକାର ସୁପଦକ୍ଷେପ ଗ୍ରହଣ କରିବାପାଇଁ ଏକ୍ସ କ୍ୟାଡର ସଙ୍ଘଦାବୀ କରିଛି । ଓଡିଶା ସରକାର ଏଥି ପ୍ରତି ବିହିତ ସୁପଦକ୍ଷେପ ଗ୍ରହଣ କରିବେ ବୋଲି ଜୟପାଟଣାବ୍ଲକ ଏକ୍ସ କ୍ୟାଡର ସଙ୍ଘ ର ଜଗଦିଶ ପାନ, ପ୍ରଶାନ୍ତଭାଟି, ଜିତେନ୍ଦ୍ରବିଶି, ବେଣୁଧର ନାଗ, ସୁନୀଲ ସିଂ, ନିଶାନ୍ତ ଦାସ, ଲିଙ୍ଗରାଜ ପୁଝାରି, ସନ୍ତୋଷ ମହାଳିକ, ଅମିତା ପଣ୍ଡା, ଭୂମିସୁତା ନାଏକ, ଜ୍ୟୋର୍ତିମୟୀ ପଣ୍ଡା, ସଂଗୀତା ବେହେରା, ପ୍ରମୋଦିନୀ ପଣ୍ଡା, ଲଳିତା ସିଂ, ସରିତା ପଟନାୟକ ପ୍ରମୁଖ ଦୃଢ ଦାବୀ କରିଛନ୍ତି ।

# ଜିଏସ୍‌ଟି ବିଭାଗ ପକ୍ଷରୁ ଚଢଉ ୧୨ବସ୍ତା ନକଲି ବିଡି ଜବତ

ସମ୍ବଲପୁର,(ସବ୍ୟୁ): ନକଲି ବିଡି କାରବାର ଉପରେ ସମ୍ବଲପୁର ସିଟି ଜିଏସ୍‌ଟି ବିଭାଗ ଚଢଉ କରିଛି । ଚଢଉ ବେଳେ ୧୨ବସ୍ତା ନକଲି ଶିବା ବିଡି ଜବତ ହୋଇଛି । ଏନେଇ ସଂପୃକ୍ତ ବ୍ୟବସାୟୀକୁ ୧ଲକ୍ଷ ୨୦ହଜାର ଫାଇନ ମଧ୍ୟ କରାଯାଇଥିବା ଜଣାପଡିଛି । ସୂଚନାଯୋଗ୍ୟ, ସମ୍ବଲପୁର ରାଜା ନଗର ଅଞ୍ଚଳର ସୟଦ ମୁକ୍ତାର ଅହମ୍ମଦ ଶିବା ବିଡିର ଅସଲି ଡିଷ୍ଟ୍ରିବ୍ୟୁଟର ଅଟନ୍ତି । ତେବେ ଅସଲି ନାମରେ ନକଲି ବିଡି କାରବାର ହେଉଥିବା ସେ ପୂର୍ବରୁ ଅଭିଯୋଗ କରିଥିଲେ । ତାଙ୍କ ପାଖରେ ସମସ୍ତ କାଗଜପତ୍ର ଓ ଜିଏସ୍‌ଟି ନମ୍ବର ରହିଛି । ତେବେ ମାଲକାନଗିରିରୁ ବସ୍ ଯୋଗେ ସମ୍ବଲପୁରକୁ ନକଲି ବିଡି ଆସିଥିବା ଖବର ପାଇ ସିଟି ଜିଏସ୍‌ଟି ବିଭାଗ ଏକ ଟିମ୍ ସିଟି ଷ୍ଟେସନ ନିକଟରେ ଚଢଉ କରିଥିଲା । ଏକ ଟାଟା ଏସି ଗାଡିରେ ଉପରୋକ୍ତ ବିଡି ଯାଉଥିବା ବେଳେ ଚଢଉ କରି ଜବତ କରାଯାଇଛି । ଏ ନେଇ ସିଟି ଜିଏସ୍‌ଟି ବିଭାଗର ଟେକଚାନ୍ଦ ମେହେରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ସୂଚନା ଦେଇନଥିଲେ ।

## ମରାଡୁଗୋଛା ପେକ୍ସରେ ଧାନ ବିକ୍ରି ଘଟଣା
# ଆନ୍ଦୋଳନକାରୀଙ୍କ ସହ ପ୍ରଶାସନର ଆଲୋଚନା

ତରଭା,(ସବ୍ୟୁ): ତରଭା ବ୍ଲକ ଅନ୍ତର୍ଗତ ମରାଡୁଗୋଛା ସେବା ସମବାୟ ସମିତିରେ ଚାଷୀମାନେ ବକେୟା ପାଉଣା ନ ପାଇବା ନେଇ ଗତ ୧୨ ତାରିଖରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୧୦ ଦିନ ହେଲା ଧାରଣାରେ ବସିଥିଲେ । ଦାବି ପୁରଣ ନହେବାରୁ ଗୁରୁବାର ଦିନ ୯ ଜଣ ଚାଷୀ ଆମରଣ ଅନଶନରେ ବସିଥିଲେ।ଏହାକୁ ଦୃଷ୍ଟିରେ ରଖି ସନ୍ଧ୍ୟା ରେ ବ୍ଲକ ସଭାଗୃହରେ ଚାଷୀ ପ୍ରତିନିଧି ପ୍ରଶାସନ ମଧ୍ୟରେ ଆଲୋଚନା ହେଇଥିଲା । ଆଲୋଚନାରେ ସ୍ଥାନୀୟ ତହସିଲଦାର ସ୍ୱେତାଲିନା ମହାଣା, ସି ଏସ ଓ ନିରଦ ରଞ୍ଜନ ଦାସ, ଡି ଆର ସି ଏସ ସଞ୍ଜୟ ତ୍ରିପାଠୀ , ବ୍ଲକ କୃଷି ଅଧିକାରୀ ନିରୁପମା ଗଣିକ ଓ ଚାଷୀଙ୍କ ତରଫରୁ ମିତ୍ରବ୍ରତ ମିଶ୍ର, ସରପଞ୍ଚ ମନମୋହନ ସାହୁ, ବସୁ ସାହୁ, ସମିତି ସଭ୍ୟ ମାର୍କଣ୍ଡ ନାଗ, ବିନିକା କୃଷକ ସଙ୍ଗଠନର ଦେବାଶିଷ ଦାସ , ରମେଶ ଦାସ, ଶଙ୍କର ମହଲା, ଶିବ ନାଏକ, ପେକ୍ସ ସଭାପତି ସନ୍ତୋଷ ଡାଙ୍ଗ, ଡି ଓ ସୁଶାନ୍ତ ମହଲା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶୁକ୍ରବାର ପୂର୍ବାହ୍ନରେ ଚାଷୀଙ୍କ ପ୍ରାପ୍ୟ ନେଇ ତୁରନ୍ତ ପଦକ୍ଷେପ ନେବୁ, ଚାଷୀଙ୍କ ଧାନର ବକେୟା ପାଉଣା ପାଇବା ଯୁକ୍ତିଯୁକ୍ତ ଅଟେ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀ ଆମରଣ ଅନଶନରୁ ହାଟିଥିଲେ ହେଁ ଧାରଣା ଜାରି ରଖିଥିଲେ । ଆମରଣ ଅନଶନରେ ଉଦୟ ଭୁଏ, ଶଙ୍କର ମହାନନ୍ଦ, ବୈକୁଣ୍ଠ ସା, କାର୍ତ୍ତିକ ସାହୁ, ଶେଷ ଡାଙ୍ଗ, ଶଙ୍କର୍ଷଣ ସାହୁ, ପଦ୍ମଲୋଚନ ଦଳବେହେରା, ଜୟଚନ୍ଦ୍ର ଭୁଏ ଓ କ୍ଷମା ଭରାସାଗର ପ୍ରମୁଖ ୯ ଜଣ ଚାଷୀ ବସିଥିଲେ। ଶତାଧିକ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦାବି



ସମ୍ବଲପୁର,(ସବ୍ୟୁ): ନିଖିଳ ଓଡିଶା ଅଙ୍ଗନବାଡି ଲେଡିଜ ୱାର୍କସ ସଂଘ ସମ୍ବଲପୁର ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଡେପୁଟି କଲେକ୍ଟରଙ୍କ ଜରିଆରେ ପ୍ରଦାନ କରାଯାଇଛି । ପ୍ରଦତ୍ତ ଦାବିପତ୍ରରେ ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ମାନ୍ୟତା ନମିଳିବା ପର୍ଯ୍ୟନ୍ତ କର୍ମୀ ଓ ସହାୟିକାଙ୍କୁ ଯଥାକ୍ରମେ ମାସିକ ୧୮ହଜାର ଓ ୯ହଜାର ଟଙ୍କା ଭତ୍ତା ପ୍ରଦାନ, ଅବସରକାଳୀନ ସହାୟତା ରାଶି ପ୍ରଦାନ, ପେନ୍‌ସନ ବ୍ୟବସ୍ଥା ଲାଗୁ, ଉନ୍ନତମାନର ମୋବାଇଲ ଫୋନ ସହ ରିଚାର୍ଜ ବ୍ୟବସ୍ଥା, କର୍ମଚାରୀଙ୍କୁ ସିଧାସଳଖ ୫୦ପ୍ରତିଶତ ପଦୋନ୍ନତି ଆଦି ଦାବି ରହିଛି ।

# ୟୁରିଆ ସାର କଳାବଜାର, ୩ ଦୋକାନର ଲାଇସେନ୍ସ ବାତିଲ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାରେ ୟୁରିଆ ସାରର କୃତ୍ରିମ ସଙ୍କଟ ଦେଖାଯାଇଛି । ଏଭଳିସ୍ଥଳେ ସାରର କଳାବଜାର ଚାଲୁଥିବା ବେଳେ ୩ଟି ସାର ଦୋକାନର ଲାଇସେନ୍ସ ବାତିଲ ସହ ସିଲ୍ କରାଯାଇଛି । ଧନକଉଡା ବ୍ଲକ ବରେଇପାଲି ସ୍ଥିତ ଇଣ୍ଡିଆନ ଏଣ୍ଟରପ୍ରାଇଜେସ୍, ଜମନକିରା ସ୍ଥିତ ସାର ବିତରକ ସଂସ୍ଥା ରତନ ଫର୍ଟିଲାଇଜର ଓ ବଳରାମ ନାଏକଙ୍କ ଲାଇସେନ୍ସ ବାତିଲ କରାଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲାରେ ସାର ସଙ୍କଟ ପରିଲକ୍ଷିତ ହୋଇଛି । ଏନେଇ ଚାଷୀ ମାନେ ବାରମ୍ବାର କୃଷି ଅଧିକାରୀ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହାସତ୍ତ୍ୱେ କୌଣସି ସୁଫଳ ମିଳୁନଥିବା ବେଳେ ସାର ଚଡ଼ାଦରରେ ବିକ୍ରି ହେଉଛି ।

# କଂଗ୍ରେସ ଭବନରେ ରାଜୀବ ଗାନ୍ଧିଙ୍କ ଜୟନ୍ତୀ ପାଳିତ



ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା । ରାଜୀବଗାନ୍ଧୀ ପଂଚାୟତୀ ରାଜ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ସରୋଜ ବାଗ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ସଭାପତି ଜୟଦେବ ନାଏକ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ବ୍ରଜ ସାହୁ, ବରିଷ୍ଠ କଂଗ୍ରେସ ନେତା କୁମୁଦ ପଟନାୟକ, ଚନ୍ଦ୍ର ଶେଖର ଯୋଶୀ, ନାରୀ ନେତ୍ରୀ ପ୍ରମିଳା ବାତ୍ରା, ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ଛାତ୍ର କଂଗ୍ରେସ ସଭାପତି ଶୁଭମ ଦୁର୍ଗା, ବରିଷ୍ଠ ଆଇନଜିବି ତଥା ବରିଷ୍ଠ କଂଗ୍ରେସ ନେତା ସିଦ୍ଧାର୍ଥ ନାୟକ, ରାଜ୍ୟ ଶୃଙ୍ଖଳା କମିଟି ସଦସ୍ୟ ଇନ୍ଦ୍ରଜିତ ମହାକୁଡ଼, କଂଗ୍ରେସ ନେତା ଭାଗବତ ଯାଦବ, ପ୍ରିତମ ବେହେରା, ଲିଙ୍ଗରାଜ ନାଏକ ପ୍ରମୁଖ ଉପସ୍ଥିତ ରହି ରାଜୀବଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ ।

# ପୋଖରୀରେ ବୁଡିଗଲେ ପୂର୍ବତନ ନଗରପାଳଙ୍କ ପୁଅ

ଜୁନାଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ତାଲବନ୍ଧପଡ଼ାରେ ଗୁରୁବାର ଦୁଃଖଦ ଘଟଣା ଘଟିଛି । ସ୍ଥାନୀୟ ପୋଖରୀରେ ବୁଡ଼ି ଯାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଙ୍କ ନାମ କୋଟିଚନ୍ଦ୍ର ମହାଳିକ (୪୨)। ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଅସାଧାନତା ଯୋଗୁଁ ସେ ଗଭୀରକୁ ଚାଲି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜୁନାଗଡ଼ ଅଗ୍ନିଶମ ବାହିନୀ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ କୋଟିଚନ୍ଦ୍ର ଜୁନାଗଡ଼ର ପୂର୍ବତନ ନଗରପାଳଙ୍କ ପୁଅ ଅଟନ୍ତି।

# ଲୁଟିଆକୁ ଲିଫ୍ଟ ଦେଇ ଫସିଲେ ବାଇକ୍ ଆରୋହୀ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ପୋଲିସ ଜଣେ ଲୁଟିଆକୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ଠାରୁ ଏକ ବାଇକ ଓ ମୋବାଇଲ ଫୋନ ଜବତ ହୋଇଛି । ଏନେଇ ୩୬୨/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ବୁର୍ଲା ବିବେକାନନ୍ଦ ଛକ ଅଞ୍ଚଳର କୈଳାଶପତି ଖଣ୍ଡିତ(୫୯) ଗତ ୨୦ତାରିଖ ଅପରାହ୍ନ ୩ଟାରେ ନିଜ ବାଇକ ଗାଡି ନମ୍ବର( ଓଆର୧୫ଆର୍- ୦୦୩୧) ଯୋଗେ ବରଗଡ ଜିଲ୍ଲା କଣ୍ଟାପାଲି ଗ୍ରାମକୁ ଯାଉଥିଲେ । ଏହି ସମୟରେ ଗାନ୍ଧିପଡା ପୋଲ ନିକଟରେ ଏକ ଅଜଣା ଯୁବକ ଗୋଲଗୁଣ୍ଡା ଗ୍ରାମରେ ତାଙ୍କୁ ଛାଡି ଦେବାକୁ କହି ଲିଫ୍ଟ ମାଗିଥିଲା । ଯିବା ବାଟରେ ଏକ ନିଛାଟିଆ ସ୍ଥାନରେ କୈଳାଶପତିଙ୍କ ମୁଣ୍ଡକୁ ଆଘାତ କରି ଚେତାଶୂନ୍ୟ କରି ୧୫୦୦ଟଙ୍କା, ଏକ ମୋବାଇଲ ଫୋନ ଓ ବାଇକ ଲୁଟି ନେଇଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସଂଜ୍ଞା ଫେରିବା ପରେ ସେ ଏନେଇ ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଏହାର ତଦନ୍ତ କରିଥିଲା । ତଦନ୍ତ ବେଳେ ବୁର୍ଲା ବୋଲେରପଡାର ରୋହିତ ଶାସନୀ(୨୫)ଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ନାମରେ ବୁର୍ଲା ଥାନାରେ ପୂର୍ବରୁ ୪ଟି ମାମଲା ରହିଛି ।

# ରାଜ୍ୟ ବୟନ ଶିଳ୍ପ ନିର୍ଦ୍ଦେଶକ, କମିଶନର ଗୁହା ପୁନମ ତାପସ କୁମାରଙ୍କ ଝାରସୁଗୁଡ଼ା ଗସ୍ତ



ଝାରସୁଗୁଡ଼ା ,(ସବ୍ୟୁ): ଝାରସୁଗୁଡ଼ାର ପୂର୍ବତନ ଜିଲ୍ଲାପାଳ ତଥା ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିର୍ଦ୍ଦେଶିକା ତଥା କମିଶନର ଗୁହା ପୁନମ ତାପସ କୁମାର ଝାରସୁଗୁଡ଼ା ଗସ୍ତ କରିଥିଲେ। କମିଶନର ଜିଲ୍ଲାର ପୂର୍ବ ସ୍ମୃତି ମନେପକାଇବା ସହ ଝାରସୁଗୁଡ଼ା କାଳିବାଡ଼ିରେ ଥିବା ଦକ୍ଷିଣ କାଳି ମନ୍ଦିର ଦର୍ଶନ କରିଥିଲେ । ସେଠାରେ ବରିଷ୍ଠ ସମାଜସେବୀ ତଥା ପରିବେଶ କର୍ମୀ ତାପସ ରାୟ ଚୌଧୁରୀ ଓ ବିଭିନ୍ନ ବର୍ଗର ମହିଳାମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏହା ସହିତ ପୂର୍ବାହ୍ନରେ ସ୍ଥାନୀୟ ସର୍କଟ ହାଉସରେ ଶ୍ରୀ ରାୟ ଚୌଧୁରୀଙ୍କ ସହ ଜିଲ୍ଲାର ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଗୁହା ପୁନମ ତାପସ କୁମାର ଝାରସୁଗୁଡ଼ା ଜିଲ୍ଲାପାଳ ଥିବା ସମୟରେ ଜିଲ୍ଲାର ଅନେକ ଉନ୍ନୟନ କାମ କରିବା ସହ ପ୍ରଶାସନିକ ସ୍ତରରେ ସଂସ୍କାର ଆଣିଥିଲେ । ସେ ଜଣେ ଲୋକଙ୍କ ଜିଲ୍ଲାପାଳ ଭାବରେ ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ମହୋତ୍ସବ ଦୁଲଦୁଲିରେ ପ୍ରମୁଖ ଭୂମିକା ନିଭାଇଥିଲେ ।

# ବୌଦ୍ଧ ଜିଲ୍ଲା ଧାର୍ମିକ ଓ ସାଂସ୍କୃତିକ ସେବା ମହାସଂଘର ପ୍ରଥମ ବାର୍ଷିକ ଉତ୍ସବ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଟାଉନହଲରେ ବୌଦ୍ଧ ଜିଲ୍ଲା ଧାର୍ମିକ ଓ ସାଂସ୍କୃତିକ ସେବା ମହାସଙ୍ଘର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସର ଏକ ଶୋଭାଯାତ୍ରା ଗାନ୍ଧୀଛକ ଠାରୁ ଟାଉନହଲ ପର୍ଯ୍ୟନ୍ତ ବାହାରି ଥିଲା । ପରେ ସାଧାରଣସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅନୁଷ୍ଠାନର ଜିଲ୍ଲା ସଭାପତି ରମେଶ ପ୍ରସାଦ ମେହେରଙ୍କ ସଂଯୋଜନାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସମ୍ପାଦକ ଅରୁଣ କୁମାର ମେଣ୍ଡିଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉତ୍ସବର ମୁଖ୍ୟ ଅତିଥି ଭାବେ ପୂର୍ବତନ ସଂସ୍କୃତି ବିଭାଗ ସଚିବ ବାସୁଦେବ ମାଳବିଶୋଇ ଯୋଗଦେଇ କଳାକାର ମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସରକାରଙ୍କ ପାଖରେ ଦାବୀ ଉପସ୍ଥାପନା କରିବା ପାଇଁ ଉପସ୍ଥିତ ଅତିଥି ମାନଙ୍କୁ ଅନୁରୋଧ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଜେପି କଳାକାର ପ୍ରକୋଷ୍ଟ ରାଜ୍ୟ ସହ ସଂଯୋଜିକା ବିଦ୍ୟୁସ୍ମିତା ମନ୍ତ୍ରୀ ଯୋଗଦେଇ କଳାକାର ମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାକୁ ପ୍ରଚାର ପ୍ରସାର ପାଇଁ ଅନୁଦାନ ଯୋଗାଇଦେବା ସହ କଳାକାର ଭତ୍ତା ପାଇବା ନିମନ୍ତେ ବୟସ ସୀମା କୋହଳ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବୌଦ୍ଧ ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ପୂର୍ବତନ ଜିଲ୍ଲା ବିଜେପି ସଭାପତି ବିପ୍ର ଚରଣ ମହାନ୍ତି,ବିଜେପି କଳାକାର ପ୍ରକୋଷ୍ଟ ରାଜ୍ୟ ସହ ସଂଯୋଜକ ସତ୍ୟ ରାଉତ, କନ୍ଧମାଳ ଜିଲ୍ଲା ସଭାପତି ଅକ୍ଷୟ କୁମାର କର୍ଣ୍ଣ ଓ ଅନୁଷ୍ଠାନର ଉପଦେଷ୍ଟା ତଥା ଓଡିଶା ସଂଗୀତ ନାଟକ ଏକାଦେମୀ ସଦସ୍ୟ ବସନ୍ତ କୁମାର ସାହୁ ଯୋଗଦେଇ ଉଦବୋଧନ ଦେଇଥିଲେ । ଏହାପରେ ଜିଲ୍ଲାର ଶତାଧିକ କଳାକାର ଦଳ ମଞ୍ଚରେ କଳା ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ଜିଲ୍ଲା ସଂଯୋଜକ ତଥା ବରିଷ୍ଠ ନାଟ୍ୟକାର ସୁରେନ୍ଦ୍ର କର୍ଣ୍ଣ ଓ ବାମଦେବ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ କଳା ପ୍ରଦର୍ଶନ କରିଥିବା ଦଳ ମାନଙ୍କୁ ପ୍ରସଂଶାପତ୍ର ପ୍ରଦାନ କରାଯାଇଥିଲା ।

ଡାକ୍ତରଖାନା ନିକଟରେ ଥିବା ବିଭିନ୍ନ ଦୋକାନ ଏବଂ ଘର ମଧ୍ୟରେ ପାଣି ପ୍ରବେଶ କରିଛି। ଫଳରେ ଜିନିଷପତ୍ରର ବହୁ କ୍ଷତି ହୋଇଛି। ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ଅଭାବରୁ, ଦୋକାନୀ ଏବଂ ସ୍ଥାନୀୟ ବାସିନ୍ଦାମାନେ ସେମାନଙ୍କ ଦୋକାନ ଏବଂ ଘରୁ ପାଣି ନିଷ୍କାସନ କରିବାକୁ ସଂଘର୍ଷ କରୁଛନ୍ତି ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୨୧)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ )
**ପୃଥକ୍ତ୍ୱେନ ତୁ ଯଜ୍ଜ୍ଞାନଂ ନାନାଭାବାନ୍ ପୃଥଗ୍‌ବିଧାନ ।**
**ବେତ୍ତି ସର୍ବେଷୁ ଭୂତେଷୁ ତଜ୍ଜ୍ଞାନଂ ବିଦ୍ଧି ରାଜସମ୍ ।। ୨୧ ।।**
( ରାଜସଜ୍ଞାନମାହ)–ପୃଥକ୍ତ୍ୱେନ (ପ୍ରତି ଶରୀରଭିନ୍ନତ୍ୱେନ) ତୁ ଯତ୍ ଜ୍ଞାନଂ ସର୍ବେଷ୍ଟୁ ଭୂତେଷୁ (ଦେହେଷୁ) ନାନାଭାବାନ୍ (ବସ୍ତୁତଃ ଏବ ଅନେକାନ୍ କ୍ଷେତ୍ରଜ୍ଞାନ୍) ପୃଥଗ୍ବିଧାନ୍ (ସୁଖଦୁଃଖତ୍ୱାଦିରୂପେଣ ବିଲକ୍ଷଣାନ୍) ବେତ୍ତି (ଜାନାତି), ତତଥ ଜ୍ଞାନଂ ରାଜସଂ ବିଦ୍ଧି (ଜାନାହି) ।।୨୧ ।।

# ବିଧେୟକକୁ ଅକାମୀ କରିବାର କ୍ଷମତା

ଭାରତ ପରି ଏକ ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରରେ ସ୍ୱାଧୀନତା ପ୍ରାପ୍ତିର ଅଣାଅଶୀ ବର୍ଷରେ ନ୍ୟାୟାଳୟ ବା ଅଦାଲତ ଓ ପ୍ରଶାସନ ମଧ୍ୟରେ ମତଭେଦ ରହିବା ସ୍ୱାଭାବିକ, ମାତ୍ର ଏଥିପାଇଁ ଉଭୟ ସଂସ୍ଥା ମଧ୍ୟରେ ଅଯଥାରେ ବିବାଦ ଆରମ୍ଭ ହେଲେ ତାହା ଆମ ପାଇଁ ଶୁଭଙ୍କର ନୁହେଁ । ସରକାର, ସେ କେନ୍ଦ୍ର ସରକାର ହୁଅନ୍ତୁ ବା ରାଜ୍ୟ ସରକାର ହୁଅନ୍ତୁ, ନିଜ ନିଜ ମଧ୍ୟରେ ସମ୍ପର୍କ ରଖି ରାଜ୍ୟ ବା ରାଷ୍ଟ୍ରକୁ ଆଗେଇ ନେବା ସବୁଠାରୁ ବଡ଼ କର୍ତ୍ତବ୍ୟ । ମାତ୍ର ତାହା ସମ୍ଭବ ହେଉନାହିଁ । ଏପରିକି ବିରୋଧୀ ଦଳ ଓ ସରକାର ମଧ୍ୟ ମିଳିମିଶି ରାଷ୍ଟ୍ର ଗଠନରେ ଏକତ୍ର କାମ ନ କରିବା ଦୁର୍ଭାଗ୍ୟର ବିଷୟ । ରାଜ୍ୟ ସରକାର ବିଧାନସଭାରେ ପାରିତ ହୋଇଥିବା ଏକ ବିଧେୟକ ବା ବିଲ୍ ଉପରେ ସର୍ବେସର୍ବା ବୋଲି ଭାବିବା ଉଚିତ ନୁହେଁ । କାରଣ ରାଜ୍ୟ ସରକାର ପାରିତ କରିଥିବା ବିଧେୟକଟିର ଭାଗ୍ୟ ରାଜ୍ୟପାଳଙ୍କ ସମ୍ମତିକୁ ଅପେକ୍ଷା ରଖେ । ରାଜ୍ୟପାଳ ସେହି ବିଧେୟକଟିକୁ ପାଖରେ ରଖି ତା' ଉପରେ ବିଚାର ବିମର୍ଷ କରିପାରିବେ । ଏଥିପାଇଁ ସମୟ ଦରକାର । ରାଜ୍ୟପାଳଙ୍କ ନିକଟରେ ବିଲ୍‌ଟି ଯଦି କୌଣସି କାରଣରୁ ଅଟକି ରହେ, ତେବେ, ରାଜ୍ୟ ସରକାର ସେଥିପାଇଁ ବ୍ୟସ୍ତ ହେବା ଅନୁଚିତ । କାରଣ, ଜନସାଧାରଣଙ୍କ ସୁରକ୍ଷା ପାଇଁ ସରକାର କାମ କରିଥା'ନ୍ତି । ରାଜ୍ୟପାଳ ଚାହିଁଲେ ବିଧେୟକଟିକୁ ପୁର୍ନବିଚାର ଲାଗି ବିଧାନସଭାକୁ ଫେରାଇ ଦେଇପାରନ୍ତି ବା ନିଜେ ସମୀକ୍ଷା କରିପାରନ୍ତି ବା ରାଷ୍ଟ୍ରପତିଙ୍କ ଅନୁମୋଦନ ସକାଶେ ମଧ୍ୟ ବିଧେୟକଟିକୁ ପଠାଇ ପାରନ୍ତି ।

ଅତୀତର ଦୃଷ୍ଟାନ୍ତକୁ ଏଠାରେ ଉଦ୍ଧାର କରାଯାଇପାରେ, ଯାହା ଗତ ୨୦ ଅଗଷ୍ଟ, ୨୦୨୫ 'ସମୟ'ର ଅଷ୍ଟମ ପୃଷ୍ଠାରେ ପ୍ରକାଶ ପାଇଛି । ତାହା ହେଲା– 'ଉଲ୍ଲେଖନୀୟ ଯେ ଏକଦା 'ମଣ୍ଡଳ କମିଶନ' ସଂକ୍ରାନ୍ତୀୟ ଏକ ମାମଲାର ବିଚାର କରି ସର୍ବୋଚ୍ଚ ଅଦାଲତ ବା ସୁପ୍ରିମକୋର୍ଟ ସବୁ ପ୍ରକାର ସଂରକ୍ଷଣ ବ୍ୟବସ୍ଥାକୁ ୫୦ ପ୍ରତିଶତ ମଧ୍ୟରେ ସୀମିତ ରଖିବାକୁ ଆଦେଶ ଦେଇଥିଲେ । ମାତ୍ର ତାମିଲନାଡୁ ସରକାର ସୁପ୍ରିମକୋର୍ଟଙ୍କର ସେହି ଆଦେଶକୁ ନ ମାନି ଚାକିରି ଓ ନାମଲେଖା କ୍ଷେତ୍ରରେ ସଂରକ୍ଷଣର ସୀମାକୁ ୫୦ ଭାଗ ପରିବର୍ତ୍ତେ ୬୯ ଭାଗ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ ଏବଂ କାଳେ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରିବେ ବୋଲି ତାମିଲନାଡୁ ସରକାର ସମ୍ବିଧାନର ନବମ ଅନୁଚ୍ଛେଦର ଢାଲକୁ ଏଥିପାଇଁ ବ୍ୟବହାର କରିଥିଲେ । ଅବଶ୍ୟ ଏହାର ବିଚାର ବିଭାଗୀୟ ସମୀକ୍ଷା କରିବାକୁ ସୁପ୍ରିମକୋର୍ଟ ପୂର୍ବରୁ ମଧ୍ୟ ତାଗିଦା କରି ଦେଇଥିଲେ ।

ଏବେ କେନ୍ଦ୍ର ସରକାର ଓ ସର୍ବୋଚ୍ଚ ଅଦାଲତଙ୍କ ମଧ୍ୟରେ ବିବାଦ ଭିନ୍ନ ଏକ ମୋଡ଼ରେ ପହଞ୍ଚିଛି । ଗତ ବୁଧବାର (୨୦ ଅଗଷ୍ଟ, ୨୦୨୫)ରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟ ବା ସର୍ବୋଚ୍ଚ ଅଦାଲତକୁ ଜଣାଇଛନ୍ତି ଯେ ଅସାଧାରଣ ପରିସ୍ଥିତିରେ ରାଜ୍ୟପାଳ ରାଜ୍ୟ ସରକାରଙ୍କ ବିଧେୟକଟିକୁ ସମ୍ମତି ପ୍ରଦାନ କ୍ଷେତ୍ରରେ ସମ୍ମତି ନ ଦେଇ ଅଟକାଇ ରଖିପାରିବେ । ଭାରତର ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏଥିପାଇଁ ବହୁ ପରିଶ୍ରମ କରିଛନ୍ତି । ରାଷ୍ଟ୍ରପତିଙ୍କ ବିଚାରାର୍ଥେ ପ୍ରେରଣ (Reference) ସୁପ୍ରିମକୋର୍ଟକୁ ମିଳିବା ପରେ ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ବି.ଆର୍. ଗବାଇ, ସର୍ବୋଚ୍ଚ ଅଦାଲତର ବିଚାରପତି ସୂର୍ଯ୍ୟକୁମାର, ବିକ୍ରମନାଥ, ପି.ଏସ୍. ନରସିଂମାୟା ଓ ଏ.ସି. ଚନ୍ଦୁରକରଙ୍କୁ ନେଇ ଗଠିତ ସାମ୍ବିଧାନିକ ବେଞ୍ଚ, ରାଜ୍ୟପାଳମାନଙ୍କ ଉପରେ ଥିବା ସର୍ବୋଚ୍ଚ ଅଦାଲତଙ୍କ ବ୍ୟାପକ କ୍ଷମତା ସଂକ୍ରାନ୍ତରେ ରାଷ୍ଟ୍ରପତିଙ୍କୁ ଜଣାଇଥା'ନ୍ତେ । ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କ ମତ ହେଉଛି ଯେ ସମ୍ବିଧାନର ଧାରା ୨୦୦ ଅନୁଯାୟୀ ରାଜ୍ୟପାଳମାନେ ବିଧେୟକଟି ଉପରେ ସମ୍ମତି ନ ଦେଇ ସମ୍ମତି ପ୍ରତ୍ୟାହାର କରିନେଲେ ବିଧେୟକଟି ନିଷ୍କ୍ରିୟ ହୋଇଯିବ । ସର୍ବୋଚ୍ଚ ଅଦାଲତଙ୍କଦ୍ୱାରା ଗଠିତ ଏହି ସାମ୍ବିଧାନିକ ଡିଭିଜନ ବେଞ୍ଚର ପାଞ୍ଚଜଣଙ୍କ ମଧ୍ୟରୁ ଦୁଇଜଣ ବିଚାରପତି ସଲିସିଟର ଜେନେରାଲଙ୍କ ମତକୁ ସମର୍ଥନ ମଧ୍ୟ କରିଥିବା ଜଣାଯାଇଛି ।

ଏହି ସାମ୍ବିଧାନିକ ବେଞ୍ଚ ସମ୍ମୁଖରେ ଭାରତର ସଲିସିଟର ଜେନେରାଲ ଶ୍ରୀ ମେହେଟ୍ଟା ରାଜ୍ୟପାଳଙ୍କ ନିଯୁକ୍ତି ଓ କ୍ଷମତା ସଂକ୍ରାନ୍ତରେ ସମ୍ବିଧାନ ସଭାରେ ହୋଇଥିବା ବିତର୍କର ଦୃଷ୍ଟାନ୍ତ ଦେଇ କହିଥିଲେ ଯେ ଅବସରପ୍ରାପ୍ତ ରାଜନେତାମାନଙ୍କୁ ଆଶ୍ରୟ ଦେବା ପାଇଁ ରାଜ୍ୟପାଳ ଭଳି ପଦବୀ ସୃଷ୍ଟି କରାଯାଇ ନଥିଲା, ବରଂ ସାମ୍ବିଧାନିକ ବ୍ୟବସ୍ଥାରେ ରାଜ୍ୟପାଳମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ପ୍ରକାଶ କରିଥିଲେ ।

ଶ୍ରୀ ମେହେଟ୍ଟା ବିଧେୟକ ସମ୍ପର୍କରେ କହିଥିଲେ ଯେ ରାଜ୍ୟପାଳ ଚାହିଁଲେ ବିଧେୟକଟି ଉପରେ ସମ୍ମତି ପ୍ରଦାନ କରିପାରିବେ ନଚେତ ସମ୍ମତି ପ୍ରତ୍ୟାହାର ବି କରିପାରିବେ କିମ୍ବା ବିଧେୟକଟିକୁ ରାଷ୍ଟ୍ରପତିଙ୍କ ବିଚାର ପାଇଁ ସଂରକ୍ଷିତ ରଖିପାରିବେ । ରାଜ୍ୟପାଳ ବିଧେୟକଟି ଉପରେ ମତାମତ ବା ସଂଶୋଧନ ପ୍ରସ୍ତାବ ଦେଇ ବିଧାନସଭାକୁ ପୁନର୍ବାର ଫେରାଇ ଦେଇ ପାରିବେ । ଯଦି ସମ୍ମତି ଦେବେ ନାହିଁ ବୋଲି ରାଜ୍ୟପାଳ କହିବେ, ତା' ହେଲେ ବିଧେୟକଟି ଅକାମୀ ହୋଇଯିବ ।

ତେବେ, ଦେଖାଯାଉ, ତାମିଲନାଡୁ ବିଧେୟକକୁ କେନ୍ଦ୍ର କରି ରାଷ୍ଟ୍ରପତିଙ୍କ ରେଫରାନ୍ସର ଉତ୍ତର କେଉଁ ଦିଗକୁ ଯାଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପ୍ରକୃତି ସହ ଖେଳ ହେଉଛି କାଳ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଭାରତୀୟ ଦର୍ଶନ ଅନୁସାରେ ମାନବ ସଭ୍ୟତାର ବିକାଶ ହିମାଳୟ ଏବଂ ଏହାର ନଦୀ ଉପତ୍ୟକାରୁ ଆରମ୍ଭ ହୋଇଥିଲା । ଆଜି ବିକାଶର ପଦ୍ଧତି ଏବଂ ଶୀଘ୍ରତା ଯୋଗୁଁ ସମଗ୍ର ହିମାଳୟ ଭୁଶୁଡ଼ି ପଡୁଛି । ଉତ୍ତରାଖଣ୍ଡ ଉତ୍ତରକାଶୀର ଧରାଲି ଗ୍ରାମ ସମେତ ତିନୋଟି ସ୍ଥାନରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟ ଏକ ଚେତାବନୀ ଯେ ପ୍ରକୃତି ସହିତ ଖେଳର ପରିଣାମ ଭୟଙ୍କର ହୋଇପାରେ । ଧରାଲି ଏବଂ ହର୍ଷିଲରେ ବନ୍ୟା ରୂପରେ ପ୍ରକୃତି ଯେଉଁ ଦୃଶ୍ୟ ଦେଖାଇଛି, ତାହା ଅତ୍ୟନ୍ତ ଭୟଙ୍କର । ପୁଣି ଥରେ ଚାରିଧାମ ଯାତ୍ରା ସହିତ ଜଡିତ ଏହି ରାସ୍ତାରେ ପ୍ରକୃତି କେଦାରନାଥ ବିପର୍ଯ୍ୟୟର କାହାଣୀକୁ ପୁନରାବୃତ୍ତି କରିଛି । ବର୍ତ୍ତମାନ ସମଗ୍ର ହିମାଳୟ ଅଞ୍ଚଳ ଆଧୁନିକ ବିକାଶ ଏବଂ ଜଳବାୟୁ ପରିବର୍ତ୍ତନର ବିପଦର ସମ୍ମୁଖୀନ ହେଉଛି ।

ପାଣିପାଗ ଏବଂ ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ସୂଚନା ପ୍ରଦାନ କରୁଥିବା ଉପଗ୍ରହଗୁଡ଼ିକ ଯେତେ ଆଧୁନିକ ହେଲେ ମଧ୍ୟ ଅନିୟମିତ ପାଗ ଯୋଗୁଁ ମେଘ ଫାଟିବା, ହିମବାହ ଭାଙ୍ଗିବା ଏବଂ ପ୍ରବଳ ବର୍ଷା ବିଷୟରେ ସଠିକ୍ କ୍ଷେତ୍ରଭିତ୍ତିକ ସୂଚନା ପ୍ରଦାନ କରିବାରେ ଅନେକାଂଶରେ ଅସମର୍ଥ କହିଲେ ଚଳେ । ୨୦୧୩ରେ କେଦାରନାଥ ଦୁର୍ଘଟଣା ଏବଂ ୨୦୧୪ରେ ଜମ୍ମୁ ଓ କାଶ୍ମୀର ନଦୀରେ ବନ୍ୟାର ସଙ୍କେତ ମଧ୍ୟ ଉପଗ୍ରହରୁ ମିଳିନଥିଲା । ସେହିପରି ୨୦୨୧ ମସିହାରେ ନନ୍ଦା ଦେବୀ ଜାତୀୟ ଉଦ୍ୟାନ ନିକଟରେ ହିମବାହ ଭାଙ୍ଗିବା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ଏହା ଧୌଲିଗଙ୍ଗା ନଦୀରେ ହଠାତ୍ ବନ୍ୟା ଆଣିଥିଲା ଏବଂ ତାହା ଫଳରେ ତପୋବନ ଜଳବିଦ୍ୟୁତ ପ୍ରକଳ୍ପରେ କାମ କରୁଥିବା ଅନେକ ଶ୍ରମିକଙ୍କ ମୃତ୍ୟୁ ହେଲା । ହିମାଚଳ ପ୍ରଦେଶରେ ଭୂସ୍ଖଳନ, ମେଘଫଟା ଏବଂ ପ୍ରବଳ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଦେଖାଯାଉଛି ।

ପାଣିପାଗ ବିଜ୍ଞାନୀମାନେ କହିଛନ୍ତି ଯେ ଏଥର ମୌସୁମୀରେ ଦୀର୍ଘ ସମୟ ବାଧା ଯୋଗୁଁ ଦେଶର କିଛି ସ୍ଥାନରେ ମରୁଡ଼ି ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଅନ୍ୟ ପଟେ ହିମାଚଳ ଏବଂ ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହେଉଛି । ମୌସୁମୀରେ ବାଧା ଯୋଗୁଁ ପର୍ବତ ଉପରେ ମେଘ ଜମା ହୁଏ ଏବଂ ଏହା ହିଁ ମୂଷଳ ବୃଷ୍ଟିପାତ ହେବାର କାରଣ । କିନ୍ତୁ ଏହି କ୍ଷୟକ୍ଷତି ପାଇଁ ମୌସୁମୀକୁ ଦାୟୀ କରି କେହି ଦାୟିତ୍ୱରୁ ମୁକ୍ତ ହୋଇ ପାରିବେ ନାହିଁ । ମୌସୁମୀରେ କୌଣସି ବାଧା ବିନା କେଦାରନାଥରେ କ୍ଷୟକ୍ଷତି ହୋଇଥିଲା । ତେଣୁ ମୌସୁମୀର ବାଧା ବିନାଶର କାରଣ କହିବା ଅର୍ଥହୀନ ।

ସମଗ୍ର ହିମାଳୟ ଅଞ୍ଚଳରେ ଗତ ଦଶନ୍ଧି ଧରି ପର୍ଯ୍ୟଟକଙ୍କ ପାଇଁ ସୁବିଧା ଯୋଗାଇବା, ଜଳବିଦ୍ୟୁତ ଏବଂ ରେଳ ପ୍ରକଳ୍ପ ଆଦି କାର୍ଯ୍ୟରେ ପ୍ରକୃତି ସହିତ ଅନୁଚିତ ବ୍ୟବହାର କରାଯାଉଛି । ଏହି ପ୍ରକଳ୍ପଗୁଡ଼ିକ ପାଇଁ ହିମାଳୟ ଦେଇ ଟ୍ରେନ୍ ଗମନାଗମନ ଏବଂ ଅନେକ ଛୋଟ ନଦୀକୁ ବଡ଼ ନଦୀ ସହିତ ମିଶ୍ରଣ କରିବା ପାଇଁ ସୁଡ଼ଙ୍ଗ ନିର୍ମାଣ କରାଯାଉଛି । ସ୍ଥାପିତ ହେଉଥିବା ବିଦ୍ୟୁତ କେନ୍ଦ୍ର ପାଇଁ ହିମାଳୟକୁ ଅନେକାଂଶରେ ମଧ୍ୟ ଖନନ କରାଯାଉଛି ।

ଆଧୁନିକ ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶରେ ଅସନ୍ତୁଳନ ଯୋଗୁଁ ଆଜି ପର୍ବତଗୁଡ଼ିକ ଭାଙ୍ଗି ପଡୁଛନ୍ତି । ହିମାଳୟ ଏବଂ ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ଅଥର୍ବବେଦରେ ଲିଖିତ ପୃଥ୍ୱୀ ସୂକ୍ତରେ ଅନେକ ପ୍ରାର୍ଥନା ରହିଛି । ଏଥିରେ ଜାତୀୟ ଧାରଣା 'ବସୁଧୈବ କୁଟୁମ୍ବକମ୍' ଭାବନାକୁ ପୋଷଣ ଏବଂ ଫଳପ୍ରଦ କରିବା ପାଇଁ ମଣିଷକୁ ନୀତି ଏବଂ ଧର୍ମ ସହିତ ବାନ୍ଧିବାର ପ୍ରୟାସ କରାଯାଇଛି । କିନ୍ତୁ ଆଧୁନିକ ବିକାଶ ନାମରେ ତଥାକଥିତ ଭୌତିକ ସୁବିଧା ପାଇଁ ଆମେ ନିଜସ୍ୱ ଆଧାରକୁ ନଷ୍ଟ କରିଦେଇଛନ୍ତି । ବିପର୍ଯ୍ୟୟ ପ୍ରଭାବିତ ଧରାଲି ଏବଂ ହର୍ଷିଲ ଅଞ୍ଚଳରେ ପ୍ରବାହିତ ଭାଗୀରଥି ନଦୀ ଉପରେ ନିର୍ମିତ ୧୩୦୦ ମିଟର ଲମ୍ବା ଏବଂ ୮୦ ମିଟର ଚଉଡା ଝରଣାରୁ ପାଣି ଲିକେଜ୍ ହେଉଛି । ପୋକଲ୍ୟାଣ୍ଡ ମେସିନ୍ ସାହାଯ୍ୟରେ ଏହାକୁ ଭାଙ୍ଗିବା ପାଇଁ ପ୍ରସ୍ତୁତି କରାଯାଉଛି । ଯାହା ଦ୍ୱାରା ଲିକେଜ୍ ବନ୍ଦ କରିବା ସହ ପ୍ରବାହ ଟିକିଏ ବୃଦ୍ଧି ପାଇବ ଏବଂ ଝରଣାର ଜଳସ୍ତର ହ୍ରାସ ପାଇବ । ଯଦି ଏହି ଝରଣା ମଝିରେ ଏକ ବଡ଼ ପଥର ଥାଏ, ତେବେ ଏହାକୁ ନିୟନ୍ତ୍ରିତ ବିସ୍ଫୋରକ ସାହାଯ୍ୟରେ ଭାଙ୍ଗି ଦିଆଯିବ । ପର୍ବତଗୁଡ଼ିକରେ ଅତ୍ୟଧିକ ବର୍ଷା ଯୋଗୁଁ ଏହି ଝରଣା ଅସ୍ତିତ୍ୱ ପାଇଛି ।

ହିମାଳୟରେ ଝରଣା, ହ୍ରଦ, ପୋଖରୀ ଏବଂ ହିମମଣ୍ଡଳ ଗଠନ ଆଶ୍ଚର୍ଯ୍ୟଜନକ କିନ୍ତୁ ପ୍ରାକୃତିକ ପ୍ରକ୍ରିୟା । ଯେହେତୁ ଏହି ଝରଣା ହର୍ଷାଲି ଏବଂ ଧରାଲି ପାଇଁ ଏକ ସଙ୍କଟ ପାଲଟିଛି ତେଣୁ ଏହାକୁ ଭାଙ୍ଗିବା ଆବଶ୍ୟକ ହୋଇପଡ଼ିଛି । ଯଦି ଏହା ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଭାଙ୍ଗିଯାଏ, ତେବେ ଧରାଲି ଏବଂ ହର୍ଷାଲି ପାଇଁ ବିପଦ ଆହୁରି ବଢ଼ିବ । ଡେରାଡୁନ ଜଳସେଚନ ବିଭାଗର ଏକ ୧୨ ଜଣିଆ ଇଞ୍ଜିନିୟର ଦଳ ହେଲିକପ୍ଟରରୁ ଝରଣା ଯାଞ୍ଚ କରିଛନ୍ତି । ଯଦି ପ୍ରବାହକୁ ବାଧା ଦେଉଥିବା କୌଣସି ପଥର ଅଛି, ତେବେ ଏହାକୁ ନିୟନ୍ତ୍ରିତ ବିସ୍ଫୋରକ ଦ୍ୱାରା ଭାଙ୍ଗି ଦିଆଯିବ । ଏହି ପଦ୍ଧତି ସାହାଯ୍ୟରେ କେବଳ ସେହି ଅଂଶ ଭାଙ୍ଗିଥାଏ ଯାହା ଆବଶ୍ୟକ ।

ତଥାପି ଏହି ବନ୍ୟାର ସଠିକ୍ କାରଣ ନିର୍ଣ୍ଣୟ କରିବା ସମ୍ଭବ ହୋଇପାରି ନାହିଁ । ଭୂତତ୍ତ୍ୱ ବିଜ୍ଞାନୀମାନେ ଦ୍ୱନ୍ଦ୍ୱରେ ଅଛନ୍ତି । ସତ୍ୟ ଜାଣିବା ପାଇଁ ସେମାନେ ଏବେ ରିମୋଟ ସେନ୍ସିଂ ତଥ୍ୟ ଏବଂ ସାଟେଲାଇଟ୍ ତଥ୍ୟର ସାହାଯ୍ୟ ନେଉଛନ୍ତି । ଏହା ସ୍ପଷ୍ଟ କରିବ ଯେ ଖୀର ଗଙ୍ଗା ନଦୀରେ ବନ୍ୟା ମେଘ ଫାଟିବା, ହିମବାହ ଭାଙ୍ଗିବା କିମ୍ବା ଭୂସ୍ଖଳନ ଯୋଗୁଁ ହୋଇଥିଲା ନା ଅନ୍ୟ କୌଣସି କାରଣରୁ । ଏହି ପରିପ୍ରେକ୍ଷୀରେ ଭୂତତ୍ତ୍ୱବିତ୍ ଏବଂ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ନଦୀରେ ହଠାତ୍ ବନ୍ୟା କାହିଁକି ଆସିଲା ତାହା ବର୍ତ୍ତମାନ କହିବା ସମ୍ଭବ ନୁହେଁ । ଏହି ବିପର୍ଯ୍ୟୟ ପ୍ରାକୃତିକ ଏବଂ ମାନବକୃତ ଉଭୟ କାରଣରୁ ହୋଇପାରେ ।

ଏହି ବିରୋଧାଭାସୀ ଆକଳନରୁ ସ୍ପଷ୍ଟ ଯେ ଏହି ବିପର୍ଯ୍ୟୟର କାରଣ ସ୍ପଷ୍ଟ ନୁହେଁ । ପ୍ରକୃତରେ ପ୍ରକୃତି ସହିତ ସନ୍ତୁଳନ ବଜାୟ ରଖି ପାର୍ବତ୍ୟାଞ୍ଚଳରେ ବିକାଶ କାର୍ଯ୍ୟ କରାଯିବା ଉଚିତ । କିନ୍ତୁ ତଥାକଥିତ ବିକାଶର ଚମକରେ ରାଜ୍ୟ ସରକାରମାନେ ଏକ ସନ୍ତୁଳିତ ନୀତି ପ୍ରସ୍ତୁତ କଲେ ମଧ୍ୟ ସେମାନେ ଏହାର କାର୍ଯ୍ୟାନ୍ୱୟନରେ ସଚ୍ଚୋଟତା ଦେଖାନ୍ତି ନାହିଁ । ଏହି କାରଣରୁ ସମଗ୍ର ହିମାଳୟ ଅଞ୍ଚଳରେ ନିର୍ବିଶେଷରେ ବିକାଶ ପ୍ରକଳ୍ପଗୁଡ଼ିକ ହିମାଳୟର ଆଭ୍ୟନ୍ତରୀଣ ଗଠନକୁ ନଷ୍ଟ କରୁଛି ।

ଏହି ବିପର୍ଯ୍ୟୟ ସ୍ପଷ୍ଟ କରିଛି ଯେ ଉତ୍ତରାଖଣ୍ଡର ଉଚ୍ଚ ହିମାଳୟ ଅଞ୍ଚଳରେ ଝରଣା ବିପଦ ବୃଦ୍ଧି ପାଉଛି । ହିମାଳୟ ଅଞ୍ଚଳରେ ପ୍ରାୟ ୧୨୬୬ଟି ଏପରି ଝରଣା ଅଛି । ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (NDMA) ଉତ୍ତରାଖଣ୍ଡରେ ୧୩ଟି ହିମବାହକୁ ବିପଜ୍ଜନକ ଭାବରେ ଚିହ୍ନଟ କରିଛି । ଏଥିମଧ୍ୟରୁ ୫ଟିକୁ ଉଚ୍ଚ ବିପଦ ବର୍ଗରେ ରଖାଯାଇଛି । ତଥାପି ଏହି ପ୍ରସଙ୍ଗ ନୂଆ ନୁହେଁ । ୨୦୧୩ରେ କେଦାରନାଥ ବନ୍ୟା ପରେ ଏହି ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ହୋଇଗଲା ।

ଉତ୍ତରାଖଣ୍ଡ ଭୂମିକମ୍ପର ସବୁଠାରୁ ବିପଜ୍ଜନକ ଜୋନ୍ –୫ରେ ପଡ଼ିଥାଏ । ଏଠାରେ କମ୍ ତୀବ୍ରତାର ଭୂମିକମ୍ପ ଘଟୁଛି । ବର୍ଷା ସମୟରେ ହିମାଚଳ ଏବଂ ଉତ୍ତରାଖଣ୍ଡର ପାହାଡିଆ ଜିଲ୍ଲାଗୁଡ଼ିକରେ ଭୂସ୍ଖଳନ, ମେଘଫଟା ଏବଂ ବଜ୍ରପାତର ଘଟଣା ନିରନ୍ତର ରିପୋର୍ଟ କରାଯାଉଛି । ପର୍ବତ ଫାଟିବା ସହିତ ମୃଦୁ ଭୂମିକମ୍ପ ମଧ୍ୟ ଘଟୁଛି । ଗତ ସାତ ବର୍ଷ ମଧ୍ୟରେ ଉତ୍ତରାଖଣ୍ଡ ଏବଂ ହିମାଚଳରେ ୧୩୦ରୁ ଅଧିକ ଛୋଟ ଭୂମିକମ୍ପ ହୋଇଛି । ହିମାଚଳ ଏବଂ ଉତ୍ତରାଖଣ୍ଡରେ ଜଳବିଦ୍ୟୁତ ଏବଂ ରେଳ ପ୍ରକଳ୍ପ ବହୁତ କ୍ଷତି କରିଛି । ଟେହରିରେ ବନ୍ଧ ବନ୍ଦ କରିବା ପାଇଁ ଏକ ଲମ୍ବା ଅଭିଯାନ ଚାଲିଥିଲା । ପରିବେଶବିତ୍ ଏବଂ ଭୂତତ୍ତ୍ୱ ବିଜ୍ଞାନୀମାନେ ମଧ୍ୟ ଚେତାବନୀ ଦେଇ ଆସୁଛନ୍ତି ଯେ ଯଦି ଗଙ୍ଗା ଏବଂ ଏହାର ଶାଖା ନଦୀଗୁଡ଼ିକର ଅବିଚ୍ଛିନ୍ନ ପ୍ରବାହ ବାଧାପ୍ରାପ୍ତ ହୁଏ, ତେବେ କେବଳ ଗଙ୍ଗା ତା'ର ଅସ୍ତିତ୍ୱ ହରାଇବ ନାହିଁ ବରଂ ହିମାଳୟର ଅନ୍ୟ ନଦୀ ଏବଂ ଝରଣାର ଅସ୍ତିତ୍ୱ ମଧ୍ୟ ବିପଦରେ ପଡ଼ିପାରେ ।

**ନୟାଗଡ଼,**
**ମୋ–୯୪୩୭୬୪୨୯୪୭**

# ସୁଖର ଅନୁସନ୍ଧାନ



**ଡକ୍ଟର ଲକ୍ଷ୍ମଣ ସାହୁ**

ଗୌତମ ବୁଦ୍ଧଙ୍କ ବାଣୀ ହେଉଛି 'ଆପ୍ ଦୀପୋ ଭାବ' । ଏହାର ଅର୍ଥ ହେଉଛି ନିଜକୁ ଦୀପ ମନେକର । ସେହିପରି 'ନାନକ ନାମ ଗ୍ରାମ ଚଢ଼ୀ କଳା, ତେରେ ଭାନେ ସରଚତ ଯା ଭଲ' ବାକ୍ୟଟି ଶିଖ୍ ଦର୍ଶନକୁ ପରିମାର୍ଜିତ ଓ ଉଜ୍ଜ୍ୱଳ ଭାବ ପରିପ୍ରକାଶ କରିଥାଏ । ଏଥିରେ ଅନ୍ତର୍ଭୁକ୍ତ ପାଞ୍ଚଟି ଶବ୍ଦ 'ଚଢ଼ୀ କଳା'ର ଅର୍ଥ ହେଉଛି ନିଜକୁ ଜୟ କରିବା, ଉପରକୁ ଉଠିବା ବା ଉଚ୍ଚତାର ଶୀର୍ଷକ ଆଡ଼କୁ ଆଗେଇ ଯିବା । ଏହା ସକାରାତ୍ମକତା, ଆଶାବାଦ, ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ହେବା ଓ କଷ୍ଟରୁ ଉପରକୁ ଉଠିବାର ମାନସିକତାର ଏକ ଦୃଢ଼ ପ୍ରତୀକ । ଅନ୍ୟ ଶବ୍ଦରେ କହିଲେ ଏହାକୁ 'ଉଦୀୟମାନ ସୂର୍ଯ୍ୟ' ସହିତ ସମାନ ବୋଲି ତୁଳନା କୁହାଯାଇପାରେ ।

କୁହାଯାଏ ଯେ ଜୀବନରେ ଅସୁବିଧା ସତ୍ତ୍ୱେ, ଏକ ସକାରାତ୍ମକ ଓ ଆଶାବାଦୀ ମନୋଭାବ ବଜାୟ ରଖିବା ବା ଗ୍ରହଣ କରିବା ହିଁ ବିଜୟ ପତାକାକୁ ଉଚ୍ଚରେ ଉଡ଼ାଇଥାଏ । କେବଳ ଏତିକି ନୁହେଁ, ଏହି ସାଧାରଣ ଶବ୍ଦଗୁଡ଼ିକ ଜୀବନର ଉତ୍ଥାନ–ପତନକୁ ଗ୍ରହଣ କରିବା ଓ ସେଗୁଡ଼ିକୁ ଦୂର କରିବାର କ୍ଷମତାକୁ ମଧ୍ୟ ପରିଭାଷିତ କରେ । ଏଗୁଡ଼ିକ ଆତ୍ମବିଶ୍ୱାସ ସୃଷ୍ଟି କରନ୍ତି ଓ ଅସୁବିଧାର ସମ୍ମୁଖୀନ ହେବା ପାଇଁ ଜଣେ ବ୍ୟକ୍ତିକୁ ଶକ୍ତିଶାଳୀ କରେ ଓ ସମସ୍ତ ଅସୁବିଧାକୁ ଦୂର କରିବା ପାଇଁ ସାହସ ଦିଏ । ଏହା ସହିତ ଅନ୍ୟମାନଙ୍କଠାରୁ ସମର୍ଥନ ଓ ସାହାଯ୍ୟ ସଂଗ୍ରହ କରିବା ସହିତ କଷ୍ଟକର ସମୟରେ ସେମାନଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ ଠିଆ ହେବାର ମନୋଭାବକୁ ମଧ୍ୟ ଅଧିକ ମାତ୍ରାରେ ପ୍ରୋତ୍ସାହିତ କରେ ।

ଏକଥା ସତ୍ୟ ଯେ ପ୍ରତ୍ୟେକ ମଣିଷ ଭିତରେ ସ୍ୱତନ୍ତ୍ରତା ଲୁଚି ରହିଛି । ଏହାକୁ ପ୍ରଥମେ ଚିହ୍ନଟ କରିବା ଆବଶ୍ୟକ ରହିଛି । ଯାହା ଫଳରେ କିଛି କୌଶଳ ପ୍ରୟୋଗ କରିବା ଦ୍ୱାରା, ଜୀବନର ଶିଖରକୁ ଯିବାର ପଥ ଖୋଲିଯାଏ । ଥରେ ଜଣେ ବ୍ୟକ୍ତି ବଗିଚାରେ ତଦାରଖ କରୁଥିବା ମାଳିକୁ ପଚାରିଲେ ଯେ ତାଙ୍କ ବଗିଚାରେ ଗଛଗୁଡ଼ିକ ଏତେ ସୁନ୍ଦର ଭାବରେ କିପରି ବଢ଼ନ୍ତି ? ମାଳି ଉତ୍ତର ଦେଲେ, 'ମୁଁ ସେହି ଗଛଗୁଡ଼ିକୁ ବଢ଼ିବାକୁ ବାଧା ଦେଉଥିବା ପ୍ରତିକୂଳ ଅବସ୍ଥାଗୁଡ଼ିକୁ ପ୍ରଥମେ ଦୂର କରିଥାଏ, ଯାହା ଫଳରେ ଗଛଗୁଡ଼ିକ ଅତି ସୁନ୍ଦର ଭାବରେ ବଢ଼ିପାରେ' । ଅତଏବ ସେହିପରି, ପ୍ରତ୍ୟେକଙ୍କ ବିକାଶର ରାସ୍ତାରେ ଆସୁଥିବା ବାଧାଗୁଡ଼ିକୁ ଅଣଦେଖା କରି ଆଗକୁ ବଢ଼ିବା ଉଚିତ ।

ଉଦାହରଣ ସ୍ୱରୂପ, 'ମୁଁ ତୁମକୁ ପସନ୍ଦ କରେ' ଓ 'ମୁଁ ତୁମକୁ ଭଲ ପାଏ' ମଧ୍ୟରେ ଏକ ପାର୍ଥକ୍ୟ ଅଛି । ଗୌତମ ବୁଦ୍ଧ ତାଙ୍କର ଶିଷ୍ୟମାନଙ୍କୁ ବୁଝାଉଥିଲେ ଯେ ଯଦି ତୁମେ ଏକ ଫୁଲକୁ ପସନ୍ଦ କର, ତେବେ ତୁମେ ତାକୁ ଭାଙ୍ଗି ରଖିବାକୁ ଚାହିଁବ । କିନ୍ତୁ ଯଦି ତୁମେ ସେହି ଫୁଲକୁ ଭଲ ପାଅ, ତେବେ ତାକୁ ଭାଙ୍ଗିବା ପରିବର୍ତ୍ତେ, ତୁମେ ତାକୁ ପ୍ରତିଦିନ ପାଣି ଦେବାକୁ ଚେଷ୍ଟା କରିବ । ଯାହା ଦ୍ୱାରା ସେହି ଫୁଲଗଛ ଓ ତା' ଚାରିପାଖରେ ଥିବା ଅନ୍ୟ ଫୁଲଗଛଗୁଡ଼ିକରେ ଫୁଲ ଫୁଟି ରହିବ । ସମସ୍ତଙ୍କୁ ନିଜର ଓ ଅନ୍ୟମାନଙ୍କର ଉନ୍ନତି ପାଇଁ ସମାନ ପ୍ରୟାସ କରାଯିବା ଉଚିତ । ପ୍ରତ୍ୟେକ ଜୀବନରେ କିଛି ନା କିଛି ସମସ୍ୟା , ଅସୁବିଧା ରହିଛି । ତେଣୁ ସର୍ବଦା ସମସ୍ତଙ୍କୁ ଅନ୍ୟ କାହାର ଜୀବନରେ ସମସ୍ୟା ସୃଷ୍ଟି ନ କରିବା ପାଇଁ ଏକ ଆନ୍ତରିକ ପ୍ରୟାସ ଜାରି ରହିବା ଆବଶ୍ୟକ । ପ୍ରକୃତରେ ସାରା ଜୀବନ ଚାଲିବା ଓ କୌଣସି ସ୍ଥାନରେ ନ ପହଞ୍ଚିବାର ପରିସ୍ଥିତି ସେତେବେଳେ ଘଟେ ଯେତେବେଳେ ଚାଲୁଥିବା ବ୍ୟକ୍ତି ଜାଣି ନ ଥାଏ ଯେ ତାକୁ କେଉଁଠିକୁ ଯିବାକୁ ପଡିବ ।

ଏହା କ'ଣ ? ବିନା ଲକ୍ଷ୍ୟରେ ଆଗକୁ ବଢ଼ିବା ଠିକ୍ ନୁହେଁ । ସେଭଳି ନିଜର ଲକ୍ଷ୍ୟ ଓ କାର୍ଯ୍ୟଗୁଡ଼ିକୁ ଅପୂର୍ଣ୍ଣ ଛାଡିଦେବା ଦ୍ୱାରା କୌଣସି ନିର୍ଦ୍ଦିଷ୍ଟ ସ୍ଥାନକୁ ନେଇଯାଏ ନାହିଁ । କେବଳ ସମୟ ଅନୁସାରେ ଯେତେବେଳେ ଲକ୍ଷ୍ୟ ସ୍ଥିର କରି ତାହା ହାସଲ କରିବା ପାଇଁ କାମ କରାଯିବ ସେତେବେଳେ ଜୀବନ ଉଜ୍ଜ୍ୱଳ ହୋଇଯାଏ । ଏହା ପ୍ରକୃତ ଖୁସି ପାଇଁ ମଧ୍ୟ ପଥ ପ୍ରଶସ୍ତ କରେ । ଏକଦା ପୂର୍ବତନ ଆମେରିକା ରାଷ୍ଟ୍ରପତି ବାରାକ ଓବାମା ଅଷ୍ଟମ ଶ୍ରେଣୀରେ ସହପାଠୀମାନଙ୍କରେ ପରିପୂର୍ଣ୍ଣ ଏକ ଶ୍ରେଣୀ ସମ୍ମୁଖରେ ତାଙ୍କ ଶିକ୍ଷକଙ୍କୁ କହିଥିଲେ ଯେ ସେ ବଡ଼ ହୋଇ ଆମେରିକାର ରାଷ୍ଟ୍ରପତି ହେବାକୁ ଚାହାଁନ୍ତି । ସେ କେବଳ ଏହା କହି ନଥିଲେ, ବରଂ ତାଙ୍କ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରତ୍ୟେକ ପରିସ୍ଥିତିକୁ ଧୈର୍ଯ୍ୟ ଓ ସାହସର ସହିତ ସାମ୍ନାକରି କାମ କରିବା ମଧ୍ୟ ଆରମ୍ଭ କରିଥିଲେ ।

ଫଳସ୍ୱରୂପ ସେ ପଚାଶ ବର୍ଷରୁ କମ୍ ବୟସରେ ଆମେରିକାର ରାଷ୍ଟ୍ରପତି ହୋଇଥିଲେ । ଯେହେତୁ ଦକ୍ଷତା କାମରୁ ଜନ୍ମ ହୁଏ, ସେଥିପାଇଁ ଅଧିକାଂଶ ବିଦ୍ୟାଳୟର ପ୍ରାଥମିକ ଶ୍ରେଣୀରୁ ମାଧ୍ୟମିକ ଶ୍ରେଣୀ ପର୍ଯ୍ୟନ୍ତ, ଭାଷା, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ ଇତ୍ୟାଦି ବିଷୟ ଅଧ୍ୟୟନ ସହିତ, କ୍ରୀଡା, ନୃତ୍ୟ, ସଙ୍ଗୀତ ଭଳି ବିଭିନ୍ନ କଳାକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ଯାହା ଦ୍ୱାରା ପିଲାମାନେ ଛୋଟ ବୟସରୁ ନିଜ ଆଗ୍ରହ ଅନୁସାରେ ଲକ୍ଷ୍ୟ ସ୍ଥିର କରି ଆଗକୁ ବଢ଼ିପାରିବେ ।

ତଥାପି ପୁରୁଣା ଚଳଚ୍ଚିତ୍ର ଯୁଗର ପ୍ରସିଦ୍ଧ ଖଳନାୟକ ଅଜିତ ବିଶ୍ୱାସ କରୁଥିଲେ ଯେ ସ୍ୱଚ୍ଛ ଉଦ୍ଦେଶ୍ୟ ରଖିବା ହିଁ ଏକମାତ୍ର ଉପାୟ । ତାଙ୍କ ମତରେ ଅଭିନୟରେ କମ୍ ବା ଅଧିକ ଗ୍ରହଣୀୟ, କିନ୍ତୁ ଜଣେ ମଣିଷ ଭାବରେ ସମସ୍ତଙ୍କ ସ୍ୱଭାବ ସର୍ବଦା ୧୦ ପ୍ରତିଶତ ଅଧିକ ହେବା ଉଚିତ । ପ୍ରତ୍ୟେକ କ୍ଷେତ୍ରରେ, କେବଳ ସେହି ବ୍ୟକ୍ତି ଦୀର୍ଘ ସମୟ ପାଇଁ ସଫଳ ହୁଏ, ଯିଏ ଜଣେ ଭଲ ମଣିଷ ମଧ୍ୟ ହେବାକୁ ଚେଷ୍ଟା ରଖେ । ଆମେ ଯେଉଁ ପ୍ରକାରର ଚିନ୍ତାଧାରା ନେଇ ମତପୋଷଣ କରୁ, ତାହାର ସଫଳତା ଦିଗରେ ନିଜକୁ ଆଗେଇ ନେଉ ।

'ଓଶୋ' ପ୍ରାୟତଃ କହୁଥିଲେ ଯେ 'ଯେତେବେଳେ ଆମର ଜନ୍ମ ଆମ ଇଚ୍ଛା ଅନୁସାରେ ହୁଏ ନାହିଁ ଓ ଆମର ମୃତ୍ୟୁ ମଧ୍ୟ ଆମ ଇଚ୍ଛା ଅନୁସାରେ ହୁଏ ନାହିଁ, ତେବେ ଜନ୍ମ ଓ ମୃତ୍ୟୁ ମଧ୍ୟରେ ଘଟୁଥିବା ଘଟଣାଗୁଡ଼ିକର ସମ୍ପୂର୍ଣ୍ଣ କ୍ରମ କିପରି ଆମ ଇଚ୍ଛା ଅନୁସାରେ ହୋଇପାରେ ?'

ଏହି ଦୃଷ୍ଟିରୁ ଚିନ୍ତା କଲେ ପ୍ରତ୍ୟେକଙ୍କ ପାଖରେ ଏକାକୀ ନିଜର କଷ୍ଟକୁ ସାମ୍ନା କରିବା ପାଇଁ ଯଥେଷ୍ଟ ଶକ୍ତି ରହିବା ଉଚିତ । ପ୍ରତ୍ୟେକ ସମସ୍ୟାକୁ ସାମ୍ନା କରିବା ପାଇଁ ସାହସ କରିବା ଆବଶ୍ୟକ । ପାର୍ସୀ ଓ ସୁଫି କବି ରୁମି ବିଶ୍ୱାସ କରନ୍ତି, 'ସୁନ୍ଦର ଦିନଗୁଡ଼ିକ ଆପଣଙ୍କ ପାଖକୁ ଆପେ ଆପେ ଆସେ ନାହିଁ । ନିଜେ ଆପଣଙ୍କୁ ସେଗୁଡ଼ିକ ପାଖରେ ପହଞ୍ଚିବାକୁ ପଡିବ ।' ନିଶ୍ଚିତ ଭାବରେ, ଜଣେ ଶୀଘ୍ର ପାଇଯିବା ଉଚିତ ନୁହେଁ, କାରଣ ଯାହା ସୁନ୍ଦର ଓ ମହାନ ତାହା ଧୀରେ ଧୀରେ ସମୟ ନେଇଥାଏ ।

ତେଣୁ ଜଣେ କେବଳ ନିଜ କାମକୁ ଉନ୍ନତ କରି ଚାଲିବା ଉଚିତ । ସ୍ୱକୀୟ କାମରେ ଗୁଣବତ୍ତା ବୃଦ୍ଧି କରିବା ସହିତ, ଜଣେ ଅଧିକ କାମ କରିବାର ସୁଯୋଗ ପାଏ, ତେବେ ଜଣେ ଏହାକୁ ଅଧିକ ଖୁସିର ସହିତ ଗ୍ରହଣ କରିବା ଉଚିତ । ଜଣେ ଦାୟିତ୍ୱବାନ ଓ ପରିଶ୍ରମୀ ବ୍ୟକ୍ତି ଅଳସୁଆ ଲୋକଙ୍କ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଅଳସୁଆ ବ୍ୟତୀତ ଲୋକଙ୍କ ଅପେକ୍ଷା ଭଲ ହେବା ଆବଶ୍ୟକ । ଏହା ବ୍ୟତୀତ, ଜଣଙ୍କ ଜୀବନରେ କେବଳ ଭଲ ଦିନ ଆସେ ନାହିଁ । ତେଣୁ ନିଜେ ନିଜର କଠିନ ପରିଶ୍ରମ ଦ୍ୱାରା ଖରାପ ଦିନଗୁଡ଼ିକୁ ମଧ୍ୟ ଭଲ ଦିନରେ ପରିଣତ କରାଯାଇପାରିବ । ଏହା ମଧ୍ୟ ସତ୍ୟ ଯେ ସମସ୍ତଙ୍କ ଦିନ ନିଶ୍ଚିତ ଭାବରେ କୌଣସି ନା କୌଣସି ସମୟରେ ପରିବର୍ତ୍ତନ ହେବ । ସେଥିପାଇଁ କେବଳ ଧୈର୍ଯ୍ୟର ସହିତ ଅପେକ୍ଷା କରିବା ଉଚିତ ...!!!

**ଅଧ୍ୟକ୍ଷ , ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ –୪ ,**
**ମୋ– ୯୦୪୦୧୫୧୪୭୫**

# ଭଗବତ ଗୀତାର ମହତ ବାଣୀ

**ସନ୍ତୋଷ କୁମାର ଦାଶ**

ମାନବ ଜାତିର ଉନ୍ନତିକଳ୍ପେ ଭଗବାନ ଶ୍ରୀକୃଷ୍ଣ ଭିନ୍ନ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେଇ ଲୀଳା କରି ଥିଲେ । ମହାଭାରତ ଯୁଦ୍ଧକୁ ଏଡେଇବା ପାଇଁ ଶାନ୍ତିର ବାର୍ତ୍ତାନେଇ ଦୁର୍ଯ୍ୟୋଧନଙ୍କ ନିକଟକୁ ଗମନ କରିଥିଲେ ।

ଏଠାରେ ପଂରବ୍ରହ୍ମ ଶ୍ରୀକୃଷ୍ଣ ଶାନ୍ତିଦୂତର ଭୂମିକା ନିଭାଇ ଥିଲେ । ମହାଭାରତ ଯୁଦ୍ଧ କ୍ଷେତ୍ରରେ ଅର୍ଜୁନଙ୍କ ରଥର ସାରଥୀ ହୋଇ ରଥକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ଯୁଦ୍ଧର ପ୍ରାରମ୍ଭରେ ସମ୍ମୁଖରେ ନିଜର ଜ୍ଞାତି କୁଟୁମ୍ବମାନଙ୍କୁ ଅବଲୋକନ କରି ଅର୍ଜୁନଙ୍କ ମନରେ ବିଷାଦ ଆସିଥିଲା ଓ ସେ ଯୁଦ୍ଧ ନକରିବା ପାଇଁ ଶ୍ରୀକୃଷ୍ଣଙ୍କୁ ମନା କରି ଦେଇଥିଲେ ।

ସେଠାରେ ଭଗବାନ ଗୁରୁ ରୂପରେ ଅବତୀର୍ଣ୍ଣ ହୋଇ ଅର୍ଜୁନଙ୍କୁ 'ଗୀତାଜ୍ଞାନ' ପ୍ରଦାନ କରି ବା ପାଇଁ ପରାମର୍ଶ ଦେଇଥିଲେ । ଧର୍ମସ୍ଥାପନ ପାଇଁ ଯୁଦ୍ଧ କରିବା ଲାଗି ତାଙ୍କୁ (ଅର୍ଜୁନ)ଙ୍କୁ ମନେଇବାରେ ଶ୍ରୀକୃଷ୍ଣ ସକ୍ଷମ ହୋଇପାରିଥିଲେ । କୂଟନୀତି ପ୍ରୟୋଗ କରି ପାଣ୍ଡବଙ୍କୁ ମହାଭାରତ ଯୁଦ୍ଧରେ ବିଜୟୀ କରାଇବାରେ ସହାୟକ ହୋଇଥିଲେ ।

ଏଠାରେ ତାଙ୍କୁ ବିଚକ୍ଷଣ କୂଟନୀତିଜ୍ଞର ମାନ୍ୟତା ଦିଆଯାଏ । ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କୁ ନିମିତ୍ତ ମାତ୍ର କରି ମାନବ ସମାଜକୁ ଯେଉଁ ସାଂଖ୍ୟଯୋଗ, କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ ଶିକ୍ଷାପ୍ରଦାନ କରିଛନ୍ତି, ତାହାକୁ ପାଥେୟ କରି ବିଷୟାସକ୍ତ ଅଜ୍ଞାନ ଜୀବ ନିଜର ସାଧାରଣ ଜୀବନରେ ବାସ୍ତବ ସମସ୍ୟାକୁ ଉପଲବ୍ଧି କରି ନିଜକୁ ଉଦ୍ଧାର କରୁଛନ୍ତି ।

ଏହା 'ଭଗବତ ଗୀତା' ନାମରେ ବିଶ୍ୱବିଖ୍ୟାତ । ଭଗବତ ଗୀତା ବିଶ୍ୱ ସାହିତ୍ୟ ଭଣ୍ଡାରରେ ଏକ ଅନନ୍ୟ ସ୍ଥାନ ଅଧିକାର କରିଛି । ଏଥିରେ ରଚିତ ହୋଇଥିବା ଭଗବାନ ଶ୍ରୀକୃଷ୍ଣଙ୍କର ମୁଖନିଃସୃତ ବାଣୀ ଦିବ୍ୟ ଓ ସନାତନ । ଭଗବାନ ଶ୍ରୀକୃଷ୍ଣଙ୍କ ମୁଖ ନିଃସୃତ ବାଣୀ ଭଗବତ ଗୀତା ମନୁଷ୍ୟକୁ କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗର ଶିକ୍ଷା ପ୍ରଦାନ କରି ଏହି ମୋହମାୟା ପୂର୍ଣ୍ଣ ସଂସାରରୁ ମୁକ୍ତି ବା ନିର୍ବାଣ ପ୍ରଦାନ କରିବାର ପଥ ପ୍ରଦର୍ଶନ କରିଥାଏ । ତେଣୁ ଏହି ଗୀତାକୁ ସମସ୍ତେ ପଠନ କରିବାର ଆବଶ୍ୟକତା ରହିଛି । ସେ ନେଇ ଆମ ଓଡ଼ିଆରେ ଏକ ଢଗ ରହିଛି ଯେ, 'ରୁଚୁ ନ ରୁଚୁ ଖା ପିତା.. ବୁଝ ନ ବୁଝ ପଢ଼ ଗୀତା' ।

**ତୁଳସୀପୁର, ପୁରୀ**
**ମୋ–୯୪୩୯୩୬୧୮୮୮**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଟିଇଟି...

ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି; କିନ୍ତୁ କେଉଁ କାରଣରୁ ସ୍ଥଗିତ ରଖାଯାଇଛି, ତାହା ସ୍ପଷ୍ଟ କରାଯାଉନାହିଁ । ପୂର୍ବରୁ ମାନବ ସମ୍ବଳ ଅଭାବରୁ ଏହାକୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଥିବା ବୋର୍ଡ କର୍ତ୍ତୃପକ୍ଷ କହିଥିଲେ; ହେଲେ ଏବେ ବୋର୍ଡର ନୂତନ ଉପସଭାପତି ଏବଂ ପରୀକ୍ଷା ନିୟନ୍ତ୍ରକ ଆଦି ପଦ ସରକାର ପୂରଣ କରିଛନ୍ତି ତେଣୁ ପରୀକ୍ଷା ପରିଚାଳନା ପାଇଁ ମାନବ ସମ୍ବଳର କୌଣସି ଅସୁବିଧା ନାହିଁ । ଅନ୍ୟପକ୍ଷରେ ସ୍ୱତନ୍ତ୍ର ଓଟିଇଟି ପାଇଁ ୩ଟି ପ୍ରଶ୍ନପତ୍ର ସେଟ୍ ପ୍ରସ୍ତୁତ ହୋଇଥିଲା । ସେଥିରୁ ଗୋଟିଏ ସେଟ୍ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଜଣାପଡ଼ିଥିଲା । ଯେଉଁଥି ପାଇଁ ବୋର୍ଡ ଅବଶିଷ୍ଟ ବଳକା ଥିବା ଦୁଇ ସେଟ୍ ମଧ୍ୟରୁ ଗୋଟିଏ ସେଟ୍‌ରୁ ପରୀକ୍ଷା କରିବ ବୋଲି ସ୍ଥିର ହୋଇଥିଲା । ତାହା କରାଯାଉ ନଥିବାବେଳେ ଓଟିଇଟି କେଳେଙ୍କାରୀରେ ସବୁ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ସନ୍ଦେହ କରାଯାଉଛି ।

## ଉପରାଷ୍ଟ୍ରପତି...

ତୀର୍ଚ୍ଛି ଶିଭା, ଶିବସେନା (ୟୁବିଟି)ର ସାଂସଦ ସଞ୍ଜୟ ରାଉତ ଓ ବିରୋଧୀ ମେଣ୍ଟର ଅନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

ନାମାଙ୍କନ ପୂର୍ବରୁ ଶ୍ରୀ ରେଡ୍ଡୀ ସାମାଜିକ ସଂସ୍କାରକ ଜ୍ୟୋତିବା ଫୁଲେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାପରେ ସଂସଦ ପରିସରରେ ସେ ନାମାଙ୍କନ ଦାଖଲ କରିଥିଲେ । ସେପ୍ଟେମ୍ବର ୯ ରେ ଉପରାଷ୍ଟ୍ରପତି ପାଇଁ ନିର୍ବାଚନ ହେବ । ଆଜି ନାମାଙ୍କନ ଦାଖଲ କରିବାର ଶେଷ ଦିନ ଥିଲା ଓ ୨୫ ତାରିଖ ସୁଦ୍ଧା ନାମାଙ୍କନ ପ୍ରତ୍ୟାହାର କରାଯାଇପାରିବ । ଉପରାଷ୍ଟ୍ରପତି ପଦବୀରୁ ଜଗଦୀପ ଧନଖଡ ଜୁଲାଇ ୨୧ରେ ଇସ୍ତଫା ଦେବାପରେ ଏହି ପଦବୀ ଖାଲି ପଡିଛି ।

## ପ୍ରଧାନମନ୍ତ୍ରୀ...

କର୍ମକର୍ତ୍ତା ଓ ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧିମାନେ ହଜାର ହଜାର ସଂଖ୍ୟାରେ ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଓ ଧନ୍ୟବାଦ ଅର୍ପଣ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କର ଓଡ଼ିଶା, ବିଶେଷକରି କେନ୍ଦୁଝର ଜିଲ୍ଲାକୁ ଏହି ଅମୂଲ୍ୟ ଉପହାର ପାଇଁ ମଧ୍ୟ କୃତଜ୍ଞତା ଜ୍ଞାପନ କରିଛନ୍ତି ଜିଲ୍ଲାବାସୀ ।

କେନ୍ଦୁଝର ଜିଲ୍ଲାବାସୀଙ୍କ ସହିତ ପାଟଣା ବିଧାୟକ ଅଖିଳ ନାୟକ ଏବଂ ତେଲକୋଇ ବିଧାୟକ ଡ. ଫକୀର ନାୟକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ପ୍ରତ୍ୟୁତ୍ତରରେ ଧନ୍ୟବାଦ ଦେଇ କହିଥିଲେ ଯେ, ଖଣିବହୁଳ କେନ୍ଦୁଝର ଜିଲ୍ଲା ସମୃଦ୍ଧ ହେଲେ ଓଡ଼ିଶା ସମୃଦ୍ଧ ହେବ । ଇସ୍ପାତ କାରଖାନା ଦାବୀ ଜିଲ୍ଲାବାସୀଙ୍କର ସବୁଠୁ ପୁରୁଣା ଓ ବଡ଼ ଦାବୀ ଥିଲା । ପୂର୍ବରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦେଶର ଖଣିବହୁଳ ରାଜ୍ୟରେ ଚାରୋଟି ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଘୋଷଣା କରିଥିଲେ । ତିନୋଟି ଇସ୍ପାତ କାରଖାନା ପ୍ରତିଷ୍ଠା ସରିଛି କିନ୍ତୁ ଇଚ୍ଛାଶକ୍ତିର ଅଭାବରୁ ଓଡ଼ିଶା ଏଥିରୁ ବଞ୍ଚିତ ଥିଲା । ଡବଲ ଇଞ୍ଜିନ ସରକାରଙ୍କ ଯୋଗୁଁ ଆଜି ବିଶ୍ୱର ବୃହତ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ପକ୍ଷରୁ ଏହା ସ୍ଥାପନ ହେବାକୁ ଯାଉଛି । ଏହି ଇସ୍ପାତ କାରଖାନା କେନ୍ଦୁଝର ଜିଲ୍ଲା ଓ ସମୃଦ୍ଧ ଓଡ଼ିଶାର ଭବିଷ୍ୟତ ନିର୍ମାଣ କରିବ । ଆଗାମୀ ଦିନରେ ପାଟଣା ଅଞ୍ଚଳ ମଧ୍ୟ ରାଉରକେଲା ଭଳି ଏକ ଅତ୍ୟାଧୁନିକ ସହରରେ ପରିଣତ ହେବ ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଡବଲ ଇଞ୍ଜିନ ସରକାରରେ କେବଳ କେନ୍ଦୁଝରରେ ନୁହେଁ ସମଗ୍ର ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ ହେବ । ଓଡ଼ିଶା ପାଇଁ ଅନେକ ବଡ ବଡ ପ୍ରକଳ୍ପ କେନ୍ଦ୍ର ସରକାର ମଞ୍ଜୁର କରୁଛନ୍ତି । ଶେଷରେ ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥ, ମା ତାରିଣୀ ଏବଂ ପ୍ରଭୁ ବଳଦେବ ଜୀଉଙ୍କ ଆଶିର୍ବାଦରୁ ଆଜି ଜିଲ୍ଲାରେ ବୃହତ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି । ଏହା ମାଧ୍ୟମରେ କେନ୍ଦୁଝର ଜିଲ୍ଲା ସହିତ ସମଗ୍ର ରାଜ୍ୟର ବିକାଶ ହେବ । ତେଣୁ ଏଥିପାଇଁ ଜିଲ୍ଲାବାସୀ ବିଶେଷକରି, ପାଟଣା ଅଞ୍ଚଳବାସୀ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ ।

## ୨୭ ଜିଲ୍ଲାରେ...

ସେଥିପାଇଁ କେନ୍ଦ୍ର ସରକାର ମତ୍ସ୍ୟ ସମ୍ପଦର ବିକାଶକୁ ଅଧିକ ପ୍ରାଥମିକତା ଦେଉଥିବା ବେଳେ ରାଜ୍ୟ ସରକାର ମତ୍ସ୍ୟ ସମ୍ପଦର ବିକାଶ କରିବା ପାଇଁ ବିଭିନ୍ନ ପଦକ୍ଷେପ ତଥା ଅନେକ ଯୋଜନା ପ୍ରଣୟନ କରିଛନ୍ତି ।

ଏହି ଯୋଜନା ଗୁଡ଼ିକୁ ତୃଣମୂଳସ୍ତରରେ କାର୍ଯ୍ୟକ୍ଷମ କରିବାରେ ସାଧାରଣତଃ ଜିଲ୍ଲା ମତ୍ସ୍ୟ ଅଧିକାରୀମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ପରିତାପର ବିଷୟ ଯେ ୨୭ଟି ଜିଲ୍ଲା ଦୀର୍ଘ ୫ବର୍ଷ ଧରି ବିନା ଡ଼ିଏଫ୍‌ଓ ବା ଜିଲ୍ଲା ମତ୍ସ୍ୟ ଅଧିକାରୀରେ ପରିଚାଳିତ ହେଉଛି । ନାହିଁ ନାହିଁର ସ୍ଥିତିରେ ଚାଲିଛି ସମସ୍ତ ଜିଲ୍ଲାର ମତ୍ସ୍ୟ ବିଭାଗ ।

ମତ୍ସ୍ୟ ବିଭାଗର ଏପରି ସ୍ଥାଣୁତା ତଥା ଟାଳଟୁଳ ନୀତି ରାଜ୍ୟର ଅଗଣିତ ମତ୍ସ୍ୟଜୀବୀ ତଥା ମତ୍ସ୍ୟଚାଷକୁ ଭରସା କରିଥିବା ଉଦ୍ୟମୀ ଯୁବାବର୍ଗଙ୍କୁ ଚକିତ କରିଛି । ଏଥିପ୍ରତି ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବା ସହ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ବୁଦ୍ଧିଜୀବୀ ତଥା ପ୍ରଗତିଶୀଳ ମତ୍ସ୍ୟଜୀବୀମାନେ ଦାବି କରିଛନ୍ତି ।

## ଆଇପିଏସ୍...

ସୁରେନ୍ଦ୍ର ନାଥ ରାୟଗୁରୁଙ୍କୁ ଏସ୍‌ପି କଟକ ମୁଖ୍ୟାଳୟ, ଆନନ୍ଦ ବର୍ଦ୍ଧନ ଗୁରୁଙ୍କୁ ଏସ୍‌ପି କଟକ ମୁଖ୍ୟାଳୟ, ତପନ ନାରାୟଣ ରଥଙ୍କୁ ଏଆଇଜି, ପୋଲିସ ଓ ଏସ୍‌ପି ମୁଖ୍ୟାଳୟ, ସତ୍ୟବାନ ମହାନନ୍ଦଙ୍କୁ ଭିଜିଲାନ୍ସ ଏସ୍‌ପି, ଦେବାଶିଷ ଧଳଙ୍କୁ ସ୍ପେଶାଲବ୍ରାଞ୍ଚ ଏସ୍‌ପି, ପ୍ରଭାଶଙ୍କର ନାୟକଙ୍କୁ ଏସ୍‌ପି କଟକ ମୁଖ୍ୟାଳୟ, ଦେବଦତ୍ତ କରଙ୍କୁ କଟକ ମୁଖ୍ୟାଳୟ ଏସ୍‌ପି, ସତ୍ୟଜିତ୍ ମିଶ୍ରଙ୍କୁ ମେରାଇନ୍ ପୋଲିସ ଓ ଉପକୂଳ ସୁରକ୍ଷା ଏଆଇଜି ଭାବେ ବଦଳି କରାଯାଇଛି ।

## ଅନିର୍ଦ୍ଦିଷ୍ଟକାଳ...

ବିଆର ଗୋଭାଇ, ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ବିକ୍ରମ ନାଥ, ପିଏସ୍ ନରସିମ୍ହା ଓ ଅତୁଲ ଏସ୍ ଚନ୍ଦୁରୁକରଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପକ୍ଷରୁ ଧାରା ୧୪୩କୁ ଆଧାର କରି ଯେଉଁ ରେଫରେନ୍ସ ଦେଇଥିଲେ ତାହାର ଶୁଣାଣି କରୁଛନ୍ତି । ରାଜ୍ୟପାଳ ଯଦି ଠିକ୍ ଭାବେ କାର୍ଯ୍ୟ କରିବେ ଏବଂ ବର୍ଷ ବର୍ଷ ଧରି କୌଣସି ବିଲ୍‌କୁ ସ୍ଥଗିତ ନ ରଖିବେ ତେବେ କୋର୍ଟ ସମୀକ୍ଷାର କିଛି ଆବଶ୍ୟକତା ନାହିଁ । ସାମ୍ବିଧାନିକ ସଂଶୋଧନର ଆବଶ୍ୟକତା ମଧ୍ୟ ପଡିବ ନାହିଁ । ସଲିସେଟର ଜେନେରାଲ ତୁଷାର ମେହେଟ୍ଟା କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି ବାଢ଼ିଥିଲେ । ତେବେ ପ୍ରଧାନ ବିଚାରପତି କହିଥିଲେ ଯେ ଆପଣ କହିବାକୁ ଚାହୁଁଛନ୍ତି ଯେ ସର୍ବୋଚ୍ଚ ସାମ୍ବିଧାନିକ କର୍ତ୍ତୃପକ୍ଷ କାର୍ଯ୍ୟ କରିବେ ନାହିଁ, ତାହେଲେ କୋର୍ଟ କ୍ଷମତାଶୂନ୍ୟ ହୋଇଯିବ । ଶ୍ରୀ ମେହେଟ୍ଟା କହିଥିଲେ ଯେ ଏଭଳି କିଛି ସମସ୍ୟା ଅଛି ଯାହା ବିଚାର ବିଭାଗ ବ୍ୟବସ୍ଥା ଦ୍ୱାରା ସମାଧାନ ହୋଇପାରିବ ନାହିଁ । ଏହା ରାଜନୈତିକ ଓ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସମାଧାନ ହେବ । ଏହାପରେ ସିଜେଆଇ କହିଥିଲେ ଯେ ଯଦି ରାଜ୍ୟପାଳ କାହା ପାଖରେ ଉତ୍ତର ଦେବେନାହିଁ ତେବେ କ'ଣ ହେବ । ତୁଷାର ମେହେଟ୍ଟା କହିଥିଲେ ଯେ ମୁଖ୍ୟମନ୍ତ୍ରୀ, ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀଙ୍କ ପାଖକୁ ଯାଇପାରିବେ ।

## ଘୋଷଣା...

ଖାଲି ସବୁ ଛୋଟ ଛୋଟ ସହରକୁ ଏନଏସି ପାଇଁ ଦାବି କଲେ ହେବନି । ଏଥିପାଇଁ କିଛିଟା ନିୟମ ଏବଂ ମାପକାଠି ରହିଛି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ।

ଉଲ୍ଲେଖଯୋଗ୍ୟ, ଗତ ୧୬ ତାରିଖରେ ରାଜ୍ୟର ୧୨ ନୂଆ ଏନଏସି ନାମ ଘୋଷଣା କରିଥିଲେ ରାଜ୍ୟ ସରକାର । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିରେ ପାଲଲହଡା, ବୀରମହାରାଜପୁର, ସିମୁଳିଆ, ବସ୍ତା, ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡା, ବିଷମକଟକ, ବାମରା, ରେଙ୍ଗାଲି, ତିହିଡି ଓ ଧୁଷୁରୀ ନାଁ ସାମିଲ ଥିଲା । ଏହାପରେ ବିଭିନ୍ନ ସ୍ଥାନରେ ଏନଏସି ମାନ୍ୟତା ପାଇଁ ଦାବି ଜୋରଦାର ହୋଇଛି ।

## ସରିଲା...

କ୍ଷୋଭ ପ୍ରକାଶ କରିଛନ୍ତି । ସବୁ ରାଜନୈତିକ ଦଳର ସଦସ୍ୟମାନଙ୍କୁ ସଦନରେ କହିବା ଲାଗି ପର୍ଯ୍ୟାପ୍ତ ସୁଯୋଗ ଦିଆଯାଇଥଲା । ଗମ୍ଭୀର ଓ ଅର୍ଥପୂର୍ଣ୍ଣ ଆଲୋଚନା ଆଗକୁ ବଢିବା ଦରକାର । ସଦନ ଓ ସଂସଦ ପରିସରରେ ସଦସ୍ୟଙ୍କ ଭାଷା ସର୍ବଦା ଶାଳୀନ ହେବା ଦରକାର ବୋଲି ସେ କହିଛନ୍ତି । ରାଜ୍ୟସଭାରେ ଆଜି ଅବସର ନେଇଥିବା ୬ ସଦସ୍ୟଙ୍କୁ ଫ୍ୟାରୱେଲ ଦିଆଯାଇଛି । ଏଥର ମୌସୁମୀ ଅଧିବେଶନରେ ଉଲ୍ଲେଖନୀୟ ଘଟଣା ହୋଇଥିଲା ଯେ ଅଧିବେଶନର ପ୍ରଥମ ଦିନରେ ଉପରାଷ୍ଟ୍ରପତି ପଦବୀରୁ ଜଗଦୀପ ଧନଖଡ ଅଚାନକ ଇସ୍ତଫା ଦେଇଥିଲେ ।

# ଗଞ୍ଜାମରେ ଏକାଧିକ ନୂତନ କାର୍ଯ୍ୟାଳୟ ସହ ଧନ୍ଦାମୂଳକ ତାଲିମ କେନ୍ଦ୍ର ଉଦ୍‌ଘାଟନ କଲା ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର,(ସବ୍ୟୁ) : ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ( ଟାଟା ପାଓ୍ୱାର ଓ ଓଡ଼ିଶା ସରକାରଙ୍କର ଯୌଥ ଉଦ୍ୟୋଗ) ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ଦୁଇଟି ନୂଆ ଅଫିସ ଓ ଗୋଟିଏ ଧନ୍ଦାମୂଳକ ତାଲିମ କେନ୍ଦ୍ର ଉଦଘାଟିତ ହୋଇଛି । ଆସିକାର ତାଲୁକା ରୋଡଠାରେ ନୂଆ ଡିଭିଜନ ଅଫିସ, ନୂଆଗାଁଠାରେ ନୂତନ ସେକ୍ସନ ଅଫିସ ଓ ସମରଝୋଳଠାରେ ଧନ୍ଦାମୂଳକ ତାଲିମ କେନ୍ଦ୍ର ପ୍ରତିଷ୍ଠା ହୋଇଛି ।ଆସିକା ଇଲେକଟ୍ରିକାଲ ଡିଭିଜନ(୧)ର ନୂତନ ଅଫିସ ଆସିକା ଓ ଏହାର ଆଖପାଖ ଅଞ୍ଚଳର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଣରେ ସହାୟକ ହେବା ସହ ସମୟସାପେକ୍ଷ ସେବା ଯୋଗାଇପାରିବ । ଏହି ଅଫିସରେ ସମସ୍ତ ମୌଳିକ ସୁବିଧା ଉପଲବ୍ଧ ରହିଛି । ଏହାସହ ଉପଭୋକ୍ତା ନିମନ୍ତେ ବସିବା ସୁବିଧା ଓ କ୍ୟାସ କାଉଣ୍ଟରର ବ୍ୟବସ୍ଥା ହୋଇଛି, ଯାହା ସହଜ ଓ ଉପଭୋକ୍ତା ଅନୁକୂଳ ସେବା ପ୍ରଦାନରେ ସକ୍ଷମ ହେବ ।ସେହିଭଳି ସମରଝୋଳଠାରେ ଧନ୍ଦାମୂଳକ ତାଲିମ କେନ୍ଦ୍ର ପ୍ରତିଷ୍ଠା କରି ଗୋଷ୍ଠୀ ବିକାଶ କ୍ଷେତ୍ରରେ କମ୍ପାନୀ ନିଜର ପ୍ରତିବଦ୍ଧତାକୁ ଦର୍ଶାଇଛି । ଏହି କେନ୍ଦ୍ର ସ୍ଥାନୀୟ ଯୁବକମାନଙ୍କୁ ବ୍ୟାବହାରିକ ଓ ଶିଳ୍ପଭିତ୍ତିକ ଓ୍ୱେଲ୍ଡିଂ ପ୍ରଶିକ୍ଷଣ ପ୍ରଦାନ କରିବ । ତାଲିମ ପ୍ରଦାନ ପରେ ସେମାନଙ୍କୁ ଦକ୍ଷତା ମାନପତ୍ର ଓ ନିଯୁକ୍ତି କ୍ଷେତ୍ର ଯୋଗାଇ ଦିଆଯିବ । ପ୍ରଶିକ୍ଷଣକୁ ନିଯୁକ୍ତି ସହ ଯୋଡ଼ି ଟିପିଏସଓଡିଏଲ ସ୍ଥାନୀୟ ଯୁବକ ଓ ସେମାନଙ୍କ ପରିବାରର ସାମାଜିକ ତଥା ଅର୍ଥନୈତିକ ପ୍ରଗତିରେ ସହାୟକ ହେଉଛି ।ଅନ୍ୟପକ୍ଷରେ ଟିପିଏସଓଡିଏଲ ପକ୍ଷରୁ ଆସିକା ଅନ୍ତର୍ଗତ ନୂଆଗାଁ ଇଲେକଟ୍ରିକାଲ ସେକ୍ସନ-୧ ର ନୂତନ ଅଫିସ ଉଦଘାଟିତ ହୋଇଛି । ଏହି ନୂତନ ଭିତ୍ତିଭୂମି କର୍ମଚାରୀମାନଙ୍କୁ ଉନ୍ନତ କାର୍ଯ୍ୟକ୍ଷେତ୍ର ଯୋଗାଇଦେବା ସହ ଉପଭୋକ୍ତା ସେବାକୁ ସୁଦୃଢ଼ କରିବ ।ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ ଏସମ୍ପର୍କରେ କହିଛନ୍ତି ଯେ, ନୂତନ ଭିତ୍ତିଭୂମି ଓ ତାଲିମ କେନ୍ଦ୍ରର ନିର୍ମାଣ ଉପଭୋକ୍ତା ସେବାରେ ଉନ୍ନତି ଆଣିବା ସହ ସ୍ଥାନୀୟ ସଂପ୍ରଦାୟକୁ ଅଧିକ ସଶକ୍ତ କରିବ । ଆସିକା ଓ ନୂଆଗାଁରେ ନୂତନ କାର୍ଯ୍ୟାଳୟ ସେବା ଯୋଗାଣ କ୍ଷେତ୍ରକୁ ଅଧିକ ବଳ ଯୋଗାଇବା ସହ ସମରଝୋଳରେ ନୂଆ ତାଲିମ କେନ୍ଦ୍ର ସ୍ଥାନୀୟ ଯୁବକମାନଙ୍କ ପାଇଁ ନିଯୁକ୍ତି ଓ ଦକ୍ଷତା ବିକାଶର ସୁଯୋଗ ଆଣିବ । ଆମର ଏହି ପଦକ୍ଷେପ ଦକ୍ଷିଣ ଓଡ଼ିଶାରେ ଉଭୟ ପ୍ରଗତି ଓ ଅନ୍ତର୍ଭୁକ୍ତୀକରଣକୁ ସୁନିଶ୍ଚିତ କରିବ ।ଟିପିଏସଓଡିଏଲ ଦକ୍ଷିଣ ଓଡ଼ିଶାରେ ବିଜୁଳି ଯୋଗାଣ ବ୍ୟବସ୍ଥା ଓ ଉପଭୋକ୍ତା ସେବାକୁ ଅଧିକ ଗ୍ରାହକ ଅନୁକୂଳ କରିବା ସହ ଉପଭୋକ୍ତା ସଂପ୍ରଦାୟର ସାମଗ୍ରିକ ବିକାଶ ତଥା ଅଭିବୃଦ୍ଧି ଦିଗରେ ମଧ୍ୟ କାର୍ଯ୍ୟ କରୁଛି ।

# ବରିଷ୍ଠ ନାଗରିକ ଦିବସରେ ୧୯୧ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା




ବାରିପଦା, (ସବ୍ୟୁ) : ବରିଷ୍ଠ ନାଗରିକ ଦିବସ ଅବସରରେ ଜୟ ହିନ୍ଦ୍ କ୍ଲବ ଠାରେ ଓ୍ୱାର୍ଡ ନମ୍ବର ୩ କାଉନ୍‌ସିଲର ରାଜ୍ ଗୁପ୍ତାଙ୍କ ସଂଯୋଜନାରେ ଏକ ନିଆରା କାର୍ଯ୍ୟକ୍ରମ ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ ଓ ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ୱାର୍ଡ ନମ୍ବର ୩ର ୬୦ବର୍ଷରୁ ଉର୍ଦ୍ଧ ୧୯୧ ବରିଷ୍ଠ ନାଗରିକଙ୍କୁ ସାଲ୍ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ। ଏହି ଅବସରରେ ଓ୍ୱାର୍ଡ ନମ୍ବର ୩ର ବୟୋଜେଷ୍ଠ ଗୁରୁଜନ ନନ୍ଦ ମହାପାତ୍ର ଓ ମାଳତୀ ସାହୁ ଯଥାକ୍ରମେ ଅତିଥି ସରୋଜିନୀ ହେମ୍ବ୍ରମ ଓ କୃଷ୍ଣାନନ୍ଦ ମହାନ୍ତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ଓ୍ୱାର୍ଡ କାଉନ୍‌ସିଲର ରାଜ୍ ଗୁପ୍ତାଙ୍କ ଏହିପରି ପ୍ରଶଂସନୀୟ କାର୍ଯ୍ୟକ୍ରମ କରିଥିବାରୁ ଅତିଥିମାନଙ୍କ ସହ ବରିଷ୍ଠ ନାଗରିକ ମାନେ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

# ପାରିବାରିକ କଳହରୁ ମହିଳାଙ୍କ ମୃତ୍ୟୁ, ସ୍ୱାମୀ ଅଟକ

ବ୍ୟାସନଗର (ଜିପ୍ର): ଯାଜପୁର ରୋଡ଼ ଥାନା କୋର୍ଟ ପଛ ତାରିଣୀ ସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀ ଆତ୍ମହତ୍ୟା କରିଥବା ବେଳେ ସ୍ୱାମୀକୁ ଯାଜପୁର ରୋଡ ପୁଲିସ ଅଟକ ରଖିଛି। ସୂଚନା ଅନୁଯାୟୀ ଦିର୍ଘ ଦିନ ହେବ ଯାଜପୁର ରୋଡ ଥାନା କୋର୍ଟ ପଛ ତାରିଣୀସାହିରେ କିସାନ ଦାସ ଓ ତାଙ୍କ ପନିୀ ଲକ୍ଷ୍ମୀ ଦାସ ଅନେକ ଦିନ ରହି ଆସୁଥିଲେ କ୍ଷ ତେବେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି ଏକ ପାରିବାରିକ ଘଟଣାକୁ ନେଇ ଅନେକ ଦିନ ହେବ ପାଟିତୁଣ୍ଡ ଲାଗୁଥିଲେ। ତେବେ ଆଜି ଏହି ଘଟଣାକୁ ନେଇ ଉତେକ୍ତ ହେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିଥିଲେ। ତେବେ ଆଜି ଘର ଭିତରେ ଲକ୍ଷ୍ମୀ ବେକରେ ରଶି ଦେଇଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ସେପଟେ ଯାଜପୁର ରୋଡ ପୋଲିସ ଖବର ପାଇ ତୁରନ୍ତ ଘଟଣା ସ୍ଥଳରେ ପହଁଚି ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇଥିଲା। ଏଥିସହିତ ସ୍ୱାମୀ କିସାନକୁ ଅଟକ ରଖି ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଲକ୍ଷ୍ମୀର ମୃତ୍ୟୁ କାରଣ ଅସ୍ପଷ୍ଟ ଥିବାବେଳେ ପୁଲିସ ସ୍ତ୍ରୀକୁ ହତ୍ୟା ହେଉ କିମ୍ବା ଅତ୍ୟାଚାର ଅଭିଯୋଗରେ ଆସନ୍ତା କାଲି କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।


## ପୂର୍ବ ତଟ ରେଳପଥ

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

ନିଲାମ କ୍ୟାଟାଲଗ୍ ନଂ.: SDCM-PRK-ANGL-S

ଲଟ୍ ନଂ./ବର୍ଗ : PARKING-KUR-ANGL-TW-209-25-1 (Parking-Two Wheeler)

ଷ୍ଟେସନ ଏବଂ ସ୍ଥାନ : ଅନୁଗୁଳ-2 ତଳିଆ (ପ୍ଲାଟଫର୍ମ ନମ୍ବର-1 ପାର୍ଶ୍ୱରେ) ।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: 29.08.2025, 1100 ଘଟିକା ।

ନିଲାମ ବନ୍ଦ ହେବା ତାରିଖ ଓ ସମୟ : 29.08.2025, 1130 ଘଟିକା ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ୍‌ରଙ୍କୁ ୱେବ୍‌ସାଇଟ୍ www.ireps.gov.in ର ଆଗାମୀ ଇ-ଅକ୍ସନ ଲିଙ୍କ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-502/O/25-26

## AFFIDAVIT

I,Sangamesh Chinnannawar, S/o.: Ningappa Chinnannavar, Resident At: Flat No.: 405, JN Tower Apartment, Bhubaneswar, Dist.: Khordha, Pin- 751024, Odisha, declare by this **Affidavit No.: 7473, Dtd.: 21.08.2025**, that now onwards I shall be known as **"Sangamesh Chinnannavar"** for all future purposes.

## AFFIDAVIT

I, Sudeshna Rani Das of At-Meduakul, Bari ,Jajpur declare by an affidavit No-7977 before the Executive Magistrate Jajpur dated 16.08.2025 that in school register of my son ,my name has been recorded as Sudeshana Das instead of Sudeshna Rani Das. Both **Sudeshna Rani Das** and **Sudeshana Das** is one and same person for all purpose.

## ମୂଳ ଲିଙ୍କ ବିକ୍ରୟ ଦଲିଲ୍ ହଜିଛି

ମୁଁ **ଶ୍ରୀମତୀ କସ୍ତୁରିକା ମହାପାତ୍ର,** ବୟସ: ୫୫ ବର୍ଷ, ସ୍ୱାମୀ: ପ୍ରଣବ କିଶୋର ମହାନ୍ତି, ବାସସ୍ଥାନ- ବି-୨୧୫, ପିପିଏଲ୍ ଟାଉନସିପ, ପାରାଦୀପ, ଜଗତସିଂହପୁର, ଓଡ଼ିଶା-୭୫୪୧୪୫, ମୋ.: ୮୨୪୯୭୩୩୭୫୭ ଘୋଷଣା କରୁଛି କି ନିମ୍ନଲିଖିତ ସମ୍ପତ୍ତିର ଲିଙ୍କ୍ ବିକ୍ରୟ ଦଲିଲ୍ ହଜିଯାଇଛି: (୧) ମୂଳ ବିକ୍ରୟ ଦଲିଲ୍ ନଂ.: ୧୦୮୧୨୨୨୯୪୭, ୧୧୦୮୧୨୨୨୨୮ ସମ୍ପାଦନ ତାରିଖ: ୦୩.୧୨.୨୦୧୨ ଏଥିରେ ଦର୍ଶିତ ଜମିର ପ୍ଲଟ୍ ନଂ.: ୬୫୩/୯୦୮, ୟୁନିଟ୍ ନଂ.: ୨୯, ମୌଜା: ଭୁବନେଶ୍ୱର, କ୍ଷେତ୍ର: ଏକର୦.୦୮୦ଡିସିମିଲି ଯାହାକି ଶ୍ରୀମତୀ ଆରତୀ ମହାନ୍ତି, ମୁଁ (କସ୍ତୁରୀକା ମହାପାତ୍ର) ଏବଂ ମୋ ଦିଅର (ଶ୍ରୀ ପ୍ରଭାଶ କୁମାର ମହାନ୍ତି)ଙ୍କ ମଧ୍ୟରେ ସମ୍ପାଦିତ ହୋଇଥିଲା, (୨) ଆରଓଆର (ପଟ୍ଟା), ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.: ୨୯ ଏଥିରେ ଦର୍ଶିତ ଜମିର ପ୍ଲଟ୍ ନଂ.: ୬୫୩/୯୦୮, କ୍ଷେତ୍ର: ଏକର୦.୦୮୦ଡିସିମିଲି ଯାହାକି ଶ୍ରୀମତୀ ଆରତୀ ମହାନ୍ତି ଏବଂ ପ୍ରମିଳା ଦେଈଙ୍କ ମଧ୍ୟରେ ସମ୍ପାଦିତ ହୋଇଥିଲା । ଏହି ଦଲିଲ୍‌ଗୁଡ଼ିକ ସହିତ ଅନ୍ୟାନ୍ୟ କାଗଜାତ୍ ମୋ ହେପାଜତରୁ ତା.୧୪.୦୮.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ବଳପଡ଼ିଆ ମାର୍କେଟ, ପାରାଦୀପ ଠାରେ ହଜିଯାଇଛି । ଶତଚେଷ୍ଟା କରିବା ପରେ ମଧ୍ୟ ଏଗୁଡ଼ିକୁ ଠାବ କରାଯାଇପାରୁ ନାହିଁ, ମୁଁ ଏତଦଦ୍ୱାରା ଘୋଷଣା କରୁଛି କି, କୌଣସି ବ୍ୟାଙ୍କ, ଆର୍ଥିକ ଅନୁଷ୍ଠାନରେ ଉପରୋକ୍ତ ବିକ୍ରୟ ଦଲିଲ୍, ପଟ୍ଟାର ଲିଙ୍କ୍ ଦଲିଲ୍ କିମ୍ବା ଆନୁସଙ୍ଗିକ କାଗଜାତପତ୍ର ଆଇନଗତ ବନ୍ଧକ ରଖିନାହିଁ ।

## AFFIDAVIT

By virtue of an affidavit sworn before Notary Public, Rairakhol, dated 20th August 2025. I, Krishna Chandra Pradhan, Address of village- Hemamura, Po- Luhapank, PS- Rairakhol, Dist- Sambalpur, Odisha, 768106, declare that I have changed my name from Krushna Chandra Pradhan to Krishna Chandra Pradhan. Henceforth, I shall be known as Krishna Chandra Pradhan for all purposes.

**Krishna Chandra Pradhan (New Name)**

## AFFIDAVIT

By virtue of an affidavit sworn before Notary Public, Kendrapara, dated 20.08.2025, I Bipin Malik, S/o- Rabindra Malik, Vill- Dohara, Po- Tilottamadeipur, PS- Kendrapara Sadar, Dist- Kendrapara, Pin- 754211 declare that I have changed my son's name from Pupuni Malik to Pupun Malik. Henceforth, he shall be known as Pupun Malik for all purposes.

**Sd/- Bipin Malik**

## MUNICIPAL OFFICE, JHARSUGUDA.
## "E" PROCUREMENT NOTICE

C- 939

Tender Call Notice No. **2856/ JM Dt. 19.08.2025**

BID Documents consisting of Work. Estimated Cost. Cost of tender paper. EMD. time of completion. Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tenderodisha.gov.in

| | | |
|---|---|---|
| 1. | Tender Reference | : EO/JMC/03/2025-26 |
| 2. | Tender ID No. | : 2025_ORULB_117106 |
| 3. | Name of the Work | : Civil Construction works as mentioned in website. |
| 4. | No. of works | : As per DTCN. |
| 5. | Estimated Cost | : As per DTCN. |
| 6. | Date & Time of availability of Bid Documents in the Portal | : 22.08.2025 at 06.00 PM |
| 7. | Last date & time for receipt of bids in the portal | : 01.09.2025 at 06.00 PM |
| 8. | Bids received online shall be opened on | : 04.09.2025 at 3.30 PM |
| 9. | Name and address of the Officer inviting | : Executive Officer. Jharsuguda Municipality. |

10. Further details can be seen from the procurement portal i.e. www.tenderodisha.gov.in

OIPR: 13165/11/0074/2526

Sd/- Executive Officer, Jharsuguda Municipality.

## ଦ.ପୂ. ରେଳପଥ-ଟେଣ୍ଡର

ନିମ୍ନୋକ୍ତ କାର୍ଯ୍ୟ ପାଇଁ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ ଜି/ ଖଡ଼ଗପୁର ୭୨୧୩୦୧ ପ୍ରତିଟି ଆଇଟମ୍ ପାଇଁ ସୂଚିତ ତାରିଖର ୧୨.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **କ୍ର.ନଂ. ଓ ଟେଣ୍ଡର ନଂ, କାର୍ଯ୍ୟର ବିବରଣୀ, ଟେଣ୍ଡର ମୂଲ୍ୟ, ବିଡ୍ ସିକ୍ୟୁରିଟି/ ଇ.ଏମ୍.ଡି. (୧) ୧୧୪-ଇଏଲ୍‌ସି-ଜି-ଟେକିପି-୨୫-୨୬-୧୯, ତାରିଖ ୨୦.୦୮.୨୦୨୫ ।** ବର୍ତ୍ତମାନ ଥିବା ଚାପାର ଓ୍ୱାସନ ସେଡ୍‌ର ନିର୍ମାଣ/ ପରିବର୍ତ୍ତନ ଏବଂ ସମ୍ପୂର୍ଣ୍ଣ ନମ୍ବର ଟ୍ରେନ୍ ରକ୍ଷଣ ବ୍ୟବସ୍ଥା ... ପ୍ଲାଟଫର୍ମ ନଂ. ୩ ଓ ୪ର ସମ୍ପ୍ରସାରଣ ପାଇଁ ଇଲେକ୍ଟ୍ରିକାଲ କାର୍ଯ୍ୟ, ଟ. ୨୩,୩୪,୩୧୨.୨୦, ଟ. ୪୨,୨୦୦/- **(୨) ୧୧୪-ଇଏଲ୍‌ସି-ଜି-ଟେକିପି-୨୫-୨୬-୨୩, ତାରିଖ ୨୦.୦୮.୨୦୨୫ ।** ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ଖଡ଼ଗପୁରଠାରେ ... କାର୍ଯ୍ୟ ପାଇଁ ଇଲେକ୍ଟ୍ରିକାଲ କାର୍ଯ୍ୟ, ଟ. ୧,୬୮,୩୭,୧୮୨.୦୫, ଟ. ୨,୩୪,୨୦୦/- । **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ:** ଉଭୟ ପାଇଁ ଶୂନ୍ୟ । **ସମାପ୍ତି ସମୟ:** କ୍ର.ନଂ.୧ ପାଇଁ ୦୯ ମାସ ଏବଂ କ୍ର.ନଂ ୨ ପାଇଁ ୦୬ ମାସ ସ୍ୱୀକାରୋକ୍ତିପତ୍ର ଜାରି ତାରିଖଠାରୁ । **ଦାଖଲ ତାରିଖ:** ଉଭୟ ପାଇଁ ୧୦.୦୯.୨୦୨୫ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ । **ଖୋଲା ତାରିଖ:** ଉଭୟ ପାଇଁ ୧୦.୦୯.୨୦୨୫ । ଆଗ୍ରହୀ ଟେଣ୍ଡର ଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ : ସବିଶେଷ ତଥ୍ୟ ଏବଂ ସ୍ପେସିଫିକେସନ ନିମନ୍ତେ ୱେବ୍‌ସାଇଟ୍ www.ireps.gov.inକୁ ଦେଖିପାରିବେ । ଏହିସବୁ କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବ ନାହିଁ । **ସୂଚନା:** ଆଶାୟୀ ବିଡ୍‌ରମାନେ ସମସ୍ତ ଟେଣ୍ଡରରେ ଅଂଶ ଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.inକୁ ଦେଖିପାରିବେ ।

(PR- 546)

## ZILLA SWASTHYA SAMITI, (NHM) ANGUL

O/o- The CDM &PHO cum District Mission Director, Angul

E- 335

**TENDER CALL NOTICE**

No- 1884 Date- 19.08.2025

Sealed tenders are invited from reputed Agencies/Firms/bidder for the service as mentioned below:

1. **Accommodation facility for different training/ workshop/ meeting under NHM, Angul,**

2. **Supply of Working Lunch for training/ workshop/meeting under NHM.** Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. www.angul.odisha.gov.in. The undersigned reserves the rights to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.

OIPR: 10142/11/0014/2526

Sd/- CDM & PHO cum DMD, Angul

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS ELECTRICAL DIVISION BHUBANESWAR

O- 626

E-Mail- eerwel_bbsr@yahoo.co.in

e-Procurement Notice NO -EERWEL BBSR- 09/2025-26

| | | |
|---|---|---|
| 1 | Name of the work | (i) Provision of 20KW Roof Top solar System at Bhubaneswar (Bhubaneswar Circle 15KW, Bhubaneswar IB 5KW).-10.45 lakhs<br>(ii) Provision of 82.5KVA Silent DG set at RW Mechanical, Electrical & PH Division, BBSR-18.43 lakhs<br>(iii) Provision of 26KW Roof Top solar System at Puri (Nimapara Division 8KW, Puri Division 8KW, Puri IB 10KW) -13.59 lakhs<br>(iv) Provision of DG set at at IB Puri-14.28 lakhs |
| 2 | Estimated Cost | From 10.45 lakhs to 18.43 lakhs (Excluding GST) |
| 3 | Period of completion | 180 days |
| 4 | Date and time of availability of Bid documents in the portal | From Dt. 26.08.2025 at 12.00 A.M.to Dt.08.09.2025 up to 5.00 P.M |
| 5 | Date & Time of opening of tender | Dt. 09.09.2025 at 01:00 P.M. |
| 6 | Procurement officer/ Name and address of the officer inviting Bids. | Executive Engineer, R.W EL.DIVN.BBSR At- 1st floor of Divn. Complex, Rasulgarh Behind Esplanade Mall. Dist. -Khordha Odisha. Pincode-751010 |

Further details can be seen from the Govt.Web site www.tenderorissa.gov.in

OIPR: 25168/11/0015/2526

Sd/- Executive Engineer, Rural work Electrical Division, Bhubaneswar

## Office of District Manager
## Odisha State Civil Supplies Corporation Ltd. (OSCSC)
## NABARNGPPUR

Annexure-II

CAD - 1551

Phone: 9438200053,

District Website: nabarangpurnic.in

Tender No. 14,15,16,17,18,19,20,21,22,23,24,25 & 26 Dt. 20.08.2025

District Manager, Odisha State Civil Supplies Corporation Ltd, Nabarangpur invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of (i) **Level-I** Transport Contractor for transportation of foodgrains from FSD, FCI to RRCs (ii) **Level-II** Transport Contractor for transportation of foodgrains from RRCs to Retail Centers (FPS) in the district of the State of Odisha |
| 2 | Availability of bid document in the portal | From 23.08.2025 |
| 3 | Last Date / Time for receipt of bids in the portal | Dt 08.09.2025 up to 5.00 P.M. |
| 4 | Date/Time of Opening of Technical Bid | Dt 09.09.2025. at 11.00 AM. |
| 5 | Name and address of the Officer Inviting Tender | District Manager, OSCSC Ltd, Nabarangpur |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments /corrigendum /cancellation/ retenders etc. if any shall be published only in above websites.

OIPR: 07045/11/0003/2526

Sd/- District Manager OSCSC Ltd. Nabarangpur


# ଗଜପତି ଜିଲ୍ଲାରୁ ପୋଷ୍ୟ ସନ୍ତାନ ନେଲେ ପଶ୍ଚିମ ବଙ୍ଗ ଦମ୍ପତି



ପାରଳାଖେମୁଣ୍ଡି, (ସବ୍ୟୁ) : ଗୁରୁବାର ଗଜପତି ଜିଲ୍ଲାରୁ ୭୩ତମ ଶିଶୁଙ୍କୁ ଜିଲ୍ଲାପାଳ ଶ୍ରୀମତି ମଧୁମିତା ପୋଷ୍ୟ ସନ୍ତାନ ଭାବେ ପଶ୍ଚିମ ବଙ୍ଗ ରାଜ୍ୟର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି । ପିତୃମାତୃହୀନ ଏହି ଶିଶୁଙ୍କୁ ପରିତ୍ୟକ୍ତ ଅବସ୍ଥାରେ ଅଜଣା ବ୍ୟକ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାରଳାଖେମୁଣ୍ଡିଠାରେ ଥିବା କ୍ରେଡେଲଠାରେ ଛାଡ଼ି ଚାଲିଯାଇଥିଲେ । ଶିଶୁଟି ସତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ରର କର୍ମକର୍ତ୍ତାଙ୍କ ଦାରା ଉଦ୍ଧାର ହୋଇ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ସତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମ, ରାଣୀପେଟାଠାରେ ରଖାଯାଇଥିଲା । ପରବର୍ତ୍ତି ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଟିର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲରେ ଅପଲୋଡ଼୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତ୍ତିଙ୍କ ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୪ ବର୍ଷରୁ ଉର୍ଦ୍ଧ ସମୟ ଧରି ଅନଲାଇନ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ । ଉପରୋକ୍ତ ଦମ୍ପତ୍ତି ଶାରିରୀକ ସ୍ତରରେ ଶିଶୁଟିକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ । ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁଟିକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ । ଶିଶୁଟିର ବୟସ ପ୍ରାୟ୨ ବର୍ଷ, ଶିଶୁପୁତ୍ର ହୋଇଥିବାବେଳେ, ଶିଶୁଟିକୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା ।ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଶିନୀ କୁମାର ମହାପାତ୍ର, ଶିଶୁ ମଙ୍ଗଳ ସମିତି ସଦସ୍ୟା ଶ୍ରୀମତୀ ମମତା ଶତପଥି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଏବଂ ସତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

## କେୟାର ହସ୍ପିଟାଲ ଭୁବନେଶ୍ୱରରେ

# ରୋବୋଟିକ୍, ୩ଡି-ଗାଇଡେଡ୍ ସିମେଣ୍ଟଲେସ୍ ଆଣ୍ଠୁ ପ୍ରତିରୋପଣ

ଭୁବନେଶ୍ୱର, (ସବ୍ୟୁ): କେୟାର ହସ୍ପିଟାଲ , ଭୁବନେଶ୍ୱର ଅସ୍ଥିଶଲ୍ୟ ଟକିଜରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ପ୍ରସିଦ୍ଧ ଅସ୍ଥିସଲ୍ୟ ସର୍ଜନ ଡକ୍ଟର ସନ୍ଦୀପ ସିଂହ ସିମେଣ୍ଟ ବିହୀନ ଇମ୍ପାକ୍ଟ ବ୍ୟବହାର କରି ପୂର୍ବ ଭାରତରେ ପ୍ରଥମ ରୋବୋଟିକ୍, ୩୦-ଗାଇଡେଡ୍ ଆଣ୍ଠୁ ପ୍ରତିରୋପଣ ସଫଳତାର ସହିତ କରିଛନ୍ତି। ଏହି ଯୁଗାନ୍ତକାରୀ ପ୍ରକ୍ରିୟା ରୋଗୀ-ବେଟିକ ଅସ୍ଥିଶଲ୍ୟ ଚିକିତ୍ସାରେ ଏକ ପ୍ରମୁଖ ଉନ୍ନତିକୁ ପ୍ରତିତି କରେ । ପାରମ୍ପରିକ ଆଣ୍ଠୁ ପ୍ରତିରୋପଣ ପରିବର୍ତ୍ତେ, ସିମେଣ୍ଟ-ବିହୀନ ଇମ୍ପାକ୍ଟ ସିଷ୍ଟମ୍ ଉତ୍ତମ ଦୀର୍ଘାୟତା, ଅଧିକ ପ୍ରାକୃତିକ ଗତିବିଧି ଏବଂ ଅଧିକ ଅନୁକୂଳନଶୀଳତା ପ୍ରଦାନ କରେ , ଯାହା ବିଶେଷକରି ଯୁବ ଏବଂ





ଅଧିକ ସକ୍ରିୟ ରୋଗୀଙ୍କ ପାଇଁ ଲାଭଦାୟକ। ୩୦ ଇମେଜ ଏବଂ ଗୋବୋଟିକ୍ ସଠିକତା ସହିତ, ଏହି ପକ୍ରିୟା ରମ ୪ ସ୍ଥାପନରେ ଅତୁଳନୀୟ ସଠିକତା, କମ୍ ଜଟିଳତା ଏବଂ ଦ୍ରୁତ ଆରୋଗ୍ୟ ନିଶ୍ଚିତ କରେ।

ଏହି ଚିକିତ୍ସାର ପ୍ରଥମ ବ୍ୟକ୍ତି ଥିଲେ ଭୁବନେଶ୍ୱରର ଜଣେ ୫୮ ବର୍ଷୀୟ ଅବସରପ୍ରାପ୍ତ ଶିକ୍ଷକ ଯିଏ ଗମ୍ଭୀର ଆଣ୍ଠୁ ଗଣ୍ଠିବାତରେ ପୀଡିତ ଥିଲେ। ଏହି ପ୍ରକ୍ରିୟା ପରେ, ରୋଗୀ ୨୪ ଘଣ୍ଟା ମଧ୍ୟରେ ସମର୍ଥନ ସହିତ ଠିଆ ହୋଇ ଚାଲିପାରିବେ, ଏହି ଅତ୍ୟାଧୁନିକ ପଦ୍ଧତିର ପ୍ରଭାବଶାଳୀତା ଉପରେ ଆଲୋକପାତ କରିଥିଲେ । ଏହି ସଫଳତା ବିଷୟରେ କହିବାକୁ ଗଲେ, ଡାକ୍ତର ସନ୍ଦୀପ ସିଂହ କହିଛନ୍ତି, "କେୟାର ହହିଟାଲରେ, ଆମର ଅର୍ଥୋପେଡିକ୍ସ ବିଭାଗ ସର୍ବଦା ଉନ୍ନତ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାରେ ଆଗରେ ରହିଛି। ରୋବୋଟିକ୍ସ ଏବଂ ୩ଡି-ଗାଇଦେଡ୍ ସର୍ଜରୀ ସହିତ, ଆମେ ଅଧିକ ସଠିକତା, ଉତ୍ତମ ଫଳାଫଳ ଏବଂ ରୋଗୀଙ୍କ ଜୀବନର ଗୁଣବତ୍ତାରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ହାସଲ କରିପାରିବା ।

### ଦୁଇ ଗିରଫ : ଚୋରି ଅଳଙ୍କାର, ଟଙ୍କା ଜବତ

ଭୁବନେଶ୍ୱର, (ସବ୍ୟୁ) : ବଡଗଡ ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୩୦ ହଜାର ଟଙ୍କା, ଦୁଇଟି ସୁନାଚେନ, ତିନୋଟି ମୁଦି ଜବତ କରିଛି । ଅଭିଯୁକ୍ତ ସମ୍ମୃତିକ ନାୟକ ଓରଫ ପିକୁ ଓ ମନୋଜ କୁମାର ରଣାକୁ ଗୁରୁବାର କୋର୍ଟଚାଲାଣ କରାଯାଇଛି । ଅଭିଯୋଗକାରୀଙ୍କ ଘରେ ପିକୁ ଦୁଇବର୍ଷ ହେବ ଭଡାରେ ରହୁଥିଲା । ଗତ ମାସ ୧୮ ତାରିଖରେ ଅଭିଯୋଗକାରିଣୀଙ୍କ ଆଲମିରାରୁ ଦୁଇଟି ସୁନାଚେନ, ତିନୋଟି ମୁଦି, ୩୦ ହଜାର ଟଙ୍କା ଚୋରି କରିଥିଲା । ଅଭିଯୋଗକାରିଣୀ ଛାତ ଉପରେ ଥିବା ପୂଜା କୋଠରୀକୁ ଯାଉଥିବା ସମୟରେ ଅଭିଯୁକ୍ତ ଏହାର ସୁଯୋଗ ନେଇ ଘରେ ପଶିଥିଲା । ପୂର୍ବରୁ ସେ ଅଭିଯୋଗକାରିଣୀଙ୍କ ଅନୁପସ୍ଥିତିରେ ୩୦ ହଜାର ଟଙ୍କା ଚୋରି କରିଥିଲା । ଗତ ୧୯ ତାରିଖରେ ଅଭିଯୋଗକାରିଣୀ ପୂଜା ସାରି ଆସିବା ପରେ ପିକୁ ତାଙ୍କ ଘରେ ଲୁଚିଥିବା ଦେଖିଥିଲେ ।

## ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ବରଗଡ଼ ଜିଲ୍ଲାର

# ବିଦ୍ୟୁତ୍ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ଦୁଇଟି ପ୍ରମୁଖ ପ୍ରକଳ୍ପ କାର୍ଯ୍ୟକ୍ଷମ

ଭୁବନେଶ୍ୱର (ସବ୍ୟୁ): ଗ୍ରାମୀଣ ଏବଂ ଶିଳ୍ପକ୍ଷେତ୍ର ଲାଗି ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ) ପକ୍ଷରୁ ବରଗଡ଼ ଜିଲ୍ଲାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ୍ ଭିତ୍ତିଭୂମି ପ୍ରକଳ୍ପ ସଫଳତାର ସହ ସମାପ୍ତ ହୋଇ କାର୍ଯ୍ୟକ୍ଷମ କରାଯାଇଅଛି । ପ୍ରଥମ ପ୍ରକଳ୍ପଟି ହେଉଛି ସୋହେଲା ପିଏସ୍ଏସ୍ ଅନ୍ତର୍ଗତ ଛୁରିଆପାଲି ଏବଂ ପଦ୍ମପୁର ଫିଡର ମଧ୍ୟରେ ଏକ ନୂତନ ୧୧ କେ.ଭି. ଲିଙ୍କ୍ ଲାଇନର ନିର୍ମାଣ । ମୋଟ୍ ୧.୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେବା ଫଳରେ ଛୁରିଆପାଲି ଫିଡରରୁ ଓଭରଲୋଡିଂ ଏବଂ ଲୋ-ଭୋଲଟେଜ୍ ଭଳି ସମସ୍ୟାକୁ ଦୂର ହୋଇପାରିଛି । ଏହି ନୂତନ ଲିଙ୍କ୍ ଲାଇନ୍ କାର୍ଯ୍ୟକ୍ଷମ ହେବା ସହିତ ପ୍ରାୟ ୧୨୦ ଆମ୍ପିୟର ଲୋଡ୍ ପଦ୍ମପୁର ଫିଡରକୁ ସ୍ଥାନାନ୍ତରିତ ହୋଇପାରିଛି, ଯାହା ଭୋଲଟେଜକୁ ୭.୩ କେ.ଭି. ରୁ ୯.୮କେ.ଭି. କୁ ବୃଦ୍ଧି କରିଛି । ଏହା ସହ ୧୭୬ ଗୋଟି ଉଠା ଜଳସେଚନ ସଂଯୋଗକୁ ମଧ୍ୟ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ମିଳିପାରୁଛି । ଏଥିସହିତ ଖଲିଆପାଲି, ତାଣ୍ଡୋଳ, ଚିତାଖାଇ, ଏବଂ କେଣ୍ଡବାହାଲୋନ ଗ୍ରାମର ପ୍ରାୟ ୧,୮୦୦ ରୁ ଅଧିକ ଘରୋଇ ବିଦ୍ୟୁତ୍ ଉପଭୋକ୍ତା ଲାଭବାନ ହୋଇ ପାରୁଛନ୍ତି ।

ସେହିପରି ଦ୍ୱିତୀୟ ପ୍ରକଳ୍ପଟି ହେଉଛି ସୋହେଲା ପିଏସ୍ଏସରୁ ସଂଯୋଗ ହୋଇଥିବା ୧୧ କେ.ଭି. ସୋହେଲା ଫିଡରର ଉନ୍ନତିକରଣ କାର୍ଯ୍ୟ । ଏହି ପ୍ରକଳ୍ପ ସୋହେଲା ଫିଡରରେ ଦୀର୍ଘକାଳୀନ ଓଭରଲୋଡିଂ ଓ ଲୋ-ଭୋଲ୍ଟେଜ୍ ସମସ୍ୟାକୁ ହ୍ରାସ କରିପାରିଛି । ଏହି ଫିଡରରେ ପୂର୍ବରୁ ଥିବା ୩୪ ବର୍ଗ



ମିଲିମିଟର୍ କଣ୍ଡକ୍ଟରକୁ ପରିବର୍ତ୍ତନ କରାଯାଇ ୧୦୦ ବର୍ଗ ମିଲିମିଟରର ଉନ୍ନତମାନର କଣ୍ଡକ୍ଟର ଲାଗାଯାଇଛି । ଯାହା ଫଳରେ ଉକ୍ତ ଅଞ୍ଚଳର ୧୭ଟି ଉଠାଜଳସେଚନ ସଂଯୋଗକୁ ବିଦ୍ୟୁତ୍ ଯୋଗାଣ ସୁବିଧାଜନକ ହୋଇପାରିଛି । ସେହିପରି ୧୦ରୁ ଅଧିକ ଶିଳ୍ପ ଉପଭୋକ୍ତାଙ୍କୁ ମଧ୍ୟ ନିର୍ଭରଯୋଗ୍ୟ ଯୋଗାଣ ସୁନିଶ୍ଚିତ ହୋଇପାରିଛି ଏବଂ ନିକଟସ୍ଥ ଅଞ୍ଚଳର ପ୍ରାୟ ୧,୫୦୦ରୁ ଅଧିକ ଘରୋଇ ଉପଭୋକ୍ତା ତଥା ଛୋଟ ବ୍ୟବସାୟୀଙ୍କ ପାଇଁ ବିଦ୍ୟୁତ ଗୁଣବତ୍ତାରେ ଉନ୍ନତି ଆସିଛି । ଉଭୟ ପ୍ରକଳ୍ପ ବିଷୟରେ ମତପ୍ରକାଶ କରି ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, "ଏହି ପ୍ରକଳ୍ପଗୁଡ଼ିକ ପଶ୍ଚିମ ଓଡ଼ିଶାର ଲୋକଙ୍କ ପାଇଁ ନିରବଚ୍ଛିନ୍ନ, ନିରାପଦ ଏବଂ ଗୁଣାତ୍ମକ ବିଦ୍ୟୁତ୍ ସୁନିଶ୍ଚିତ କରିବା ପାଇଁ ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଆମର ନେଟୱାର୍କକୁ ସୁଦୃଢ଼ କରି, ଆମେ ଗ୍ରାମାଞ୍ଚଳର ପରିବାର, ଚାଷୀ ଏବଂ ଶିଳ୍ପ କ୍ଷେତ୍ରଗୁଡ଼ିକୁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିପାରିଛୁ । ଏହିପରି କାର୍ଯ୍ୟ ମଧ୍ୟ ଜାରି ରଖାଯିବା ।"

## ସମ୍ବିଧାନ ସଂଶୋଧନ ବିଲ୍ ଉପରେ ପିସିସିର ଆଲୋଚନା ସଭା

# ଭୋଟ୍ ଚୋରି ଧ୍ୟାନ ହଟେଇବା ପାଇଁ ବିଲ୍ ଅଭିପ୍ରେତ

ଭୁବନେଶ୍ୱର,(ସବ୍ୟୁ): କେନ୍ଦ୍ର ସରକାର ହାତରେ ସମସ୍ତ କ୍ଷମତା ଠୁଳକରି ଭାରତକୁ ଏକ ନବ୍ୟ ଫାସିବାଦୀ ରାଷ୍ଟ୍ରରେ ପରିଣତ କରିବା ଚେଷ୍ଟା ଚାଲିଛି । ଭୋଟଦାନ ପ୍ରକ୍ରିୟାରେ ସଂଶୋଧନ ଆଣି ବ୍ୟବସ୍ଥାକୁ ସଂସ୍କାରିତ କରିବା ପରିବର୍ତ୍ତେ ରାଜ୍ୟଗୁଡ଼ିକୁ ଦୁର୍ବଳ କରି ସଂଘୀୟ ବ୍ୟବସ୍ଥାକୁ ନଷ୍ଟ କରିବାକୁ ଚେଷ୍ଟା ଚାଲିଛି ବୋଲି ବିଶିଷ୍ଟ ସମାଜ ବିଜ୍ଞାନୀ ପ୍ରାଧ୍ୟାପକ ବିଜୟ ବହିଦାର ମତବ୍ୟକ୍ତ କରିଛନ୍ତି । ଗତ ବୁଧବାର ସଂସଦରେ ସମ୍ବିଧାନର ୧୩୦ତମ ସଂଶୋଧନ ବିଲ୍ ଆଗତ ପରିପ୍ରେକ୍ଷୀରେ ଗୁରୁବାର କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ସଂସଦୀୟ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥା ଉପରେ ପଦାଘାତ ଶୀର୍ଷକ ଆଲୋଚନା ସଭାରେ ବିଶିଷ୍ଟ ଆଲୋଚକ ଭାବେ ଯୋଗଦେଇ ଶ୍ରୀ ବହିଦାର କହିଲେ, ଏବେ ରାଜ୍ୟ ମାନଙ୍କର ସ୍ୱାୟତ୍ତତା ନାହିଁ । ତଥାକଥିତ ଡବଲ ଇଞ୍ଜିନ ସରକାରରେ ରାଜ୍ୟ ଗୁଡିକର ସ୍ଥିତି ଆହୁରି ଖରାପ । ଏଥିରେ ପୁଣି କେନ୍ଦ୍ରୀୟ କାର୍ଯ୍ୟପାଳିକା କ୍ଷମତା ଆହୁରି ବୃଦ୍ଧି କରିବା ପାଇଁ ଏହି ସମ୍ବିଧାନ ସଂଶୋଧନ ଅଭିପ୍ରେତ



। ଏହି ସମ୍ବିଧାନ ସଂଶୋଧନ ବିଲ ଆଇନରେ ପରିଣତ ହେଲେ ନ୍ୟାୟପାଳିକାକୁ ଆଡେଇ କାର୍ଯ୍ୟପାଳିକା ସର୍ବେସର୍ବା ହୋଇଯିବ । ପୁଲିସ, ଇଡି, ସିବିଆଇକୁ ହାତ କରି କେନ୍ଦ୍ରୀୟ କାର୍ଯ୍ୟପାଳିକା ଯାହାକୁ ଚାହିଁବ ଦୋଷୀ ସାବ୍ୟସ୍ତ ହେବା ପୂର୍ବରୁ ୩୦ ଦିନ ଜେଲରେ ରଖିବା କଷ୍ଟସାଧ୍ୟ ନୁହେଁ । ଫଳରେ ପ୍ରତିପକ୍ଷ ରାଜନେତାଙ୍କୁ ଜେଲରେ ପୂରାଇ ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ ପଦରୁ କେନ୍ଦ୍ର ଅତି ସହଜରେ ତଡି ପାରିବ । କାଳେ ବିଜେପିକୁ ଏହି ଆଇନ ସୁହାଇବା ଭଳି ଧାରଣା ସୃଷ୍ଟି ହେବ, ପ୍ରଧାନମନ୍ତ୍ରୀ ପଦବୀକୁ ମଧ୍ୟ ଏହି ଆଇନର ପରିସରଭୁକ୍ତ କରାଯାଇଛି । ଏହାକୁ କଂଗ୍ରେସ ଦଳ ନେତୃତ୍ୱରେ ମିଳିତ ବିରୋଧୀ ଦଳ ଦୃଢ ବିରୋଧ କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ ।

ସଭାପତିଙ୍କ ଅଭିଭାଷଣରେ ଶ୍ରୀ ଦାସ ଭାରତବର୍ଷର ସବୁ ତନ୍ତ୍ରକୁ କେନ୍ଦ୍ର ଅକ୍ତିଆର କରିବାକୁ ଚେଷ୍ଟା କରୁଛି ବୋଲି ଅଭିଯୋଗ କରିଥିଲେ । ବିପକ୍ଷ ଦଳର ନେତାଙ୍କୁ ଗିରଫ କରିବାର ଯେଉଁ ମାନସିକତା ବିଜେପିର ରହିଛି ତାକୁ ଆୟୁଧ କରି ବିପକ୍ଷ ଦଳର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ତଡିବା ପାଇଁ ବାଟ ପରିଷ୍କାର କରାଯାଉଛି ବୋଲି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଥିଲେ । ଗାନ୍ଧୀ, ନେହେରୁ ଦେଶର ସ୍ୱାଧୀନତା ସଂଗ୍ରାମର ପୁରୋଭାଗରେ ଥିବାରୁ ଏବେ ସ୍କୁଲ ପାଠ୍ୟକ୍ରମରେ ଦେଶ ବିଭାଜନକୁ ଆଗକୁ ଆଣିବାକୁ ଚକ୍ରାନ୍ତ କରୁଛି ବୋଲି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମତ ପ୍ରକାଶ କରିଥିଲେ । ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ ଓ ବିଭୁତି ଭୂଷଣ ମିଶ୍ର, ପିସିସି ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ଜିଆଉଲ ହକ୍ ପ୍ରମୁଖ ଆଲୋଚନାରେ ଭାଗ ନେଇ କେତେକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ଦିଗର ତର୍ଜମା କରିଥିଲେ । ପିସିସି ଶୃଙ୍ଖଳା କମିଟିର ଅଧ୍ୟକ୍ଷ ସୁଜିତ ପାଢ଼ୀ ଏହି କଡା ଆଇନକୁ ଦୃଢ ବିରୋଧ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି । ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ସଭାମଞ୍ଚ ଆବାହନ, ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ପୂର୍ବତନ ସାଂସଦ ଅନନ୍ତ ସେଠି, ବିଧାୟକ ଅଶୋକ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ ଏବଂ କଂଗ୍ରେସର ବହୁ ନେତୃବୃନ୍ଦ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

## ସୋଆ ବିଶ୍ୱବିଦ୍ୟାଳୟରେ ର୍ୟାଗିଂ ବିରୋଧୀ ସପ୍ତାହ ପାଳିତ

ଭୁବନେଶ୍ୱର, (ସବ୍ୟୁ): ନିକଟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟରେ ର୍ୟାଗିଂ ବିରୋଧୀ ସପ୍ତାହ ପାଳନ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିଚାଳିତ ସମସ୍ତ ଶିକ୍ଷାନୁଷ୍ଠାନ ତଥା ବିଶ୍ୱବିଦ୍ୟାଳୟ ସ୍ତରରେ ଅଗଷ୍ଟ ୧୨ ରୁ ୧୮ ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ଏକ ର୍ୟାଗିଂ ମୁକ୍ତ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ନିମନ୍ତେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅଗଷ୍ଟ ୧୨ରେ ବିଶ୍ୱବିଦ୍ୟାଳୟରେ ର୍ୟାଗିଂ ବିରୋଧୀ ଦିବସ ପାଳିତ ହୋଇଥିଲା। ଏଥିରେ ଶପଥ ଗ୍ରହଣ ଉତ୍ସବ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମ୍ବେଦନଶୀଳତା ବୃଦ୍ଧି ଓ ସଚେତନତା ସୃଷ୍ଟି ନିମନ୍ତେ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ର୍ୟାଗିଂ ବିରୋଧୀ କମିଟି ଓ ହଷ୍ଟେଲ ଅଧୀକ୍ଷକମାନେ ଏହା ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ପୋଷ୍ଟର ତିଆରି, ସ୍ଲୋଗାନ୍ ଲେଖିବା, ନୁକଡ଼ ନାଟକ, ବିତର୍କ,



କୁଇଜ, ପ୍ରବନ୍ଧ ଏବଂ ରଙ୍ଗୋଲି ଭଳି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହା ମଧ୍ୟ ଦେଇ ପରସ୍ପର ପ୍ରତି ସମ୍ମାନ ପ୍ରକାଶ ତଥା ମର୍ଯ୍ୟାଦାର ଗୁରୁତ୍ୱ ଏବଂ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଅନ୍ତର୍ଭୁକ୍ତତାକୁ ପ୍ରାଧାନ୍ୟ ଦିଆଯାଇଥିଲା।

ଏହି ସପ୍ତାହର ପୁରସ୍କାର ବିତରଣୀ ଓ ସମ୍ବର୍ଦ୍ଧନା ଉତ୍ସବ ଅଗଷ୍ଟ ୧୮ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି, ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଡିନ୍ (ଛାତ୍ର ମଙ୍ଗଳ) ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଅନ୍ୟାନ୍ୟ ଡିନ୍, ନିର୍ଦ୍ଦେଶକ, ଫ୍ୟାକଲ୍ଟି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ର୍ୟାଗିଂ ବିରୁଦ୍ଧରେ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରି ପ୍ରଫେସର ନନ୍ଦ କହିଥିଲେ ଯେ ବିଶ୍ୱବିଦ୍ୟାଳୟ ର୍ୟାଗିଂକୁ ସଂପୂର୍ଣ୍ଣ ବିରୋଧ କରେ। ଏହା ସହିତ ଛାତ୍ରଛାତ୍ରୀମାନେ ପରସ୍ପର ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହ ପରସ୍ପରର ବିଶ୍ୱାସ ଭାଜନ ହେବା ଆବଶ୍ୟକ ବୋଲି ସେ କହିଥିଲେ।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ସହ ଭ୍ୟାନ ଜବତ୍ : ବେପାରୀ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ବଅକାରୀ ପୁଲିସ କୁ ମିଳିଛି ବଡ ସଫଳତା। ଅବକାରୀ ଟିମ୍ ଜଣେ ଆନ୍ତଃଜିଲ୍ଲା ଗଞ୍ଜେଇ ବେପାରୀକୁ ଗିରଫ କରିବା ସହ ତା ଠାରୁ ୧କୋଟି ରୁ ଉର୍ଦ୍ଧ୍ୱ ମୂଲ୍ୟ ର ଗଞ୍ଜେଇ ସମେତ ଏକ ପିକଅପ ଭ୍ୟାନ୍ ଗାଡିକୁ ଜବତ କରିଛି। ଗିରଫ ବେପାରୀ ହେଲେ ପୁରୀ ଜିଲ୍ଲା ପିପିଲି ନୂଆଶାସନ ଅଂଚଳରେ ରହୁଥିବା ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଗୁଡୁମ ଗୋକୁଳପୁର ର ପ୍ରିୟରଞ୍ଜନ ପଣ୍ଡା ( ୪୮)। ପ୍ରକାଶ ଥାଉକି, ଗଞ୍ଜେଇ ମାଫିଆଙ୍କ ଲାଗି ଏବେ ସୁବିଧା ରାସ୍ତା ପାଲଟିଛି ଜାତୀୟ ରାଜପଥ। ଦୈନିକ ଅବକାରୀ ଓ ପୁଲିସ କୁ ଚଖମା ଦେଇ ବିଭିନ୍ନ ଫନ୍ଦିରେ ମାଫିଆମାନେ ଗଞ୍ଜେଇ ଚାଲାଣ କରୁଛନ୍ତି। ବୌଦ୍ଧ, କନ୍ଧମାଳ, ଫୁଲବାଣୀ, ସୋନପୁର ଭଳି ଜିଲ୍ଲାରୁ ବିପୁଳ ମାତ୍ରାରେ ଚୋରା ଗଞ୍ଜେଇ ଆସି ଖୋର୍ଦ୍ଧାରେ ରହି ଏଠାରୁ ଗଞ୍ଜେଇ ଓ ଭାଙ୍ଗ ଜାତୀୟ ରାଜପଥ ଦେଇ କଟକ, ପୁରୀ, ଭୁବନେଶ୍ୱର ପ୍ରମୁଖ ଅଂଚଳକୁ ମାଫିଆମାନେ ଚାଲାଣ କରି ବେଶ୍ ଲାଭବାନ ହେଉଥିବାବେଳେ ଏଥିରେ କଲେଜ ପଢୁଆ ଛାତ୍ରଙ୍କୁ ଅର୍ଥ ପ୍ରଲୋଭନ ଦେଖାଇ ତାଙ୍କ ଜରିଆରେ ବେପାର ଜମାଇଥିବା କୁହାଯାଉଛି। ଅବକାରୀ ବିଭାଗ ଏହାକୁ ଗୁରୁତର ସହ ନେଇଥିବାବେଳେ ଅବକାରୀ ଅଧିକ୍ଷକ ସୁମତୀ ତ୍ରୀପାଠୀଙ୍କ ତତ୍ତ୍ୱାବଧାନରେ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଅବକାରୀ ଟିମ ଚଢଉ ଆରମ୍ଭ କରିଛି। ଏହି କ୍ରମରେ ଗଜପତି ମୋହନା ରୁ ପୁରୀ ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ଟିମ୍ ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡେଶ୍ୱର ଫ୍ଲାଏଓଭର ବ୍ରିଜ୍ ନିକଟରେ ଚଢାଉ କରି ଓଡି ୦୨ଏଭି ୪୦୨୩ ନଂ ବିଶିଷ୍ଟ ପିକଅପ ଭ୍ୟାନ୍ କୁ ଅଟକାଇ ଯାଂଚବେଳେ ଗଞ୍ଜେଇ ବସ୍ତା ଭର୍ତି ହୋଇଥିବା ଦେଖିଥିଲେ। ଗାଡି ଭିତରେ ୩୦କେଜି ଲେଖାଏଁ ୩୫ବସ୍ତା ଗଞ୍ଜେଇ ଥିବା ଦେଖିଥିଲେ। ଏହି ଘଟଣାରେ ପ୍ରିୟରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବାବେଳେ ଜବତ ଗଞ୍ଜେଇ ର ମୂଲ୍ୟ ୧କୋଟି ୫ଲକ୍ଷ ଏବଂ ଜବତ ଗାଡି ର ମୂଲ୍ୟ ୭ଲକ୍ଷ ହେବ ବୋଲି ଅବକାରୀ ଅଧିକ୍ଷକ ଶ୍ରୀମତୀ ତ୍ରିପାଠୀ ସୂଚନା ଦେଇଛନ୍ତି।

# ଜଳି ଗଲା ଆମବସ୍; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଖୋର୍ଦ୍ଧା, (ସବ୍ୟୁ): ୧୬ନଂ ଜାତୀୟ ରାଜପଥ ର ଗଡଖୋର୍ଦ୍ଧା ଫଚପାଇକ ଛକ ନିକଟରେ ହୁତୁହୁତୁ ହୋଇ ଜଳିଲା ଆମ ବସ୍। ମୃତ୍ୟୁମୁଖରୁ ଅଳ୍ପେକେ ବର୍ତିଲେ ବସ୍ ରେ ଥିବା ଯାତ୍ରୀ। ଖବର ପାଇ ପୁଲିସ ଓ ଅଗ୍ନିସମ ବିଭାଗ ପହଁଚି ନିଆଁକୁ ଆୟତ କରିଥିଲେ। ପ୍ରକାଶଥାଉକି, ଆଜି ଓଡି.୩୩ୟୁ-୭୩୪୩ ନଂ ବିଶିଷ୍ଟ ଆମ ବସ୍ ଜଗତପୁର ରୁ ଭୁବନେଶ୍ୱର ଦେଇ ଖୋର୍ଦ୍ଧା ଅଭିମୁଖେ ଆମ ବସ୍ ଆସୁଥିଲା। ବସ୍ ରେ ୩୫ରୁ ଉର୍ଦ୍ଧ୍ୱ ଯାତ୍ରୀ ରହିଥିଲେ। ମାତ୍ର ଚଳନ୍ତା ଅବସ୍ଥାରେ ହଠାତ୍ ବସ ରୁ ଫଚପାଇକ ଛକ ନିକଟରେ ଧୂଆଁ ବାହାରିଥିଲା। ଧୂଆଁ ଦେଖି ଡ୍ରାଇଭର ଓ କଣ୍ଡକ୍ଟର ସଂଗେ ସଂଗେ ଯାତ୍ରୀମାନଙ୍କୁ ତଳକୁ ଓହ୍ଲାଇଦେଇଥିଲେ। ଯାତ୍ରୀ ଓହ୍ଲାଇବା କ୍ଷଣି ବସ ଟି ହୁତୁହୁତୁ ହୋଇ ଜଳିଲା। ଖବର ପାଇ ଶିଳ୍ପାଂଚଳ ଥାନା ପୁଲିସ ଓ ଅଗ୍ନଶମ ବାହିନୀ ପହଁଚି ନିଆଁକୁ ଆୟତ କରିଥିଲେ। ମାତ୍ର ସେତେବେଳକୁ ଅଗ୍ନିକାଣ୍ଡରେ ବସ୍ ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଅଗ୍ନିକାଣ୍ଡ ର କାରଣ ସ୍ପଷ୍ଟ ହୋଇନଥିଲେ ମଧ୍ୟ ସର୍ଟ ସର୍କିଟ ଯୋଗୁ ହୋଇଥିବା ଅଗ୍ନିସମ ବିଭାଗ ଆକଳନ କରିଛି।

# ଆଶା କିରଣ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସରେ ଓରିଏଣ୍ଟେସନ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଆଶା କିରଣ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ ଅଧୀନରେ ପରିଚାଳିତ ହେଉଥିବା



ଆଶା କିରଣ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ମହାବିଦ୍ୟାଳୟ ର ନର୍ସିଂ ଛାତ୍ର ଛାତ୍ରୀ ମାନଙ୍କର ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଆଶା କିରଣ ଗ୍ରୁପ ର ପ୍ରତିଷ୍ଠାତା ତଥା ସମ୍ପାଦକ ଅବଦୁଲ ମୁତାଲିବ ଖାନ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ମହାବିଦ୍ୟାଳୟ ରେ ନୂଆ କରି ପାଦ ଦେଇଥିବା ସମସ୍ତ ଛାତ୍ର ଛାତ୍ରୀ ଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଭୀମସେନ ସ୍ୱାଇଁ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ମହାବିଦ୍ୟାଳୟ ର ଗାରିମା , ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କର କାର୍ଯ୍ୟ ଦକ୍ଷତା ଏବଂ ସ୍ୱାସ୍ଥ୍ୟ ସେବାକୁ ଏକ ବୃତ୍ତି ନ ଭାବି ଏକ ବ୍ରତ ଭାବରେ ପାଳନ କରିବା ପାଇଁ ଉପସ୍ଥିତ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେବା ସହିତ ଅନୁଷ୍ଠାନ ର ନିର୍ଦ୍ଦେଶିକା ପ୍ରଫେସର ପୂର୍ଣ୍ଣିମା ପଟ୍ଟନାୟକ ଅନୁଷ୍ଠାନ ର ବିଭିନ୍ନ ନୀତି ନିୟମ ଓ ଶୃଙ୍ଖଳା ବିଷୟରେ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କୁ ଅବଗତ କରାଇଥିଲେ। ଉକ୍ତ ସଭାରେ ଅନୁଷ୍ଠାନ ର ସମସ୍ତ ଅଧ୍ୟାପକ , ଅଧ୍ୟାପିକା ଓ କର୍ମଚାରୀ ଙ୍କ ସମେତ ଚଳିତ ଶିକ୍ଷାବର୍ଷ ପ୍ରାରମ୍ଭ ରେ ନୂଆ କରି ପାଦ ଦେଇଥିବା ନର୍ସିଂ ବିଭାଗର ସମସ୍ତ ଛାତ୍ର ଛାତ୍ରୀ ଓ ଅଭିଭାବକ ଯୋଗଦାନ କରିଥିଲେ। ଅନୁଷ୍ଠାନ ର ଅଧ୍ୟାପକ ଶ୍ରୀଯୁକ୍ତ ମନଜିତ କୁମାର ସାମନ୍ତରାୟ ସଭାକାର୍ଯ୍ୟ କୁ ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଦାନ୍ତ ଆଲୁମିନିୟମ ବ୍ୟାପକ ସ୍ୱାସ୍ଥ୍ୟ ସଚେତନତା

# ଅଭିଯାନ ପରିଚାଳନା କରିବା ସହିତ ୩ ହଜାରରୁ ଅଧିକ ସମ୍ପ୍ରଦାୟ ସଦସ୍ୟଙ୍କ ନିକଟରେ ପହଞ୍ଚିଛି

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ମ୍ୟାଲେରିଆ, ଡେଙ୍ଗୁ ଏବଂ ଡାଇରିଆ ସଚେତନତା ଅଭିଯାନ ସଫଳତାର ସହ ପରିଚାଳନା କରିଛି, ଯାହା ଏହାର ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ସପ୍ତାହବ୍ୟାପୀ ଏହି ପଦକ୍ଷେପ ୨୮ଟି ଗ୍ରାମ, ୨ଟି ସ୍ୱତନ୍ତ୍ର ବିଦ୍ୟାଳୟ ଏବଂ ୧ଟି ବୃଦ୍ଧାଶ୍ରମରେ ବ୍ୟାପିଥିଲା, ଯାହାକି ପାରସ୍ପରିକ ଆଲୋଚନା ଏବଂ ହାତ ଉପରେ ପ୍ରଦର୍ଶନ ମାଧ୍ୟମରେ ୩,୦୦୦ ରୁ ଅଧିକ ବ୍ୟକ୍ତିଙ୍କୁ ସିଧାସଳଖ ପ୍ରଭାବିତ କରିଥିଲା। ଏହି ଅଭିଯାନ ମ୍ୟାଲେରିଆ ଏବଂ ଡେଙ୍ଗୁ ଭଳି ମଶାବାହନଜନିତ ରୋଗ ଏବଂ ଡାଇରିଆ ଭଳି ପରିଷ୍କାର ପରିଚ୍ଛନ୍ନତା ସମ୍ବନ୍ଧୀୟ ରୋଗ ବିଷୟରେ ସଚେତନତା ବୃଦ୍ଧି ଉପରେ ଧ୍ୟାନ ଦେଇଥିଲା। ସମ୍ପ୍ରଦାୟର ସଦସ୍ୟମାନଙ୍କୁ ରୋଗ ସଂକ୍ରମଣ, ପ୍ରାରମ୍ଭିକ ଲକ୍ଷଣ ଏବଂ ମଶା ନିୟନ୍ତ୍ରଣ ଏବଂ ଜମି ରହିଥିବା ପାଣି ଦୂର କରିବା ସମେତ ପ୍ରତିଷେଧକ ପଦକ୍ଷେପ ବିଷୟରେ



ଶିକ୍ଷା ଦିଆଯାଇଥିଲା। ସଠିକ୍ ହାତ ଧୋଇବା ଏବଂ ପରିମଳର ଗୁରୁତ୍ୱ ଉପରେ ପ୍ରଦର୍ଶନ ସମସ୍ତ ସ୍ଥାନରେ କରାଯାଇଥିଲା। ଅଧିବେଶନଗୁଡ଼ିକ ସ୍ଥାନୀୟ ଭାଷାରେ ପ୍ରଦାନ କରାଯାଇଥିଲା ଏବଂ ବିଭିନ୍ନ ବୟସ ଗୋଷ୍ଠୀ ପାଇଁ ପ୍ରସ୍ତୁତ କରାଯାଇଥିଲା, ମୁଖ୍ୟ ବାର୍ତ୍ତାଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଲିଫଲେଟ୍ ବଂଟନ କରାଯାଇଥିଲା।

ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା ତାଙ୍କ ମତାମତ ଦେଇ କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମର ସମ୍ପ୍ରଦାୟ ବିକାଶର ଆଭିମୁଖ୍ୟ ଦୀର୍ଘକାଳୀନ ପ୍ରଭାବ ଏବଂ ଅନ୍ତର୍ଭୁକ୍ତି ଉପରେ ସ୍ଥାପିତ। ସମୃଦ୍ଧ ସମ୍ପ୍ରଦାୟ ପାଇଁ ଭଲ ସ୍ୱାସ୍ଥ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ଅତ୍ୟାବଶ୍ୟକ ନିର୍ମାଣ ସାମଗ୍ରୀ, ଏବଂ ଏପରି ସଚେତନତା ଅଭିଯାନ ମାଧ୍ୟମରେ, ଆମେ ବ୍ୟକ୍ତିବିଶେଷଙ୍କୁ ଏପରି ଜ୍ଞାନ ସହିତ ସଶକ୍ତ କରିବାକୁ ଲକ୍ଷ୍ୟ ରଖୁଛୁ ଯାହାକି ରୋଗକୁ ରୋକିପାରିବ ଏବଂ ଜୀବନର ଗୁଣବତା ଉନ୍ନତ କରିପାରିବ।" ଅଭିଯାନର ନେତୃତ୍ୱ ନେଇଥିବା ଏମଏଚୟୁ ଡାକ୍ତର ଶ୍ରୀ ଜୟନାରାୟଣ ପୂଜାରୀ କହିଛନ୍ତି,"ଏହି ଅଧିବେଶନଗୁଡ଼ିକ ସ୍ୱାସ୍ଥ୍ୟ ଅଭ୍ୟାସଗୁଡ଼ିକୁ ଏକ ସୁଗମ ଏବଂ ସମ୍ପର୍କିତ ଉପାୟରେ ଉପସ୍ଥାପନ କରି ଗୁରୁତ୍ୱପୂର୍ଣ୍ଣ ଜ୍ଞାନର ବ୍ୟବଧାନକୁ ଦୂର କରିଛି। ଅନେକ ଅଂଶଗ୍ରହଣକାରୀ ଜାଣି ନ ଥିଲେ ଯେ କିପରି ଛୋଟ ପ୍ରତୀତ ଅଭ୍ୟାସଗୁଡ଼ିକ, ଯେପରିକି ସଠିକ୍ ହାତ ଧୋଇବା କିମ୍ବା ପାଣି ପାତ୍ରକୁ ଘୋଡ଼ାଇ ରଖିବା, ସ୍ୱାସ୍ଥ୍ୟ ବିପଦକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିପାରିବ। ପିଲା ଏବଂ ବୟସ୍କ ଉଭୟଙ୍କୁ ଆଲୋଚନାରେ ସକ୍ରିୟ ଭାବରେ ସାମିଲ ହେବା ଏବଂ ସୁସ୍ଥ ଅଭ୍ୟାସ ଗ୍ରହଣ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତା ପ୍ରକାଶ କରିବା ଉତ୍ସାହଜନକ ଥିଲା।" ଏହି ଅଭିଯାନ ସମ୍ପ୍ରଦାୟ ସଚେତନତାକୁ ମଜବୁତ କରିଥିଲା ଏବଂ ତୃଣମୂଳ ସ୍ତରରେ ଦାୟିତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଅଭ୍ୟାସଗୁଡ଼ିକୁ ଉତ୍ସାହିତ କରିଥିଲା। ମତାମତ କେବଳ ରୋଗ ନିବାରଣ ବିଷୟରେ ବର୍ଦ୍ଧିତ ବୁଝାମଣାକୁ ପ୍ରତିଫଳିତ କରେ ନାହିଁ ବରଂ ସୁସ୍ଥ ଅଭ୍ୟାସ ଗ୍ରହଣ କରିବାର ଏକ ସ୍ପଷ୍ଟ ଉଦ୍ଦେଶ୍ୟକୁ ମଧ୍ୟ ପ୍ରତିଫଳିତ କରେ, ଯାହା ଉନ୍ନତ ଜନସ୍ୱାସ୍ଥ୍ୟ ଫଳାଫଳରେ ଯୋଗଦାନ କରେ। ଏହି ପଦକ୍ଷେପ ବେଦାନ୍ତ ଆଲୁମିନିୟମର ବ୍ୟାପକ ସମ୍ପ୍ରଦାୟ ବିକାଶ ପ୍ରୟାସର ଏକ ଅଂଶ, ଯେଉଁଠାରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ଏବଂ ସାମାଜିକ ସଶକ୍ତିକରଣ କାର୍ଯ୍ୟକ୍ରମ ସ୍ଥାୟୀ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ଏକାଠି ହୁଏ। ଏହିପରି ହସ୍ତକ୍ଷେପ ମାଧ୍ୟମରେ, କମ୍ପାନୀ ସମ୍ପ୍ରଦାୟଗୁଡ଼ିକୁ ପୋଷଣ କରିବା ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରେ।

## ସଂସଦରେ ଅନଲାଇନ୍ ଗେମିଂ ବିଲ୍ ଗୃହିତ

# ବନ୍ଦ ହେବ ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା

ନୂଆଦିଲ୍ଲୀ: ଆଜି ରାଜ୍ୟସଭାରେ କଡା ବିରୋଧ ମଧ୍ୟରେ 'ଅନଲାଇନ୍ ଗେମିଂ ପ୍ରମୋସନ୍ ଆଣ୍ଡ ରେଗୁଲେସନ୍ ବିଲ୍ ୨୦୨୫' ବିଲ୍ ପାରିତ ହୋଇଛି । ହଙ୍ଗୋଳ ସେ%o, 'ଭଏସ୍ ନୋଟ୍' ମାଧ୍ୟମରେ ବିଲ୍ ପାରିତ ହୋଇଥିବା ଜଣାଯାଇଛି । ଉପାଧ୍ୟକ୍ଷ ହରିବଂଶ ରାଜ୍ୟସଭାରେ ବିଲ୍ ପାରିତ ହେବା ନେଇ ଘୋଷଣା କରିବା ପରେ ଗୃହ କାର୍ଯ୍ୟକୁ ୧୦ମିନିଟ୍ ପାଇଁ ମୁଲତବୀ ରଖିଥିଲେ । ଗତକାଲି ଲୋକସଭାରେ ଏହି ବିଲ୍ ପାରିତ ହୋଇଥିଲା ।

କେନ୍ଦ୍ର ସରକାର ଅନଲାଇନ୍ ମନି ଗେମିଂ ସମ୍ପର୍କରେ ଏକ ବଡ଼ ପଦକ୍ଷେପ ନେଇ ସଂସଦରେ 'ଅନଲାଇନ୍ ଗେମିଂ ପ୍ରମୋସନ୍ ଆଣ୍ଡ ରେଗୁଲେସନ୍ ବିଲ୍ ୨୦୨୫' ଆଗତ କରିଥିଲେ । ଏହି ବିଲ୍ର ଉଦ୍ଦେଶ୍ୟ ହେଉଛି ସମାଜ ପ୍ରତି ଯେକୌଣସି ବିପଦକୁ ଦୂରେଇ ରଖିବା । 'ଅନଲାଇନ୍ ଗେମିଂ ବିଲ୍ ୨୦୨୫' ଉପରେ ପ୍ରତିକ୍ରିୟା ଦେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ବିଲ୍ ଆଗତ ହେବା ପରେ ସମାଜର ଅନେକ ସମସ୍ୟାର ସମାଧାନ ହେବ । ଅନଲାଇନ୍ ମନି ଗେମିଂ ମାଧ୍ୟମରେ ଆତଙ୍କବାଦକୁ ଆର୍ଥିକ ସହାୟତା ଦିଆଯାଉଥିଲା । ଏହାର ଅନେକ ମାମଲା ସାମ୍ନାକୁ ଆସିଛି । ଏହି ବିଲ୍ ପାରିତ ହେବା ଦ୍ୱାରା ଏବେ ଆତଙ୍କବାଦକୁ ଆର୍ଥିକ ସହାୟତା ମିଳିବା କଷ୍ଟ ହେବ । ଏହି ବିଲ୍ ଇ-କ୍ରୀଡାକୁ ପ୍ରୋତ୍ସାହିତ କରିବ ଏବଂ ଏହାକୁ ଆଇନଗତ ସ୍ୱୀକୃତି ମଧ୍ୟ ମିଳିବ । ଇ-କ୍ରୀଡା ସହିତ 'ଅନଲାଇନ୍ ସୋସିଆଲ୍ ଗେମିଂ' ପ୍ରୋତ୍ସାହିତ କରିବାରେ ମଧ୍ୟ ସହାୟକ ହେବ । ଏହି ବିଲ୍ କେବଳ ଏବଂ କେବଳ ଅନଲାଇନ୍ ମନି ଗେମିଂକୁ ବିରୋଧ କରେ । ନିକଟ ଅତୀତରେ, ଏହି ଖେଳଗୁଡିକର ନକାରାତ୍ମକ ପ୍ରଭାବ ଦେଖାଯାଇଛି, ଯାହା ଟଙ୍କା ଠକେଇରେ ମଧ୍ୟ ବ୍ୟବହୃତ ହୋଇଛି ।




# ମୋଦୀଙ୍କ ସହ କଥା ହେଲେ ଫ୍ରାନ୍ସ ରାଷ୍ଟ୍ରପତି

ନୂଆଦିଲ୍ଲୀ : ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫ୍ରାନ୍ସ ଗଣରାଜ୍ୟର ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ଠାରୁ ଏକ ଫୋନ୍ କଲ୍ ମିଳିଛି । ଉଭୟ ନେତା ୟୁକ୍ରେନ ଏବଂ ପଶ୍ଚିମ ଏସିଆ କ୍ଷେତ୍ରରେ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଚାଲିଥିବା ପ୍ରୟାସ ଉପରେ ମତ ବିନିମୟ କରିଛନ୍ତି । ରାଷ୍ଟ୍ରପତି ମାକ୍ରୋନ ୱାଶିଂଟନରେ ୟୁରୋପ, ଆମେରିକା ଏବଂ ୟୁକ୍ରେନର ନେତାମାନଙ୍କ ମଧ୍ୟରେ ହୋଇଥିବା ସମ୍ପ୍ରତି ବୈଠକର ମୂଲ୍ୟାଙ୍କନ ସେୟାର କରିଛନ୍ତି । ସେ ଗାଜା ପରିସ୍ଥିତି ଉପରେ ତାଙ୍କର ଦୃଷ୍ଟିକୋଣ ମଧ୍ୟ ସେୟାର କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ଶାନ୍ତି ଏବଂ ସ୍ଥିରତାର ଶୀଘ୍ର ପୁନଃସ୍ଥାପନ ପାଇଁ ଭାରତର ନିରନ୍ତର ସମର୍ଥନକୁ ଦୋହରାଇଛନ୍ତି । ନେତାମାନେ ବାଣିଜ୍ୟ, ପ୍ରତିରକ୍ଷା, ବେସାମରିକ ପରମାଣୁ ସହଯୋଗ, ପ୍ରଯୁକ୍ତିବିଦ୍ୟା ଏବଂ ଶକ୍ତି କ୍ଷେତ୍ର ସମେତ ଦ୍ୱିପାକ୍ଷିକ ସହଯୋଗ କାର୍ଯ୍ୟସୂଚୀରେ ପ୍ରଗତି ସମୀକ୍ଷା କରିଛନ୍ତି । ସେମାନେ ଭାରତ-



ଫ୍ରାନ୍ସ ରଣନୈତିକ ସହଭାଗୀତାକୁ ସୁଦୃଢ଼ କରିବା ଏବଂ ୨୦୨୬ କୁ 'ନବୀକରଣ ବର୍ଷ' ଭାବରେ ଉପଯୁକ୍ତ ଭାବରେ ପାଳନ କରିବା ପାଇଁ ମିଳିତ ପ୍ରତିବଦ୍ଧତାକୁ ପୁନଃ ଦୋହରାଇଲେ । ରାଷ୍ଟ୍ରପତି ମାକ୍ରନ ମଧ୍ୟ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଶୀଘ୍ର ସମାପ୍ତ କରିବା ପାଇଁ ସମର୍ଥନ ଜଣାଇଥିଲେ । ନେତାମାନେ ସମସ୍ତ ପ୍ରସଙ୍ଗରେ ଯୋଗାଯୋଗରେ ରହିବାକୁ ରାଜି ହୋଇଥିଲେ ।


# ଲଞ୍ଚ ବକ୍ସରେ ବନ୍ଧୁକ ଆଣି ଗୁଳି ମାରିଦେଲେ ଛାତ୍ର

ଡେରାଡୁନ୍ : ଉତ୍ତରାଖଣ୍ଡର ଉଧମ ସିଂହ ନଗର ଜିଲ୍ଲାରେ ଥିବା ଗୋଟିଏ ଘରୋଇ ସ୍କୁଲରେ ପିଲାଙ୍କୁ ପଦାର୍ଥ ବିଜ୍ଞାନର ପାଠ ପାଢ଼ନ୍ତି । ସୋମବାର ଦୁଷ୍ଟାମୀ କରିବାରୁ ସେ ତାଙ୍କର ଜଣେ ୯ମ ଶ୍ରେଣୀର ଛାତ୍ରଙ୍କୁ ଚାପୁଡ଼ା ମାରିଥିଲେ । ବାସ୍ ଏଥିରେ ରାଗି ଯାଇ ବୁଧବାର ସେହି ଛାତ୍ର ଜଣଙ୍କ ସ୍କୁଲକୁ ଲଞ୍ଚ ବକ୍ସରେ ବନ୍ଧୁକ ନେଇ ଆସିଥିଲେ । ଏହାପରେ ଶିକ୍ଷକ ଗଗନଦୀପ ସିଂହ କୋହଲିଙ୍କୁ ସେ ଗୁଳି ମାରି ଦେଇଥିଲେ । ପୂରା ଘଟଣା ଗୁରୁ ନାନକ ସ୍କୁଲରେ ଘଟିଛି । ଗୁଳିଟି ଶିକ୍ଷକଙ୍କ ପିଠିରେ ବାଜି ବେକ ପାଖରେ ଲାଖି ଯାଇଥିଲା । ତାଙ୍କୁ ତୁରନ୍ତ ସ୍ଥାନୀୟ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଓ ସେଠାରେ ତାଙ୍କର ସର୍ଜରୀ କରାଯାଇଛି । ଏବେ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି । ଶିକ୍ଷକ ଗଗନଦୀପଙ୍କ ଚିକିତ୍ସା କରୁଥିବା ଡାକ୍ତର ମୟଙ୍କ ଅଗ୍ରୱାଲ କହିଛନ୍ତି, ଗୁଳିକୁ ସଫଳତାର ସହ ବାହାର କରି ଦିଆଯାଇଛି । ଶ୍ରୀ କୋହଲିଙ୍କ ଅବସ୍ଥା ସ୍ଥିର ରହିଛି ଓ ତାଙ୍କୁ ଆଇସିୟୁରେ ନୀରିକ୍ଷଣ ପାଇଁ ରଖାଯିବ । ପୁଲିସରେ କହିବା କଥା ଯେ ଅଭିଯୁକ୍ତ ଛାତ୍ର ଜଣଙ୍କ ସମର୍ଥ ବାଜୱା । ଚାପୁଡ଼ାର ପ୍ରତିଶୋଧ ନେବା ପାଇଁ ସେ ବେଶ ଚତୁରତାର ସହ ଲଞ୍ଚ ବକ୍ସରେ ବନ୍ଧୁକ ଭର୍ତ୍ତି କରି କ୍ଲାସରୁମକୁ ଆଣିଥିଲେ । ଖେଳ ଛୁଟି ହେବାରୁ ଗଗନଦୀପ କ୍ଲାସରୁମରୁ ବାହାରୁ ଥିବା ବେଳେ ପିଲାଟି ଟିଫିନ ବକ୍ସରୁ ବନ୍ଧୁକ ବାହାର କରି ପଛ ପଟୁ ଗୁଳି ମାଡ଼ କରିଥିଲେ । ଘଟଣା ପରେ ସମର୍ଥ ଖସି ଯିବାକୁ ଚେଷ୍ଟା କରିଥିଲେ । କିନ୍ତୁ ତାଙ୍କୁ ସ୍କୁଲର ଅନ୍ୟ ଶିକ୍ଷକ ଓ କର୍ମଚାରୀମାନେ ଧରି ପୁଲିସରେ ଜିମା ଦେଇଥିଲେ । ନାବାଳକ ଛାତ୍ରଙ୍କ ବିରୋଧରେ ପୁଲିସ୍ ମାମଲା ରୁଜୁ କରିଛି । ସେହିପରି ସେ ବନ୍ଧୁକ କେଉଁଠୁ ଓ କାହା ଠାରୁ ଆଣିଲେ, ତା'ର ମଧ୍ୟ ଯାଞ୍ଚ କରାଯାଉଛି ।

# ଜାମିନ ପାଇଲେ ବି ଜେଲରେ ରହିବେ ଇମ୍ରାନ

ନୂଆଦିଲ୍ଲୀ: ଗୁରୁବାର ପାକିସ୍ତାନର ସୁପ୍ରିମକୋର୍ଟ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଜାମିନ ପ୍ରଦାନ କରିଛନ୍ତି । ତାଙ୍କୁ ୨୦୨୩ ମସିହାରେ ସାମରିକ ଘାଟି ଉପରେ ହୋଇଥିବା ଆକ୍ରମଣ ସହିତ ଜଡିତ ଅନେକ ମାମଲାରେ ଆଶ୍ୱସ୍ତି ମିଳିଛି । ସୁପ୍ରିମକୋର୍ଟର ତିନି ସଦସ୍ୟ ବିଶିଷ୍ଟ ଖଣ୍ଡପୀଠର ନେତୃତ୍ୱ ନେଉଥିବା ମୁଖ୍ୟ ବିଚାରପତିୟାହୟା ଆଫ୍ରିଦି ଇମ୍ରାନ ଖାନଙ୍କ ଜାମିନ ଆବେଦନକୁ ଗ୍ରହଣ କରି ଲାହୋର ହାଇକୋର୍ଟର ନିଷ୍ପତ୍ତିକୁ ଖାରଜ କରିଛନ୍ତି ।

ତେବେ ଜାମିନ ମିଳିଥିଲେ ବି ୭୨ ବର୍ଷୀୟ ଇମ୍ରାନ ଖାନ ଏବେ ବି ଜେଲରୁ ମୁକ୍ତ ହୋଇପାରିବେ ନାହିଁ କାରଣ ସେ ପୂର୍ବରୁ ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇସାରିଛନ୍ତି । କ୍ରିକେଟରରୁ ରାଜନେତା ହୋଇଥିବା ଇମ୍ରାନ ଖାନଙ୍କ ବିରୁଦ୍ଧରେ ଦୁର୍ନୀତି ଠାରୁ ଆରମ୍ଭ କରି ଆତଙ୍କବାଦ ପର୍ଯ୍ୟନ୍ତ ଅନେକ ମାମଲାରେ ମାମଲା ରୁଜୁ ହୋଇଛି । ଏହା ଭିନ୍ନ କଥା ଯେ ସେ ଏହି ସମସ୍ତ ମାମଲାକୁ ମିଥ୍ୟା ଏବଂ



ରାଜନୈତିକ ପ୍ରତିଶୋଧ ବୋଲି କହି ଆସୁଛନ୍ତି । ମେ ୨୦୨୩ରେ, ଇମ୍ରାନ ଖାନଙ୍କୁ ଏକ ଦୁର୍ନୀତି ମାମଲାରେ ଗିରଫ କରାଯାଇଥିଲାଛ ଏହା ପରେ, ଦେଶବ୍ୟାପୀ ବ୍ୟାପକ ବିରୋଧ ପ୍ରଦର୍ଶନ ହୋଇଥିଲା । ଏହି ପ୍ରଦର୍ଶନ ସମୟରେ, ପ୍ରତିବାଦକାରୀମାନେ ରାୱଲପିଣ୍ଡିରେ ଥିବା ସେନା ମୁଖ୍ୟାଳୟ ସମେତ ଅନେକ ସାମରିକ ଘାଟି ଉପରେ ଆକ୍ରମଣ କରିଥିଲେଛ ଏହି ହିଂସା ପରେ, ଇମ୍ରାନ ଖାନ ଏବଂ ତାଙ୍କ ଦଳର ଅନେକ ନେତାଙ୍କ ବିରୁଦ୍ଧରେ ଗୁରୁତର ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା । ତାଙ୍କ ଦଳ ପାକିସ୍ତାନ ତେହେରିକ୍-ଏ-ଇନସାଫର ଅନେକ ବରିଷ୍ଠ ନେତା ଏବଂ ସାଂସଦଙ୍କୁ ମଧ୍ୟ ସମ୍ପ୍ରତି ସମାନ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି । ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିବା ସତ୍ତ୍ୱେ, ଖାନଙ୍କ ଆଇନଗତ ଚ୍ୟାଲେଞ୍ଜ ଶେଷ ହୋଇନାହିଁ, କାରଣ ତାଙ୍କୁ ଅନ୍ୟ ମାମଲାରେ ଜେଲରେ ରହିବାକୁ ପଡିବଛ ଇମ୍ରାନ ଖାନ ଅଗଷ୍ଟ ୨୦୨୩ଠାରୁ ରାୱଲପିଣ୍ଡିର ଆଦିଆଲା ଜେଲରେ ବନ୍ଦୀ ଅଛନ୍ତି ।

# ୟୁରୋପ କିଣୁଛି ସର୍ବାଧିକ ଗ୍ୟାସ୍ : ଜୟଶଙ୍କର

ମସ୍କୋ : ମସ୍କୋ ଗସ୍ତରେ ଥିବା ଭାରତର ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ଚୀନ ସର୍ବାଧିକ ରୁଷୀୟ ତେଲ କିଣୁଥିବାବେଳେ ୟୁରୋପ ସର୍ବାଧିକ ରୁଷୀୟ ଏଲଏନଜି ( ତୈଳୀକୃତ ପ୍ରାକୃତିକ ଗ୍ୟାସ) କିଣୁଛନ୍ତି । ପୁଣି ୨୦୨୨ ପରେ ରୁଷ ସହ ସର୍ବାଧିକ ବାଣିଜ୍ୟ ଭାରତ ନୁହେଁ , ଦକ୍ଷିଣ ଗୋଲାର୍ଦ୍ଧର ଦେଶମାନେ କରୁଛନ୍ତି । କିନ୍ତୁ ଭାରତକୁ ଟାର୍ଗେଟ୍ କରାଯାଉଛି । ସେ କହିଛନ୍ତି ଯେ ଆମେରିକା ପକ୍ଷରୁ ଭାରତ ବିରୋଧରେ ଟାରିଫ କାର୍ଯ୍ୟାନୁଷ୍ଠାନ ପାଇଁ ଯେଉଁ ତର୍କ ଦିଆଯାଉଛି ତାହା ଆମକୁ ଚକିତ କରିଛି । ଆମେରିକା ଗତ କିଛି ବର୍ଷ ଧରି କହୁଥିଲା ଯେ



ଭାରତ ବିଶ୍ୱ ତୈଳ ବଜାରକୁ ସ୍ଥିର କରିବାରେ ସାହାଯ୍ୟ କରିବା ଉଚିତ, ଯେଉଁଥିରେ ରୁଷରୁ ତେଲ କିଣିବା ମଧ୍ୟ ଅନ୍ତର୍ଭୁକ୍ତ । କିନ୍ତୁ ଏବେ ଭାରତକୁ ଟାର୍ଗେଟ କରୁଛି । ଭାରତ ମଧ୍ୟ ଆମେରିକାରୁ ତେଲ କିଣୁଛି, ଏବଂ ଏହାର ପରିମାଣ ବୃଦ୍ଧି ପାଇଛି । ଏପରି ପରିସ୍ଥିତିରେ, ଭାରତ ଆମେରିକାର ଯୁକ୍ତି ଚକିତ କରିଛି ।

# ବିଜୟଙ୍କ ଘୋଷଣା : ବିଜେପି, ଡିଏମକେ ସହ କରିବେନି ମେଣ୍ଟ

ନୂଆଦିଲ୍ଲୀ : ଅଭିନେତାରୁ ନେତା ବନିବାକୁ ଚେଷ୍ଟା କରୁଥିବା ଅଭିନେତା ବିଜୟ ଆଜି ମଦୁରାଇରେ ନିଜ ଶକ୍ତି ପ୍ରଦର୍ଶନ କରିଛନ୍ତି । ନିକଟରେ ଟିଭିକେ ନାମରେ ଦଳ ଗଠନ କରିଥିବା ବିଜୟ ଆଜି ପାରାପଠୀରେ ବଡ଼ ଘୋଷଣା କରିଛନ୍ତି । ଏଠାରେ ଦଳର ଦ୍ୱିତୀୟ ରାଜ୍ୟ ସ୍ତରୀୟ ସମାବେଶ ଆୟୋଜନ କରାଯାଥିବା ବେଳେ ହଜାର ହଜାର କର୍ମୀ, ନେତା ଓ ସମର୍ଥକ ଉପସ୍ଥିତ ରହିଥିଲେ । ଦୀର୍ଘ କିମି ଧରି ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି । ଏହି ବିଶାଳ ଜନାବେଶରେ ଟିଭିକେ ଆସନ୍ତାବର୍ଷ ଅନୁଷ୍ଠିତ ହେବାକୁ ଥିବା ତାମିଲନାଡୁ ବିଧାନସଭା



ନିର୍ବାଚନରେ ପ୍ରଥମଥର ପ୍ରତିଦ୍ୱନ୍ଦିତା କରିବ ବୋଲି ବିଜୟ ଘୋଷଣା କରିଛନ୍ତି । ଦଳ ରାଜ୍ୟର ସମସ୍ତ ଆସନ ନୁହେଁ, ବରଂ କିଛି ସ୍ଥାନରେ ପ୍ରାର୍ଥୀ ଦେବ । ନିଜେ ବିଜୟ ମଦୁରାଇ ଇଷ୍ଟ ଆସନରେ ଲିଢେ ବୋଲି କହିଛନ୍ତି । ଏଥିସହ ସେ ବିଜେପିକୁ ବିଚାରଧାରାର ଶତ୍ରୁ ଓ ଡିଏମକେକୁ ରାଜନୀତିକ ଶତ୍ରୁ ଭାବେ ଅଭିହିତ କରି ମେଣ୍ଟ ସମ୍ଭବନାକୁ ଅଗ୍ରାହ୍ୟ କରି ଦେଇଛନ୍ତି । ନିଜ ଭାଷଣରେ ବିଜୟ କହିଛନ୍ତି, ଆମର ଏକମାତ୍ର ବିଚାରଧାରାଗତ ଶତ୍ରୁ ହେଉଛି ବିଜେପି । ଆମର ରାଜନୀତିକ ଶତ୍ରୁ ହେଉଛି ଡିଏମକେଛ ଟିଭିକେ ଏମିତି ଏକ ଦଳ ଯିଏ କାହାକୁ ବି ଡରେ ନାହିଁ କିମ୍ବା ଆମର କେହି ବି ଅଣ୍ଡରଗ୍ରାଉଣ୍ଡ ମାଫିଆ ବ୍ୟବସାୟ ସହ ଜଡ଼ିତ ନୁହନ୍ତି । ପୂରା ତାମିଲନାଡୁର ଶକ୍ତି ଆମ ସହ ରହିଛି । ଫାଶୀବାଦୀ ବିଜେପି ଓ ବିଷାକ୍ତ ଡିଏମକେ ବିରୋଧରେ ଆମକୁ ଏକାଠି ହେବାକୁ ପଡ଼ିବଛ । ମୋତେ କୌଣସି କ୍ଲୀତସଦାସ ମେଣ୍ଟ ସହ ହାତ ମିଳାଇବାର ନାହିଁ । ଆମ ମେଣ୍ଟ କେବେ ହେଲେ ସ୍ୱାର୍ଥବାଦୀ ହୋଇପାରିବ ନାହିଁ । ଏହା ଆତ୍ମସମ୍ମାନ ଭରା ମେଣ୍ଟ ହେବ । ବେଧଡ଼କ ଅନ୍ଦାଜର ଭାଷଣ ଦେଇଥିବା ବିଜୟ ନିଜ ରାଜନୀତିକ କ୍ୟାରିୟର ସମ୍ପର୍କରେ ମଧ୍ୟ କହିଛନ୍ତି । ସେ କହିଛନ୍ତି, ଗୋଟିଏ ସିଂହ ସବୁବେଳେ ବିଚିତ୍ରଛ ଯଦି ସିଂହ ରଣହୁଙ୍କାର ଦିଏ, ତା'ହେଲେ ଏହା ୮ କିମି ଦୂର ଯାଏ ଶୁଭେ । ସେଭଳି ସିଂହ କେବଳ ଶିକାର କରିବାକୁ ବାହାରନ୍ତି । ଜଙ୍ଗଲରେ ଅନେକ ବିଲୁଆ ରହିଛନ୍ତି । କିନ୍ତୁ ସିଂହ ଗୋଟିଏଛ ସେ ଜଙ୍ଗଲର ରାଜାଛ ସିଂହ ସବୁବେଳେ ସିଂହ । ଏହା ଗୋଟିଏ ସ୍ପଷ୍ଟ ଘୋଷଣାନାମା । ବିଜୟ ଆହୁରି କହିଛନ୍ତି ଯେ ତାମିଲନାଡୁର ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଉଛି । ଦୟା କରି କାଟଚାଥିଭୁକୁ ମତ୍ସ୍ୟଜୀବୀକୁ ଫେରାଇ ଦିଆଯାଉ । ତାମିଲନାଡୁରେ ନିଟ୍ର ଆବଶ୍ୟକତା ନାହିଁ । ଦୟା କରି ଏହାକୁ ଉଚ୍ଛେଦ କରାଯାଉ ବୋଲି ସେ ଦାବି କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କୁ ଆକ୍ରମଣ : ବଦଳିଲେ ଦିଲ୍ଲୀ ପୁଲିସ୍ କମିସନର୍

ନୂଆଦିଲ୍ଲୀ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଜନଶୁଣାଣି ସମୟରେ ଆକ୍ରମଣ କରାଯିବାର ଗୋଟିଏ ଦିନ ପରେ ଗୁରୁବାର ଦିନ ଆଇପିଏସ ଅଧିକାରୀ ସତୀଶ ଗୋଲଚାଙ୍କୁ ଦିଲ୍ଲୀର ନୂତନ ପୁଲିସ୍ କମିସନର୍ ଭାବେ ନିଯୁକ୍ତ କରାଯାଇଛି । ସରକାରୀ ଆଦେଶରେ କୁହାଯାଇଛି ଯେ, "ଦକ୍ଷ ଅଧିକାରୀଙ୍କ ଅନୁମୋଦନ କ୍ରମେ ବର୍ତ୍ତମାନ ଦିଲ୍ଲୀର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ସତୀଶ ଗୋଲଚା, ଆଇପିଏସ (ଏଜିଏମୟୁଟି: ୧୯୯୨)ଙ୍କୁ ଦିଲ୍ଲୀର ପୁଲିସ କମିସନର ଭାବରେ ନିଯୁକ୍ତ କରାଯାଇଛି । ଏହି ନିଯୁକ୍ତି ସେ ଦାୟିତ୍ୱ ଗ୍ରହଣ କରିବା ତାରିଖରୁ କାର୍ଯ୍ୟକାରୀ ହେବ ଏବଂ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ।ପୂର୍ବରୁ ଏହି ଦାୟିତ୍ୱରେ ଥିଲେ ଶଶୀ ଭୂଷଣ କୁମାର ସିଂହ । ସଞ୍ଜୟ ଆରୋରାଙ୍କ ଅବସର ପରେ ଜୁଲାଇ ୩୧ ତାରିଖରେ ଦାୟିତ୍ୱ ଗ୍ରହଣ କରିଥିବା ସିଂହ ବର୍ତ୍ତମାନ ଡିଜି (ହୋମଗାର୍ଡ) ଭାବରେ କାର୍ଯ୍ୟ ଜାରି ରଖିବେ । ସୂତ୍ରରୁ ପ୍ରକାଶ ଯେ, ଜାତୀୟ ରାଜଧାନୀରେ ଗତ ୨୦ ଦିନ ମଧ୍ୟରେ ବନ୍ଧୁକ ହିଂସା ଏବଂ ଅପରାଧ ବହୁଳ ମାତ୍ରାରେ ବୃଦ୍ଧି ପାଇଛି । ଯାହାକୁ ନିୟନ୍ତ୍ରଣ କରିବାକୁ ଶୀର୍ଷ ସ୍ତରରେ ପରିବର୍ତ୍ତନ କରାଯାଇଛି । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ବାସଭବନରେ ଆକ୍ରମଣ ହେବାର ମାତ୍ର ୨୪ ଘଣ୍ଟା ପରେ ଏହି ପଦକ୍ଷେପ ନିଆଯାଇଛି । କାହିଁକି ନା, ଏହି ଆକ୍ରମଣ ଘଟଣା ତାଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି । ସୂଚନାଯୋଗ୍ୟ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କରେ ନୂଆ ନୂଆ ଖୁଲାସା ହେବାରେ ଲାଗିଛି । ବୁଧବାର ଜନଶୁଣାଣି କାର୍ଯ୍ୟକ୍ରମ ସମୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଉପରେ ଆକ୍ରମଣ କରିଥିବା ସକାରିଆ ରାଜେଶଭାଇ ଖିମ୍ଜିଭାଇଙ୍କୁ ଆଜି ଅର୍ଥାତ୍ ଗୁରୁବାର ପାଞ୍ଚ ଦିନିଆ ପୁଲିସ ରିମାଣ୍ଡରେ ପଠାଯାଇଛି । ଏହି ଘଟଣା ପରେ ଏବେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବଢ଼ାଇ ଦିଆଯାଇଛି । ଗୁରୁବାର କେନ୍ଦ୍ରୀୟ ରିଜର୍ଭ ପୁଲିସ ଫୋର୍ସ (ସିଆରପିଏଫ) ତାଙ୍କ ସୁରକ୍ଷା ଦାୟିତ୍ୱ ନେଇଛି । ଜେଡ୍-ବର୍ଗର ସୁରକ୍ଷା ମିଳୁଥିବା ମୁଖ୍ୟମନ୍ତ୍ରୀଙ୍କୁ ଏବେ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା (ଏଏସଏଲ) ମିଳିବାର ସମ୍ଭାବନା ଅଛି । ଏବେ ସାର୍ବଜନୀନ କାର୍ଯ୍ୟକ୍ରମରେ ତାଙ୍କୁ ପୂର୍ବ ଅପେକ୍ଷା ଅଧିକ କମାଣ୍ଡୋ ସୁରକ୍ଷା ଦେବେ । ମୁଖ୍ୟମନ୍ତ୍ରୀଙ୍କୁ କ୍ଷେତ୍ର-ନିର୍ଦ୍ଦିଷ୍ଟ ସୁରକ୍ଷା ମଧ୍ୟ ଦିଆଯାଇଛି, ଯାହା ଅଧୀନରେ ସେ ଯେଉଁ ସ୍ଥାନକୁ ଯିବେ ସେହି ସ୍ଥାନ ଉପରେ କଡ଼ା ନଜର ରଖାଯିବ ।

# ଯୁଦ୍ଧରେ ୧୭ ଲକ୍ଷ ସୈନିକ ହରାଇଛି ୟୁକ୍ରେନ !

ମସ୍କୋ : ରୁଷ-ୟୁକ୍ରେନ ଯୁଦ୍ଧର ଏକ ଚାଞ୍ଚଲ୍ୟକର ଖବର ସାମନାକୁ ଆସିଛି । ଏହି ଯୁଦ୍ଧରେ ୟୁକ୍ରେନ ନିଜର ୧୭ ଲକ୍ଷ ସୈନିକଙ୍କୁ ହରାଇଥିବା ଏକ ସୂଚନା ମିଳିଛି । ଏକ ରୁଷିଆନ୍ ହ୍ୟାକର୍ ଗୋଷ୍ଠୀ ୟୁକ୍ରେନୀୟ ସେନା ମୁଖ୍ୟାଳୟକୁ ଅନଲାଇନରେ ହ୍ୟାକ୍ କରି ଡକ୍ୟୁମେଣ୍ଟ ଚୋରି କରି ସୋସିଆଲ ମିଡିଆରେ ଲିକ୍ କରିଛି । ହ୍ୟାକର୍ ଗୋଷ୍ଠୀ ଦ୍ୱାରା ଲିକ୍ ହୋଇଥିବା ଡକ୍ୟୁମେଣ୍ଟଗୁଡ଼ିକ ଦର୍ଶାଉଛି ଯେ ଫେବୃଆରୀ ୨୦୨୨ ପରଠାରୁ ଏପର୍ଯ୍ୟନ୍ତ ୟୁକ୍ରେନର ୧୭ ଲକ୍ଷ ସୈନିକ ମୃତ୍ୟୁବରଣ କରିଛନ୍ତି କିମ୍ବା ନିଖୋଜ ହୋଇଛନ୍ତି ।

ଏହି ସୈନିକମାନଙ୍କ ମଧ୍ୟରୁ ବହୁ ସଂଖ୍ୟକ ୧୯-୨୪ ବର୍ଷ ବୟସର । ଏହି ଲିକ୍ ହୋଇଥିବା ଡକ୍ୟୁମେଣ୍ଟ ଉପରେ ୟୁକ୍ରେନର ଜେନେରାଲ ଷ୍ଟାଫ୍ ପକ୍ଷରୁ କୌଣସି ବିବୃତ୍ତି ଆସିନାହିଁ ।

ହ୍ୟାକର୍ ଗୋଷ୍ଠୀ ଦ୍ୱାରା ଲିକ୍ ହୋଇଥିବା ଡକ୍ୟୁମେଣ୍ଟଗୁଡ଼ିକ ଦର୍ଶାଉଛି ଯେ ଫେବୃଆରୀ ୨୦୨୨ ପରଠାରୁ ଏପର୍ଯ୍ୟନ୍ତ ୟୁକ୍ରେନର ୧୭ ଲକ୍ଷ ସୈନିକ ମୃତ୍ୟୁବରଣ କରିଛନ୍ତି କିମ୍ବା ନିଖୋଜ ହୋଇଛନ୍ତି । ଏହି ସୈନିକମାନଙ୍କ ମଧ୍ୟରୁ ବହୁ ସଂଖ୍ୟକ ୧୯-୨୪ ବର୍ଷ ବୟସର ।

ବିଶେଷ କଥା ହେଉଛି ଫେବୃଆରୀ ୨୦୨୨ ପରଠାରୁ, ଅର୍ଥାତ୍ ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ, ଉଭୟ ଦେଶ କେବେ ବି ମୃତ୍ୟୁବରଣ କରିଥିବା ନିଜ ନିଜ ସୈନିକଙ୍କ ସଂଖ୍ୟା ସେୟାର କରିନାହାଁନ୍ତି, କିମ୍ବା ସାଧାରଣ ନାଗରିକଙ୍କ ମୃତାହତଙ୍କ ସଂଖ୍ୟା ପ୍ରକାଶ କରିନାହାଁନ୍ତି ।

ଏହା ନିଶ୍ଚିତ ଭାବରେ ସତ୍ୟ ଯେ ଉଭୟ ଦେଶ ପରସ୍ପରକୁ ହୋଇଥିବା କ୍ଷତିର ସଂଖ୍ୟା ଜାରି କରିଥାଆନ୍ତି ।

# ଭାରତ-ଚୀନ ଚୁକ୍ତିନାମା ପରେ ବଦଳିଲା ନେପାଳର ସ୍ୱର

ନୂଆଦିଲ୍ଲୀ : ଲିପୁଲେଖ ଦେଇ ସୀମା ବାଣିଜ୍ୟ ପୁନଃ ଆରମ୍ଭ କରିବା ପାଇଁ ଭାରତ ଏବଂ ଚୀନ୍ ମଧ୍ୟରେ ନିକଟରେ ଏକ ଚୁକ୍ତିନାମା ହୋଇଛି । ଏହି ଚୁକ୍ତିନାମା ପରେ, ନେପାଳ ଦୃଢ଼ ଭାବରେ କହିଛି ଯେ ଏହି ଅଞ୍ଚଳ ଏହାର ଭୂଖଣ୍ଡର ଏକ ଅବିଚ୍ଛେଦ୍ୟ ଅଂଶ । ନେପାଳ ସରକାର ଗୁରୁତ୍ୱାରୋପ କରିଛି ଯେ ମହାକାଳୀ ନଦୀର ପୂର୍ବରେ ଅବସ୍ଥିତ ଲିମ୍ପିଆଧୁରା, ଲିପୁଲେଖ ଏବଂ କଳାପାଣିକୁ ନେପାଳର ମାନଚିତ୍ର ଏବଂ ସମ୍ବିଧାନରେ ଆନୁଷ୍ଠାନିକ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି । ଭାରତର ବୈଦେଶିକ ମନ୍ତ୍ରଣାଳୟ ନେପାଳର ଦାବିର ଜବାବ ଦେଇ କହିଛି ଯେ ଏହାର କୌଣସି ଐତିହାସିକ ଆଧାର ନାହିଁ । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଉଲ୍ଲେଖ କରିଛନ୍ତି ଯେ ଲିପୁଲେଖ ଘାଟ ଦେଇ ସୀମା ବାଣିଜ୍ୟ ୧୯୫୪ ମସିହାରେ ଆରମ୍ଭ ହୋଇଥିଲା ଏବଂ ଦଶନ୍ଧି ଧରି ଜାରି ରହିଛି । କୋଭିଡ୍-୧୯ ଏବଂ ଅନ୍ୟାନ୍ୟ କାରଣ ଯୋଗୁଁ ଏହା ସମ୍ପ୍ରତି ବାଧାପ୍ରାପ୍ତ ହୋଇଥିଲା କିନ୍ତୁ ଏହା ପୁନର୍ବାର ଆରମ୍ଭ ହେବାକୁ ଯାଉଛି ।

ନୂଆଦିଲ୍ଲୀରେ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି, ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ହୋଇଥିବା ଆଲୋଚନାର ଏକ ମିଳିତ ବିବୃତ୍ତି ସୀମା ବାଣିଜ୍ୟ ପୁନଃ ଖୋଲିବା ନିଶ୍ଚିତ କରିଛି । ନିର୍ଦ୍ଦିଷ୍ଟ ବାଣିଜ୍ୟ କେନ୍ଦ୍ରଗୁଡ଼ିକ ମଧ୍ୟରେ ଲିପୁଲେଖ ପାସ୍, ସିପକି ଲା ପାସ୍ ଏବଂ ନାଥୁ ଲା ପାସ୍ ଅନ୍ତର୍ଭୁକ୍ତ । ଭାରତ-ଚୀନ୍ ଘୋଷଣା ବିଷୟରେ ଗଣମାଧ୍ୟମର ପଚରାଉଚରା ପରେ ନେପାଳର ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତି ଜାରି କରିଛି । ବିବାଦୀୟ ଅଞ୍ଚଳରେ ରାସ୍ତା ବିସ୍ତାର କିମ୍ବା ସୀମା ବାଣିଜ୍ୟ ଭଳି କାର୍ଯ୍ୟକଳାପରେ ସାମିଲ ନ ହେବା ପାଇଁ ଭାରତକୁ ନେପାଳର ଅନୁରୋଧକୁ ମନ୍ତ୍ରଣାଳୟ ପୁନର୍ବାର ଦୋହରାଇଛି । ନେପାଳ ଚୀନକୁ ଜଣାଇଛି ଯେ ସମ୍ପୃକ୍ତ ଅଞ୍ଚଳ ଏହାର ଅଞ୍ଚଳ ମଧ୍ୟରେ ଅବସ୍ଥିତ । ଐତିହାସିକ ଚୁକ୍ତି, ଚୁକ୍ତିନାମା, ମାନଚିତ୍ର ଏବଂ ପ୍ରମାଣ ଆଧାରରେ କୂଟନୈତିକ ମାଧ୍ୟମରେ ଭାରତ ସହିତ ସୀମା ସମସ୍ୟାର ସମାଧାନ ପାଇଁ ନେପାଳ ସରକାର ପ୍ରତିବଦ୍ଧ ।

# ଭାରତ-ପାକ୍ ସୀମାରୁ ଧରା ପଡ଼ିଲା ଗୁପ୍ତଚର ପାରା


ନୂଆଦିଲ୍ଲୀ : ଜମ୍ମୁ ଠାରୁ ୪୦ କିମି ଦୂର ଆରଏସ ପୁରା ସେକଫରରୁ ସୀମା ସୁରକ୍ଷା ବଳ (ବିଏସ୍ଏଫ)ର ଯବାନମାନେ ଏହି ପାରାଟିକୁ ଧରିଥିଲେ । ସୁରକ୍ଷାକର୍ମୀଙ୍କ ହାତରେ ଗୁପ୍ତଚର ପାରା । ଭାରତ-ପାକିସ୍ତାନ ସୀମାରୁ ଗୋଟିଏ ପାରାକୁ ଧରିଛନ୍ତି ସୁରକ୍ଷାକର୍ମୀ । ତା' ଗୋଡ଼ରେ ବନ୍ଧା ହୋଇଥିଲା ଧମକପୂର୍ଣ୍ଣ ଚିଠି । ଜମ୍ମୁ ରେଲୱେ ଷ୍ଟେସନରେ ଆଇଇଡି ବିସ୍ଫୋରଣ କରିବାକୁ ଚିଠିରେ ଧମକ ମିଳିଥିବାରୁ ପୂରା ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ମିଳିଥିବା ସୂଚନା ଅନୁସାରେ, ଜମ୍ମୁ ଠାରୁ ୪୦ କିମି ଦୂର ଆରଏସ ପୁରା ସେକଫରରୁ ସୀମା ସୁରକ୍ଷା ବଳ (ବିଏସ୍ଏଫ)ର ଯବାନମାନେ ଏହି ପାରାଟିକୁ ଧରିଥିଲେ । ତା'ର ଗୋଡ଼ରେ ଗୋଟିଏ କାଗଜ ବନ୍ଧା ଯାଇଥିଲା । ଆଗାମୀ ଦିନରେ ଜମ୍ମୁ ତାୱି ରେଳ ଷ୍ଟେସନରେ ଆଇଇଡି ବିସ୍ଫୋରଣ କରାଯିବ ବୋଲି ଏହି କାଗଜରେ ଧମକପୂର୍ଣ୍ଣ ବାର୍ତ୍ତା ରହିଥିଲା । ଏହି ବାର୍ତ୍ତାକୁ



ଉଭୟ ଉର୍ଦ୍ଦୁ ଓ ଇଂରାଜୀରେ ଲେଖାଯାଇଛି । ଉର୍ଦ୍ଦୁରେ ଲେଖାଯାଇଛି ଯେ କଶ୍ମୀର ହେଉଛି ଆମର, ସମୟ ଆସି ଯାଇଛି, ସମୟ ଆସିବ । ସେହିପରି ଇଂରାଜୀରେ ଲେଖାଯାଇଛି ଯେ ଜମ୍ମୁ ଷ୍ଟେସନ ଆଇଡି ବ୍ଲାଷ୍ଟ ଦ ଏଣ୍ଡ ପାରା ଗୋଡ଼ରୁ ଏପରି ଚିଠି ମିଳିବା ପରେ ଜମ୍ମୁ ତାୱି ରେଳ ଷ୍ଟେସନରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଅଞ୍ଚଳର ଅନ୍ୟ ସମ୍ବେଦନଶୀଳ ସ୍ଥାନ ଗୁଡ଼ିକର ସୁରକ୍ଷାକର୍ମୀଙ୍କୁ ଆଲର୍ଟରେ ରହିବାକୁ କୁହାଯାଇଛି ।

# ଆମେରିକାର ମୋଷ୍ଟୱାଣ୍ଟେଡ ମହିଳା ଅପରାଧୀ ଭାରତରୁ ଗିରଫ

ୱାଶିଂଟନ୍ : ଆମେରିକାର ୧୦ ଜଣ ମୋଷ୍ଟ ଓ୍ୱାଣ୍ଟେଡ୍ ପଳାତକଙ୍କ ତାଲିକାରେ ସାମିଲ ଜଣେ ମହିଳାଙ୍କୁ ଭାରତରୁ ଗିରଫ କରାଯାଇଛି । ମହିଳାଙ୍କ ଉପରେ ତାଙ୍କ ୬ ବର୍ଷର ପୁଅକୁ ହତ୍ୟା କରିବାର ଅଭିଯୋଗ ଅଛି । ଆମେରିକୀୟ ଏଜେନ୍ସି ଫେଡେରାଲ୍ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ (ଏଇଓ଼) ଭାରତରୁ ମହିଳାଙ୍କୁ ଗିରଫ କରିଛି ଏବଂ ବର୍ତ୍ତମାନ ତାଙ୍କୁ ବିଚାର ପାଇଁ ଆମେରିକା ନିଆଯାଇଛି । ଖବର ଅନୁଯାୟୀ, ଏହି ମହିଳାଙ୍କ ନାମ ସିଣ୍ଡି ରୋଡ୍ରିଗେଜ୍ ସିଂହ, ଯାହାଙ୍କ ବିରୁଦ୍ଧରେ ଦୁଇଟି ଓ୍ୱାରେଣ୍ଟ ଅଛି । ଗୋଟିଏ ହେଉଛି ଅବୈଧ ପଳାୟନ ପାଇଁ ଏକ ଫେଡେରାଲ୍ ଓ୍ୱାରେଣ୍ଟ ଏବଂ ଅନ୍ୟଟି ହେଉଛି ୧୦ ବର୍ଷରୁ କମ୍ ବୟସର ଏକ ଶିଶୁକୁ ହତ୍ୟା କରିବା ପାଇଁ ଓ୍ୱାରେଣ୍ଟ । ଏଫବିଆଇ କହିଛି ଯେ ରୋଡ୍ରିଗେଜ୍ଙ୍କ ପୁଅ ନୋଏଲ୍ ଆଲଭାରେଜ୍ ୨୦୨୨ ମସିହାରୁ ନିଖୋଜ ଥିଲେ, କିନ୍ତୁ ତାଙ୍କର ନିଖୋଜ ଅଭିଯୋଗ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ଦାଖଲ କରାଯାଇ ନଥିଲା । ଯେତେବେଳେ ଏଫବିଆଇ ତାଙ୍କ ମାଆ ରୋଡ୍ରିଗେଜ୍ଙ୍କୁ ନୋଏଲ୍ ବିଷୟରେ ପଚରାଯାଇଥିଲା, ସେ ମିଛ କହିଥିଲେ ଯେ ତାଙ୍କ ପୁଅ ତାଙ୍କ ପିତାଙ୍କ ସହିତ ମେକ୍ସିକୋରେ ଅଛି । ଦୁଇ ଦିନ ପରେ, ରୋଡ୍ରିଗେଜ୍ ତାଙ୍କ ସ୍ୱାମୀ



ଅର୍ଶଦୀପ ସିଂହ ଏବଂ ୬ ପିଲାଙ୍କ ସହିତ ଭାରତ ଚାଲିଯାଇଥିଲେ, କିନ୍ତୁ ତା'ପରେ ସେ ଫେରି ନଥିଲେ । ୬ ପିଲାଙ୍କ ମଧ୍ୟରେ ନୋଏଲ୍ଙ୍କୁ ସାମିଲ କରାଯାଇ ନଥିଲା ।ପରେ, ନୋଏଲ୍ଙ୍କ ମୃତ୍ୟୁ ସାମ୍ନାକୁ ଆସିଥିଲା । ଏଫବିଆଇ ନିର୍ଦ୍ଦେଶକ କାଶ ପଟେଲ ଗୁରୁବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରିଥିଲେ, ଯେଉଁଥିରେ ସେ ଲେଖିଥିଲେ, 'ସିଣ୍ଡି ରୋଡ୍ରିଗେଜ୍ ସିଂହ ତାଙ୍କ ପୁଅ ବାବଦରେ ମିଛ କହିଥିଲେ ଏବଂ ଦୁଇ ଦିନ ପରେ ସେ ଭାରତ ଚାଲିଯାଇଥିଲେ । ଆମେ ଭାବୁଛୁ ଯେ ସେବେଠାରୁ ସେ କେବେ ଆମେରିକା ଫେରି ନାହାଁନ୍ତି ।' ଏଫବିଆଇ କହିଛି ଯେ ରୋଡ୍ରିଗେଜ୍ ସିଂହ ଭାରତ ଯିବା ପରେ, ତାଙ୍କ ପୁଅକୁ ହତ୍ୟା କରିବା ଅଭିଯୋଗରେ ଅଭିଯୁକ୍ତ କରାଯାଇଥିଲା ଏବଂ ନଭେମ୍ବରରେ ତାଙ୍କ ବିରୁଦ୍ଧରେ ଗିରଫ ପରଓ୍ୱାନା ଜାରି କରାଯାଇଥିଲା । ରୋଡ୍ରିଗେଜ୍ ଭାରତରେ ଥିବା ଜଣାପଡ଼ିବା ପରେ, ଏଫବିଆଇ ତାଙ୍କୁ ଭାରତୀୟ କର୍ତ୍ତୃପକ୍ଷ ଏବଂ ଇଣ୍ଟରପୋଲଙ୍କ ସହଯୋଗରେ ଗିରଫ କରିଥିଲା ।

# ମହିଳା ଅନଅଫିସିଆଲ୍ ଟେଷ୍ଟ

## ଭାରତ ଏ ୯୩/୫

ଗ୍ରୀସ୍‌ବେନ୍, ୨୧।୮ (ଏଜେନ୍ସି) : ଭାରତ ଏ ଓ ଅଷ୍ଟ୍ରେଲିଆ ଏ ମଧ୍ୟରେ ଅନଅଫିସିଆଲ୍ ଟେଷ୍ଟ ଆରମ୍ଭ ହୋଇଛି । ଗ୍ରୀସ୍‌ବେନ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ର ପ୍ରଥମ ଦିନ ବର୍ଷା ଯୋଗୁଁ ଦୁଇଟି ସେସନ୍ ସମ୍ପୂର୍ଣ୍ଣ ହୋଇଯାଇଛି । କେବଳ ୨୩.୨ ଓଭର ଖେଳ ସମ୍ଭବ ହୋଇଥିବା ବେଳେ ଭାରତ ୫ ୱିକେଟ୍ ହରାଇ ୯୩ ରନ୍ କରିଛି । ଓପନର ସାଫଲୀ ବର୍ମା ୩୫ ରନ୍ କରିଥିବା ବେଳେ ନନ୍ଦିନୀ କାଶ୍ୟପ୍, ଧାରା ଗୁର୍‌ଜର ବିନା ସ୍କୋରରେ ଆଉଟ୍ ହୋଇଥିଲେ । ତେଜଲ ହସବନିସ୍ ୯ ରନ୍, ତନୁଶ୍ରୀ ସରକାର ୧୩ ରନ୍ କରି ଆଉଟ୍ ହୋଇଥିଲେ । ରାଘବୀ ବିଷ୍ଟ ଅପରାଜିତ ୨୬ ଓ ଅଧିନାୟିକା ରାଧା ଯାଦବ ୮ ରନ୍ କରି ଅପରାଜିତ ଅଛନ୍ତି । ଅଷ୍ଟ୍ରେଲିଆ ଏ ର ଜର୍ଜିଆ ପ୍ରେଷ୍ଟୱିଡ୍ ସର୍ବାଧିକ ୩ ଟି ମୈତଲାନା ବ୍ରାଉନ୍ ଓ ସିଆନା ଜିଞ୍ଜର ଗୋଟିଏ କରି ୱିକେଟ୍ ସଫଳତା ଲାଭ କରିଛନ୍ତି । କ୍ରମାଗତ ବର୍ଷା ଲାଗି ରହିବାରୁ ମ୍ୟାଚ ଆଉ ଆଗକୁ ବଢିପାରିନଥିଲା । ଭାରତୀୟ ସିନିୟର ମହିଳା ଦଳ ଅଷ୍ଟ୍ରେଲିଆ ଗସ୍ତରେ ଏକ ପୂର୍ଣ୍ଣକାଳୀନ ଶୃଙ୍ଖଳା ଖେଳିବ ।



# ଏସିଆ କପ୍ // ଭାରତ- ପାକିସ୍ତାନ ମ୍ୟାଚ୍‌କୁ ସବୁଜ ସଂକେତ

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି) : ଏସିଆ କପ୍ ଖେଳ ସୂଚୀ ଘୋଷଣା ହେବା ଦିନଠୁ ଭାରତ - ପାକିସ୍ତାନ ମ୍ୟାଚକୁ ନେଇ ଚର୍ଚ୍ଚା ଜୋର ଧରିଛି । ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ବିପକ୍ଷରେ ଭାରତ ଖେଳିବା ଉଚିତ କି ବୋଲି ପ୍ରଶ୍ନ ହୋଇଥିଲା । ଅନେକଙ୍କ ମତ ଉକ୍ତ ମ୍ୟାଚକୁ ଭାରତ ବୟକଟ କରିବା ଉଚିତ । ଅନେକ ସମୟରେ ଭାରତୀୟ ଚାହାନ୍ତି ଯେପର୍ଯ୍ୟନ୍ତ ଆତଙ୍କବାଦ ପ୍ରସଙ୍ଗର ସମାଧାନ ହୋଇନାହିଁ ସେ ପର୍ଯ୍ୟନ୍ତ ଭାରତକୁ ପାକିସ୍ତାନ ସହ କୌଣସି ପ୍ରକାର ଖେଳ ସମ୍ପର୍କ ରଖିବା ଉଚିତ ନୁହେଁ । ଏ ସବୁ ଭିତରେ କ୍ରୀଡା ମନ୍ତ୍ରାଳୟ ପକ୍ଷରୁ ବଡ ଅପଡେଟ୍ ଆସିଛି । ଭାରତ ଓ ପାକିସ୍ତାନ ମଧ୍ୟରେ କୌଣସି ପ୍ରକାର ଦ୍ୱିପାକ୍ଷିକ ମ୍ୟାଚ ଖେଳାଯିବ ନାହିଁ । କିନ୍ତୁ ଭାରତୀୟ ଦଳକୁ ଏସିଆ କପରେ ପାକିସ୍ତାନ ପକ୍ଷରେ ଖେଳିବାକୁ ମନା ମଧ୍ୟ କରାଯାଇପାରିବ ନାହିଁ । ଏହାର ଅର୍ଥ ଭାରତ ପାକିସ୍ତାନ ମ୍ୟାଚକୁ ସବୁଜ ସଂକେତ ମିଳିଛି । ଗୁରୁବାର କ୍ରୀଡା ମନ୍ତ୍ରଣାଳୟ ଭାରତର ଅନ୍ତର୍ଜାତୀୟ କ୍ରୀଡା ସମ୍ବନ୍ଧରେ ନୂଆ ନୀତି ଜାରି କରିଛି । ଯେଉଁଥିରେ ପାକିସ୍ତାନ ସହ ସମ୍ବନ୍ଧ ଉପରେ ଗୁରୁତ୍ୱାରୋପ କରାଯାଇଛି । କ୍ରୀଡାମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ପାକିସ୍ତାନ ସହ ଦେଶର କୂଟନୈତିକ ଏବଂ ରାଜନୈତିକ ନୀତି ଯେଉଁଭଳି ରହିଛି ତାହା କ୍ରୀଡାରେ ଲାଗୁ ହେଉଛି । ଦୁଇ ଦେଶ ମଧ୍ୟରେ କଦାପି ଦ୍ୱିପାକ୍ଷିକ ମ୍ୟାଚ ଖେଳାଯିବ ନାହିଁ । ପାକିସ୍ତାନରେ ହେଉଥିବା ଟୁର୍ଣ୍ଣମେଣ୍ଟରେ ଭାରତ ଭାଗ ନେବ ନାହିଁ । ପାକିସ୍ତାନକୁ ମଧ୍ୟ ଦ୍ୱିପାକ୍ଷିକ ଶୃଙ୍ଖଳା ପାଇଁ ଭାରତରେ ଅନୁମତି ମିଳିବ ନାହିଁ ।

ବହୁ ରାଷ୍ଟ୍ର ଟୁର୍ଣ୍ଣମେଣ୍ଟରେ ଏହି ନୀତିର କୌଣସି ପ୍ରଭାବ ପଡିବ ନାହିଁ । ଏହି ହିସାବରେ ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ଭାତରକୁ ଖେଳିବା ପାଇଁ ମନା କରାଯାଇପାରିବ ନାହିଁ । କାରଣ ଆମକୁ ଅଲିମ୍ପିକ୍ସ ଚାର୍ଟରର ପାଳନ କରିବାକୁ ପଡିବ । ଏହା ଅନ୍ତର୍ଜାତୀୟ କ୍ରୀଡାରେ ଭାରତର ଭାଗିଦାରିର ନୀତିକୁ ଦର୍ଶାଉଛି । ସେପ୍ଟେମ୍ବର ୯ ରୁ ଏସିଆ କପ୍ ୟୁଏଇର ଦୁଇଟି ସହର ଦୁବାଇ ଓ ଆବୁଧାବିରେ ଖେଳାଯିବ । ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ବହୁ ପ୍ରତିକ୍ଷିତ ମ୍ୟାଚ ସେପ୍ଟେମ୍ବର ୧୪ ରେ ଖେଳାଯିବ ।ପୁଣି ଦୁଇ ଦଳ ପରସ୍ପର ସୁପର ୪ ରେ ଭେଟିପାରନ୍ତି । ଏତଦ୍ ବ୍ୟତୀତ ଫାଇନାଲରେ ମୁହାଁମୁହିଁ ହେବାର ସମ୍ଭାବନା ରହିଛି । ଯଦି ଏପରି ହୁଏ ତେବେ ଚଳିତ ଏସିଆ କପ୍‌ରେ ଭାତର - ପାକିସ୍ତାନ ୩ ଥର ପରସ୍ପରକୁ ଭେଟିପାରନ୍ତି ।




# ଅଗରକରଙ୍କ କାର୍ଯ୍ୟାକାଳ ବଢିଲା

ମୁମ୍ବାଇ, ୨୧।୮ (ଏଜେନ୍ସି) : ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ପକ୍ଷରୁ (ବିସିସିଆଇ) ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକରଙ୍କୁ ବଡ ଉପହାର ମିଳିଛି ।ଅଗରକରଙ୍କ କାର୍ଯ୍ୟକାଳକୁ ବିସିସିଆଇ ବଢାଇଛି । ଜୁନ୍ ୨୦୨୩ରେ ଅଗରକର ଭାରତୀୟ ଦଳର ମୁଖ୍ୟ ଚୟନକର୍ତ୍ତା ହୋଇଥିଲେ । ତାଙ୍କ କାର୍ଯ୍ୟକାଳ ଦୁଇବର୍ଷ ଥିଲା । କିନ୍ତୁ ବର୍ତ୍ତମାନ ଏହାକୁ ଆଉ ଗୋଟିଏ ବର୍ଷ ଅର୍ଥାତ୍ ୨୦୨୬ ଜୁନ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ବହୁବାର ସେ ଦଳ ଚୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଛନ୍ତି । ତାଙ୍କ ଚୟନ ଆଧାରରେ ଭାରତୀୟ ଦଳ ୨୦୨୪ ଟି -୨୦ ବିଶ୍ୱ କପ୍ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା । ନିକଟରେ ଅଜିତ୍ ଅଗରକର ଏସିଆ କପ୍ ୨୦୨୫ ପାଇଁ ମଧ୍ୟ ଦଳ ଚୟନ କରିଛନ୍ତି । ଅନ୍ୟପଟେ ଜଣେ ଅଭିଜ୍ଞ ଖେଳାଳିଙ୍କୁ ତାଙ୍କ ପଦରୁ ହଟାଇ ଦିଆଯାଇଛି ।




ଅଗରକରଙ୍କ କାର୍ଯ୍ୟକାଳ ମଧ୍ୟରେ ଭାରତୀୟ ଦଳ ଅନେକ ଟାଇଟଲ୍ ଜିତିଛି । ଟେଷ୍ଟ ଏବଂ ଟି-୨୦ ଅନ୍ତର୍ଜାତୀୟ ଦଳରେ ମଧ୍ୟ ପରିବର୍ତ୍ତନ ହୋଇଥିଲା । ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ୨୦୨୬ ଜୁନ୍ ପର୍ଯ୍ୟନ୍ତ ତାଙ୍କ ଚୁକ୍ତିନାମାକୁ ବୃଦ୍ଧି କରିଛି । ସେ କିଛି ମାସ ପୂର୍ବରୁ ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ । ଟିମ୍ ଇଣ୍ଡିଆର ବର୍ତ୍ତମାନର ଚୟନ କମିଟିରେ ଅଜିତ୍ ଅଗରକର ଓଡିଶାର ଶିବସୁନ୍ଦର ଦାସ, ସୁବ୍ରୋତୋ ବାନାର୍ଜୀ, ଅଜୟ ରାତ୍ରା ଏବଂ ଏସ ଶରତ ଅଛନ୍ତି । ସେପ୍ଟେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ସାଧାରଣ ବୈଠକ ପରେ ଚୟନ କମିଟିରେ କିଛି ପରିବର୍ତ୍ତନ ହେବ । ସେପ୍ଟେମ୍ବର ୨୦୨୧ରେ ଶରତ ଜୁନିୟର ଚୟନ କମିଟିର ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ । ୨୦୨୩ରେ ତାଙ୍କୁ ବରିଷ୍ଠ ଚୟନ କମିଟିକୁ ଅଣାଯାଇଥିଲା । ସେ ଏବେ ୪ ବର୍ଷ ପୂରଣ କରିବେ ରିପୋର୍ଟ ଅନୁଯାୟୀ ବୋର୍ଡ ତାଙ୍କ ସ୍ଥାନରେ ଜଣେ ନୂଆଙ୍କୁ ନେଇପାରେ ।

# ରୋହିତଙ୍କ ସ୍ଥାନ ନେବେ ଶ୍ରେୟାସ !

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି) : ଭାରତୀୟ ଦିନିକିଆ ଦଳର ଅଧିନାୟକ ଖୋଜା ଚାଲିଛି । ଏହା ଭିତରେ କୁହାଯାଉଛି ଯେ ରୋହିତ ଶର୍ମାଙ୍କ ସ୍ଥାନ ନେବେ ଶ୍ରେୟାସ ଆୟର । ଜାତୀୟ ଗଣମାଧ୍ୟରେ ଚର୍ଚ୍ଚା ଅନୁସାରେ ଦିନିକିଆ ଦଳରେ ଶ୍ରେୟାସ ଆୟରଙ୍କୁ ଅଧିନାୟକ କରିବାକୁ ଚାହିଁଛି ବିସିସିଆଇ । ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ଶ୍ରେୟାସଙ୍କୁ ଅଧିନାୟକ କରିବାକୁ ପ୍ଲାନ୍ ରହିଛି । ରୋହିତ ଶର୍ମା ଦିନିକିଆ ଦଳର ଅଧିନାୟକ ଅଛନ୍ତି । କିନ୍ତୁ ରୋହିତ ଆଉ କେତେ ଦିନ ଖେଳିବେ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ । ଟେଷ୍ଟ ଏବଂ ଟି-୨୦ ରୁ ସେ ଅବସର ନେଇସାରିଛନ୍ତି । ଶୁଭମନ୍ ଗିଲଙ୍କୁ ଦିନିକିଆ ଦଳର ଅଧିନାୟକ କରିବାକୁ ବିସିଆଇ ରାଜି ନାହିଁ । ଆଇପିଏଲ୍ ୨୦୨୫ରେ ଭାରତୀୟ ଖେଳାଳି ଭାବେ ସର୍ବାଧିକ ଛକା ମାରିବା ସତ୍ତ୍ୱେ ଆୟରଙ୍କୁ ଏସିଆ କପ୍ ଦଳରେ ସ୍ଥାନ ଦିଆଗଲା ନାହିଁ । ଦିନିକିଆ, ଟି-୨୦ ଓ ଟେଷ୍ଟ ଦଳ ପାଇଁ ଅଲଗା ଅଲଗା ଅଧିନାୟକ କରିବାକୁ ଯୋଜନା ହୋଇଛି । ତେଣୁ ଶୁଭମନ୍ ଗିଲ୍ ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ । ସେହିଭଳି ଟି-୨୦ ଫର୍ମାଟରେ ସୂର୍ଯ୍ୟକୁମାର ଯାଦବ ଦଳର ଅଧିନାୟକ ଅଛନ୍ତି । ତେଣୁ କେବଳ ଦିନିକିଆରେ ଅଧିନାୟକ ଖୋଜା ଚାଲିଛି । ଶ୍ରେୟାସ ଆୟର ଆଇପିଏଲ୍ ୨୦୨୪ରେ କୋଲକାତା ନାଇଟ୍ ରାଇଡର୍ସର ଅଧିନାୟକ ଥିଲେ । ତାଙ୍କ ନେତୃତ୍ୱରେ ଦଳ ଚାମ୍ପିଅନ୍ ହୋଇଥିଲା । ୨୦୨୫ରେ ଶ୍ରେୟାସ ପଞ୍ଜାବ କିଙ୍ଗସର ଅଧିନାୟକ ହୋଇଥିଲେ । ତାଙ୍କ ନେତୃତ୍ୱରେ ଦଳ ଆଇପିଏଲର ଫାଇନାଲରେ ପହଞ୍ଚିଥିଲା । ଆଇପିଏଲ୍ ୨୦୨୫ରେ ଶ୍ରେୟାସ ୬୦୦ ଅଧିକ ରନ୍ କରିଛନ୍ତି । ୭୦ ରୁ ଅଧିକ ଦିନିକିଆ ମ୍ୟାଚ୍ ଖେଳିଥିବା ଶ୍ରେୟାସ ୨୮୪୫ ରନ୍ କରିଛନ୍ତି । ସେ ୫ ଟି ଶତକ ମଧ୍ୟ ମାରିଛନ୍ତି ।




# ରାଜ୍ୟସ୍ତରୀୟ ହକି : କ୍ୱାର୍ଟରରେ ମୟୂରଭଞ୍ଜ ବାଳିକା ଦଳ

ବାରିପଦା, (ସବୁ୍ୟ) : ହକି ଏସୋସିଏସନ ଅଫ ଓଡିଶା ଆନୁକୂଲ୍ୟରେ ରାଉରକେଲାଠାରେ ଅନୁଷ୍ଠିତ ୪ର୍ଥ ରାଜ୍ୟସ୍ତରୀୟ ସବ ଜୁନିୟର ବାଳିକା ହକି ଚମ୍ପିୟାନସିପରେ ମୟୂରଭଞ୍ଜ ଦଳ ବେଶ ସଫଳତା ହାସଲ କରିଛି ଓ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ମୟୂରଭଞ୍ଜ ଦଳ ଶକ୍ତିଶାଳୀ ନୟାଗଡକୁ ୯-୦ ଏବଂ ଅନୁଗୁଳକୁ ୨-୦ ଗୋଲରେ ପରାସ୍ତ କରି କ୍ୱାଟର ଫାଇନାଲରେ ପ୍ରବେଶ କରିଛି। ତତ୍‌ସହିତ ଏହି ସଫଳତା ପରେ ମୟୂରଭଞ୍ଜ ଦଳ ଜାତୀୟ ସ୍ତରୀୟ ଅସ୍ମିତା ଖେଲୋ ଇଣ୍ଡିଆ ହକି ଚମ୍ପିୟାନସିପରେ ଅଂଶଗ୍ରହଣ କରିବା ପାଇଁ ସୌଭାଗ୍ୟ ଅର୍ଜନ କରିଛି ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଜଣାଇଛନ୍ତି। ପ୍ରକାଶଥାଉକି ମୋରଡା ବ୍ଲକ ସ୍ଥିତ ଚଢେଇଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ତୃଣମୂଳ ସ୍ତରରେ କୁନିକୁନି ହକି ପ୍ରତିଭାମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଅଭିଜ୍ଞ ହକି ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଉଅଛି ଓ ଖବର ପାଇ ଜିଲ୍ଲାପ୍ରଶାସନ, ଜିଲ୍ଲା କ୍ରୀଡା ବିଭାଗ, ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସମସ୍ତ କର୍ମଚାରୀ ତଥା ବିଭିନ୍ନ ମହଲରୁ ଦଳକୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ମ୍ୟାଚ ପାଇଁ ଶୁଭକାମନା ଜଣାଇଛନ୍ତି।



## ରାଜ୍ୟ କନିଷ୍ଠ, ଉପକନିଷ୍ଠ ଆଥଲେଟିକ୍ସ

# ଦିବ୍ୟାଙ୍ଗ ଲିପିପୁଷ୍ପାଙ୍କୁ ୩ ସ୍ୱର୍ଣ୍ଣ

ନୀଳଗିରି, (ସବୁ୍ୟ): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ରେ ଅନୁଷ୍ଠିତ ରାଜଯ ସ୍ତରୀୟ କନିଷ୍ଠ ଓ ଉପ କନିଷ୍ଠ ପାରା ଆଥଲେଟିକ୍ ପ୍ରତିଯୋଗିତା ରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସି ୧୦ ନମ୍ବର ଓ୍ୱାଡ଼ କାହାଳିଆ ଗ୍ରାମର ଅନିରୁଦ୍ଧ ଭୋଳଙ୍କ ଝିଅ ଲିପିପୁଷ୍ପା ଙ୍କୁ ଏଫ ୫୫ କେଜି କେଟେଗୋରି ଜାଭଲିନ୍ ଥ୍ରୋ ରେ ସ୍ୱର୍ଣ୍ଣ ପଦକ ସହ ସଟ ଫୁଟ ଥ୍ରୋ ରେ ସ୍ୱର୍ଣ୍ଣ ପଦକ ସହ ଡିସ୍କସ ଥ୍ରୋ ରେ ସ୍ୱର୍ଣ୍ଣ ପଦକ ହାସଲ କରି ବାଲେଶ୍ୱର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ।ଏହି ଆଥଲେଟିକ୍ ରେ ୨୯ ଜିଲ୍ଲା ରୁ ଦିବଯାଙ୍ଗ ଖେଳାଳି ଭାଗ ନେଇଥିଲେ । ସେଥିମଧ୍ୟରୁ ଲିପିପୁଷ୍ପା ଏହି କୃତିତ୍ୱ ପାଇଁ ବାଲେଶ୍ୱର ଜିଲ୍ଲା ଗୌରବ ବୃଦ୍ଧି କରିଛି । ନିଜର ପଢା ଚାଲୁଥିବା ସମୟରେ ଗୋଟେ ଦୁର୍ଘଟଣା ରେ ତାଙ୍କ ମେରୁଦଣ୍ଡ ଶିର ଆଘାତ ପରେ ଦିବଯାଙ୍ଗ ହୋଇ ଶାରୀରିକ ଅକ୍ଷମତା ହୋଇଥିଲେ । କିନ୍ତୁ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭଲ ଅଛନ୍ତି । ସେ କହିଛନ୍ତି ଯେ ଜାତୀୟ ସ୍ତର ର ଖେଳାଳି ଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିବା ପଛରେ ଓଲଟପୁର ର ସ୍ୱାମୀ ବିବେକାନନ୍ଦ ନେସନାଲ ଇନ୍‌ଷ୍ଟିଚ୍ୟୁସନ ଅଫ ରିହେବିଲିଟେସନ ଟ୍ରେନିଙ୍ଗ ଏଣ୍ଡ ରିସର୍ଚ୍ଚ ର ଭୂମିକା ରହିଛି । ଲିପିପୁଷ୍ପା ବିଗତ ୫ମାସ ପୂର୍ବରୁ ସେଠାରେ ରହି ନିଜର ଅଭ୍ୟାସ ଜାରିରଖି କଠିନ ପରିଶ୍ରମ ଫଳରେ ଆଜି ୩ ଗୋଟି ସ୍ୱର୍ଣ୍ଣ ପଦକ ଜିତି ପାରିଛନ୍ତି ବୋଲି ପ୍ରକାଶ କରିଛନ୍ତି । ଚଳିତ ମାସ ମଧ୍ୟପ୍ରଦେଶ ର ଗ୍ୱାଓ୍ୱାଲିୟର୍ ଠାରେ ହେବାକୁ ଥିବା ଜାତୀୟ କନିଷ୍ଠ ଓ ଉପ କନିଷ୍ଠ ପାରା ଆଥଲେଟିକ୍ ରେ ସାମିଲ ହେବାକୁ ଯୋଗଯ ବିବେଚିତ ହୋଇଛନ୍ତି । ତେବେ ବାପା ଜଣେ ଦିନ ମଜୁରିଆ ହୋଇଥିବା ବେଳେ ମାଆ ମମତା ଭୋଳ ଜଣେ ଗୃହିଣୀ ଅଟନ୍ତି । ପରିବାରର ଆର୍ଥିକ ମାନ ଦଣ୍ଡ ସ୍ୱଚ୍ଛଳ ନଥିବାରୁ ଯଦି ବାଲେଶ୍ୱର ଜିଲ୍ଲାପାଳ ସହାୟତାର ହାତ ବଢ଼ାନ୍ତେ ତେବେ ସେ ଜାତୀୟସ୍ତରରେ ନିଜର ନା ସହ ଓଡ଼ିଶା ର ନାମ କୁ ଗୌରବାନ୍ୱିତ କରିବେ ବୋଲି ଆଶା ରଖିଛନ୍ତି ।




# ଅଷ୍ଟ୍ରେଲିଆ ଏ ବିପକ୍ଷରେ ଖେଳିବେ ରୋହିତ

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି) : ରୋହିତ ଶର୍ମା ଅକ୍ଟେବରରେ ଅଷ୍ଟ୍ରେଲିଆ ବିପକ୍ଷ ଶୃଙ୍ଖଳା ପରେ ଅନ୍ତର୍ଜାତୀୟ ଦିନିକିଆରୁ ଅବସର ନେବେ ବୋଲି ଚର୍ଚ୍ଚା ହେଉଛି । ତଥାପି ରୋହିତଙ୍କ କାର୍ଯ୍ୟକଳାପ ଅନ୍ୟ କିଛି ଦର୍ଶାଉଛି । ରୋହିତ ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ଭାରତରେ ଅଷ୍ଟ୍ରେଲିଆ ଏ ବିପକ୍ଷ ଶୃଙ୍ଖଳା ଖେଳିବାକୁ ଚାହାଁନ୍ତି । ରୋହିତ ଏହି ଶୃଙ୍ଖଳାରେ ଭଲ ପ୍ରଦର୍ଶନ କରି ଆତ୍ମ ବିଶ୍ୱାସର ସହ ଅଷ୍ଟ୍ରେଲିଆ ଗସ୍ତରେ ଯିବାକୁ ଚାହାଁନ୍ତି । ସେପ୍ଟେମ୍ବର ୩୦ ରୁ ଅକ୍ଟୋବର ୫ ମଧ୍ୟରେ ଅଷ୍ଟ୍ରେଲିଆ ଏ ବିପକ୍ଷରେ ଭାରତୀୟ ଏ ଦଳ ଅନୌପଚାରିକ ଦିନିକିଆ ଶୃଙ୍ଖଳା ଖେଳିବ । ଦୁଇଟି ଟେଷ୍ଟ ଲକ୍ଷ୍ନୌରେ ଏବଂ ୩ ଟି ଦିନିକିଆ କାନପୁରରେ ହେବ । ଭାରତୀୟ ଦଳରେ ସ୍ଥାନ ବଜାୟ ରଖିବାକୁ ରୋହିତ ଶର୍ମା ସବୁକିଛି ଚେଷ୍ଟା କରୁଛନ୍ତି । ସେଥିପାଇଁ ରୋହିତ ଅଷ୍ଟ୍ରେଲିଆ ଏ ବିପକ୍ଷରେ ଖେଳିବାକୁ ପ୍ରସ୍ତୁତ ହେଉଛନ୍ତି ।




# କାମ୍ବ୍ଳୀ ଅସୁସ୍ଥ

ମୁମ୍ବାଇ, ୨୧।୮ (ଏଜେନ୍ସି) : ପୂର୍ବତନ ଭାରତୀୟ କ୍ରିକେଟର ତଥା ସଚିନ ତେନ୍ଦୁଲକରଙ୍କ ବନ୍ଧୁ ବିନୋଦ କାମ୍ବ୍ଳୀ ଅସୁସ୍ଥ ହୋଇପଡିଛନ୍ତି । ଭାଇ ବିରେନ୍ଦ୍ର କାମ୍ବ୍ଳି କହିଛନ୍ତି ଯେ ସେ ଠିକ୍‌ରେ କଥା କହିପାରୁନାହାଁନ୍ତି । ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସେଭଳି ଉନ୍ନତି ହୋଇନାହିଁ । ଗତ ୨୦୨୪ ଡିସେମ୍ବର ୨୧ରେ କାମ୍ବ୍ଳୀ ୟୁରିନ୍ ଇନ୍‌ଫେକସନ୍ ଯୋଗୁଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଦୀର୍ଘ ଦିନ ହେବ କାମ୍ବ୍ଳୀ ଅସୁସ୍ଥ ଅଛନ୍ତି । ବ୍ରେନ୍ ସ୍କାନ୍, ୟୁରିନ୍ ଟେଷ୍ଟ ଓ ଅନ୍ୟସବୁ ପରୀକ୍ଷା କରାଯାଇଛି । ଡାକ୍ତରଙ୍କ କହିବା ଅନୁସାରେ ସ୍ଥିତି ନିୟନ୍ତ୍ରଣ ଅବସ୍ଥାରେ ରହିଛି । ସେ ଖୁବ୍ ଶୀଘ୍ର ସୁସ୍ଥ ହେବେ ବୋଲି ତାଙ୍କ ଭାଇ କହିଛନ୍ତି । କାମ୍ବ୍ଳୀ ଭାରତ ପକ୍ଷରୁ ୧୭ ଟି ଟେଷ୍ଟ ଓ ୧୦୪ ଟି ଦିନିକିଆ ମ୍ୟାଚ ଖେଳିଛନ୍ତି । ଅବସର ନେବା ପରେ ସେ ନିଶା କବଳରେ ପଡିଯାଇଥିଲେ । ତାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରେ ଲାଗିଥିଲା । ୨୦୧୩ରେ ତାଙ୍କୁ ଦୁଇଥର ହାଟ୍‌ହାଟାକ୍ ଆସିଥିଲା ।

# କାଶ୍ମିରୀରେ ଖେଲୋ ଇଣ୍ଡିଆ ଜଳକ୍ରୀଡା ମହୋତ୍ସବ

ଶ୍ରୀନଗର, ୨୧।୮ (ଏଜେନ୍ସି) : ଜାମ୍ମୁ -କାଶ୍ମିରୀର ଶ୍ରୀନଗରର ପ୍ରସିଦ୍ଧ ଡାଲ୍ ହ୍ରଦରେ ପ୍ରଥମ ଥର ପାଇଁ ଖେଲୋ ଇଣ୍ଡିଆ ଜଳକ୍ରୀଡା ମହୋତ୍ସବ ଆରମ୍ଭ ହୋଇଛି । ତିନିଦିନିଆ ଏହି ଜଳକ୍ରୀଡା ମହୋତ୍ସବ ୨୩ ତାରିଖରେ ଶେଷ ହେବ । ଦେଶର ୩୬ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ୪୦୦ ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି । ୱାଟର ସ୍କିଇଂ, ଡ୍ରାଗନ୍ ବୋର୍ଡ ଭଳି ମନୋରଞ୍ଜନ ମୂଳକ ଇଭେଣ୍ଟରେ ଅଂଶଗ୍ରହଣ କରିବେ । ରୋଇଙ୍ଗ୍, କାନୋଇଁ କାୟାକିଂ ଅନ୍ତର୍ଭୂକ୍ତ । ସରକାର ଜାମ୍ମୁ- କାଶ୍ମିରକୁ ଭାରତର ଏକ ପ୍ରମୁଖ କ୍ରୀଡା କେନ୍ଦ୍ର ଭାବେ ପ୍ରତିଷ୍ଠା କରିବା ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି । ଭାରତୀୟ କ୍ରୀଡା ପ୍ରାଧିକରଣ ଏବଂ ଜମ୍ମୁ- କାଶ୍ମିର କ୍ରୀଡା ପରିସର ମିଳିତ ଭାବେ ଏହି ପ୍ରତିଯୋଗିତା ଆୟୋଜନ କରିଛନ୍ତି ।

# ଏଣିକି ଦ୍ରୁତ ବୋଲରଙ୍କ ପାଇଁ ବ୍ରୋଙ୍କୋ ଟେଷ୍ଟ

ମୁମ୍ବାଇ, ୨୧।୮ (ଏଜେନ୍ସି) : ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ( ବିସିସିଆଇ) ଖେଳାଳିଙ୍କ ପ୍ରତି କଠୋର ହେଉଛି । ବିଶେଷ କରି ଖେଳାଳିଙ୍କ ଫିଟ୍‌ନେସ୍‌କୁ ଅଧିକ ଗୁରୁତ୍ୱ ଦିଆଯାଉଛି । ରଗ୍‌ବୀ କ୍ରୀଡାରେ ପ୍ରଚଳିତ ବ୍ରୋଙ୍କୋ ଟେଷ୍ଟ ଏବେ କ୍ରିକେଟ୍‌ରେ ଲାଗୁ ହେବାକୁ ଯାଉଛି । ଖେଳାଳିଙ୍କ ଏରୋବିକ୍ କ୍ଷମତା ଓ ରନିଙ୍ଗ୍ ଷ୍ଟାମିନା ପରୀକ୍ଷା କରିବା ପାଇଁ ବ୍ରୋଙ୍କୋ ଟେଷ୍ଟ ହେବ । ଏହା ସହିତ ଏହି ପରୀକ୍ଷା ପଡିଆରେ ରହିବା ଏବଂ ଦୀର୍ଘ ଦୂରତା ଦୌଡିବାର କ୍ଷମତା ବି ଯାଞ୍ଚ କରାଯିବ । ଏହି ବ୍ରୋଙ୍କୋ ଟେଷ୍ଟ କେବଳ ବୋଲରଙ୍କ ପାଇଁ ଲାଗୁ ହେବ । ଏହି ପରୀକ୍ଷାରେ ପାସ୍ କରିବା ପରେ ହିଁ ଖେଳାଳିଙ୍କୁ ଟିମ୍ ଇଣ୍ଡିଆରେ ସ୍ଥାନ ମିଳିବ । ଖେଳାଳିଙ୍କ ଷ୍ଟାମିନା ବୃଦ୍ଧି କରିବା ଏବଂ ସେମାନଙ୍କୁ ଦୀର୍ଘ ସମୟ ଫିଟ୍ ରଖିବା ପାଇଁ ବ୍ରୋଙ୍କୋ ଟେଷ୍ଟକୁ ବାଧ୍ୟତା ମୂଳକ କରାଯାଇଛି ।





## ବ୍ରୋଙ୍କୋ ଟେଷ୍ଟ କ'ଣ ?

ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବ୍ରୋଙ୍କୋ ଟେଷ୍ଟ କ'ଣ ? ବ୍ରୋଙ୍କୋ ଟେଷ୍ଟ ହେଉଛି ଏକ ଫିଟ୍‌ନେସ୍ ଟେଷ୍ଟ । ଖେଳାଳିଙ୍କ ଏରୋବିକ୍ କ୍ଷମତା ଓ ରନିଙ୍ଗ୍ ଷ୍ଟାମିନା ସବୁକିଛି ବ୍ରୋଙ୍କୋ ଟେଷ୍ଟ ମାଧ୍ୟମରେ ହୋଇଥାଏ । ଏଥିରେ ଖେଳାଳିଙ୍କୁ ଗୋଟିଏ ସେଟ୍‌ରେ ୨୦ ମିଟର , ୪୦ ମିଟର ଓ ୬୦ ମିଟର ସଟଲ୍ ରନ୍ କରିବାକୁ ପଡିବ । ଖେଳାଳିଙ୍କୁ ନୀରବଚ୍ଛିନ୍ନ ଭାବେ ୫ ଟି ସେଟ୍ ଶେଷ କରିବାକୁ ପଡିବ । ଭାରତୀୟ ଖେଳାଳିଙ୍କୁ ୬ ମିନିଟ୍ ମଧ୍ୟରେ ବ୍ରୋଙ୍କୋ ଟେଷ୍ଟ ପାସ୍ କରିବାକୁ କୁହାଯାଇଛି ।ଜଣେ ଖେଳାଳି ୫ ଟି ସେଟ୍‌ରେ ପ୍ରାୟ ୧୨୦୦ ମିଟର ଦୌଡିବେ ।

## କାହିଁକି ବ୍ରୋଙ୍କୋ ଟେଷ୍ଟ ?

ବ୍ରୋଙ୍କୋ ଟେଷ୍ଟକୁ ଲାଗୁ କରିବାକୁ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ଆଡ୍ରିଆନ୍ ଲେରକ୍ସ ସୁପାରିସ କରିଥିଲେ । ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ମଧ୍ୟ ଏଥିରେ ରାଜି ହୋଇଥିଲେ । ଲେରକ୍ସ ଚାହାଁନ୍ତି ଯେ ଦ୍ରୁତ ବୋଲରମାନେ ଜିମ୍ ଅପେକ୍ଷା ଦୌଡ ଉପରେ ଅଧିକ ଧ୍ୟାନ ଦିଅନ୍ତୁ । ଭାରତୀୟ ବୋଲର ଟେଷ୍ଟ କ୍ରିକେଟ୍‌ରେ ଲମ୍ବା ସ୍ପେଲ୍ ବୋଲିଂ କରିବାରେ ବିଫଳ ହେଉଛନ୍ତି । ସମ୍ପ୍ରତି ଇଂଲଣ୍ଡ ଗସ୍ତରେ କେବଳ ମହମ୍ମଦ ସିରାଜ ୫ ଟି ଟେଷ୍ଟ ଖେଳିପାରିଥିଲେ । ପ୍ରତ୍ୟେକ ସେସନ୍‌ରେ ସମାନ ଗତିରେ ବୋଲିଂ କରିଥିଲେ । ଅନ୍ୟ ବୋଲରମାନେ ଲମ୍ବା ସ୍ପେଲ୍ ପକାଇବାକୁ ଚେଷ୍ଟା କରି ଧକି ଯାଉଛନ୍ତି । ଏଥିପାଇଁ ଏହି ନୂଆ ଫିଟ୍‌ନେସ୍ ପରୀକ୍ଷା ପ୍ରଚଳନ କରାଯାଇଛି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି